

ରୋହିତ ଶର୍ମାଙ୍କୁ କରୋନା ।୧୧

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play
Download on the App Store


ବହୁଭାଷୀ ଫିଲ୍ମରେ ଉର୍ବଶୀ ।୧୨

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଉନବିଂଶ ବର୍ଷ ସଂଖ୍ୟା-୧୦୪ Vol. 19 No-104 27 JUNE 2022 MONDAY BHUBANESWAR ସୋମବାର, ୨୭ ଜୁନ୍ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦


## ସଂକ୍ଷେପରେ...

### ୬ ନିଶା ବେପାରୀ ଗିରଫ

ଭୁବନେଶ୍ୱର, ୨୬।୬, (ଭାସ୍କର ନ୍ୟୁଜ୍) : ରାଜଧାନୀ ଭୁବନେଶ୍ୱରରେ ଚୋରା ନିଶା କାରବାର କରୁଥିବା ୬ ଜଣଙ୍କୁ ଶହିଦନଗର ଥାନା ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ବିପୁଳ ପରିମାଣର ଗଞ୍ଜେଇ ଓ ବ୍ରାଉନସୁଗର ଜବତ କରାଯାଇଛି। ଶହିଦନଗର ପୋଲିସ ବାଣୀବିହାର ଅଞ୍ଚଳରୁ ୧ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ସେହିପରି ଶାନ୍ତିପଲ୍ଲୀ ବସ୍ତିରୁ ୪୦ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଜେଇଇ ମେନ୍ ଆରମ୍ଭ

ଭୁବନେଶ୍ୱର, ୨୬।୬(ଭାସ୍କର ନ୍ୟୁଜ୍) : ଓଡ଼ିଶାର ୨୪ଟି ସହରରେ ଜେଇଇ ମେନ୍-୧ ଆରମ୍ଭ ହୋଇଛି। ପ୍ରାୟ ୩୫ ହଜାର ପରୀକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ୨୦୨୨ ଶିକ୍ଷାବର୍ଷରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା କରାଯାଉଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲୁ ରହିବ। ପରୀକ୍ଷା ଲାଗି ସାରା ଦେଶରେ ୫୦୧ଟି ଓ ବିଦେଶରେ ୨୨ଟି ସହରରେ ପରୀକ୍ଷାକେନ୍ଦ୍ର କରାଯାଇଛି।


### କୋଟିଏ ଟଙ୍କାର ବ୍ରାଉନସୁଗର ଜବତ, ୪ ଗିରଫ

ଭୁବନେଶ୍ୱର, ୨୬।୬, (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ଏବେ ବ୍ରାଉନସୁଗରର ଚୋରା କାରବାର ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଯଦିଓ ବହୁ ସମୟରେ ପୋଲିସ ଓ ଅବକାରୀ ବିଭାଗ ବିପୁଳ ପରିମାଣର ବ୍ରାଉନସୁଗର ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରୁଛନ୍ତି ତଥାପି ଏହା ଥମିବାର ନାଁ ନେଉନାହିଁ। ରବିବାର ଏସ୍‌ଟିଏଫ୍ ଖୋର୍ଦ୍ଧାର • ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୧୫,୬୯୯.୨୫
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୨୬।୬ ର ମତାମତ**

ଓଡ଼ିଆ ଝିଅଭାବେ ଦ୍ରୌପଦୀଙ୍କୁ ରାଜ୍ୟ କଂଗ୍ରେସ ସମର୍ଥନ ଯୋଗାଇବା ଉଚିତ ନୁହେଁ କି ?




**ଆଜିର ପ୍ରସଙ୍ଗ**

ରଥଯାତ୍ରାରେ କରୋନା ସଂକ୍ରମଣକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଘୋଷଯାତ୍ରାକୁ ଆଉ ମାତ୍ର ୪ ଦିନ

# ଘାରିଲା କରୋନା ଚିନ୍ତା




**ସଂକ୍ରମଣ ବୃଦ୍ଧି ନେଇ ସରକାରଙ୍କ ଉଦ୍‌ବେଗ**
**୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଆକଳନ**
**ସତର୍କ ରହିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ**

ଭୁବନେଶ୍ୱର/ପୁରୀ, ୨୬।୬, (ଭାସ୍କର ନ୍ୟୁଜ୍) : ଦେଶରେ ପୁଣି ଥରେ କରୋନା ସଂକ୍ରମଣ ଉପରମୁହାଁ ହୋଇଥିବାବେଳେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଗୋଟିଏ ଦିନରେ ୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଆସନ୍ତା ଜୁଲାଇ ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିନେଇ ସମସ୍ତ ପ୍ରସ୍ତୁତିପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ରଥଯାତ୍ରାରେ ୧୦ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ନେଇ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ତେବେ ଏହି ସମୟରେ ଯଦି ଲୋକମାନେ ସଚେତନ ନ ହୁଅନ୍ତି ତେବେ ସଂକ୍ରମଣ ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ରହିଛି। କାରଣ ୧୦ ଲକ୍ଷ ଭକ୍ତଙ୍କ • ପୃଷ୍ଠା ୮ ଦେଖନ୍ତୁ

### ୩ ରଥରେ ଶେଷ ସ୍ପର୍ଶ

ପୁରୀ, ୨୬।୬, (ଭାସ୍କର ନ୍ୟୁଜ୍) : ଆଉ ମାତ୍ର ୪ ଦିନ ପରେ ଅନୁଷ୍ଠିତ ହେବ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିନେଇ ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱକର୍ମାଙ୍କ ନିର୍ଦ୍ଦେଶକ୍ରମେ ଭୋଇ ସେବକମାନେ ରବିବାର ୩ ରଥରେ କଳସ ସହ ଓଲଟ ଶୁଆ ସ୍ଥାପନ କରିଛନ୍ତି। ରଥ ଉପରେ ବିଶ୍ୱକର୍ମାମାନେ ସିଂହାସନ କାମ ଜାରି ରଖିଥିବାବେଳେ ଏଥିରେ ପଟା ବାଡ଼ିଆ ଯାଇ ବୁଜାଯାଉଛି। ସେହିପରି ରୂପକାରମାନେ ପ୍ରଭାରେ କୀର୍ତ୍ତିମୁଖ ଓ ଉଭୟ ପାର୍ଶ୍ୱରେ ମଗରମୁଣ୍ଡ କରୁଛନ୍ତି। ଜୁଲାଇ ୧ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀମନ୍ଦିର ଛାଡ଼ି ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଭକ୍ତଙ୍କ ଗହଣରେ ମାନବୀୟ ଲୀଳା କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ରଥର ଦୁଆରଘଡ଼ାକୁ ମଜଭୁତ କରିବା ପାଇଁ ଧ୍ୱଜାବତା ଲଗାଯାଇଛି। ଏଥିରେ ମହାପ୍ରଭୁଙ୍କ ଆଜ୍ଞାମାଳ ସ୍ଥାପନ ହେବ। ସେହିପରି ଚିତ୍ରକର ସେବକମାନେ ରଥର ବିଭିନ୍ନ ଅଂଶକୁ ରଙ୍ଗ ଦେଇ ଚାଲିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟର ଉପର ମହଲାରେ • ପୃଷ୍ଠା ୮ ଦେଖନ୍ତୁ

## ଦ୍ରୌପଦୀଙ୍କ ସହ କଥା ହେଲେ ନବୀନ

# ଆପଣଙ୍କ ପ୍ରାର୍ଥିତ୍ୱ ଓଡ଼ିଶା ପାଇଁ ଗର୍ବର ବିଷୟ



● ରାଷ୍ଟ୍ରପତି ନିର୍ବାଚନ ନେଇ ଶୁଭେଚ୍ଛା ଜଣାଇଲେ
● ଓଡ଼ିଶାରୁ ସବୁ ଭୋଟ ମିଳିବା ନେଇ ପ୍ରୟାସ କରିବୁ

ନୂଆଦିଲ୍ଲୀ, ୨୬।୬ : ଗତ ୨୦ ତାରିଖରୁ ବିଦେଶ ଗସ୍ତରେ ଯାଇଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଫୋନ୍ ଯୋଗେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସହ କଥା ହୋଇଛନ୍ତି। ସେ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ବିଜୟ କାମନା କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆପଣଙ୍କ ପ୍ରାର୍ଥିତ୍ୱ ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ। ଓଡ଼ିଶାରୁ ଯେପରି ସବୁ ଭୋଟ ଆପଣଙ୍କ ସପକ୍ଷରେ ଯିବ ସେ ନେଇ କାମ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ଓଡ଼ିଶାର ଝିଅ ତଥା ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଏନଡିଏ ପକ୍ଷରୁ ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିପକ୍ଷରେ ମିଳିତ ବିରୋଧୀଦଳ ମେଣ୍ଟର ପ୍ରାର୍ଥୀଭାବେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶୋବନ୍ତ ସିହ୍ନା ନିର୍ବାଚନ ଲଢୁଛନ୍ତି । ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀଭାବେ ଗତ ୨୪ ତାରିଖରେ ଶ୍ରୀମତୀ ମୁର୍ମୁ ତାଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଷ୍ଟ୍ରପତି ନିର୍ବାଚନରେ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ ଦେବେ ବୋଲି ଘୋଷଣା ମଧ୍ୟ କରି ସାରିଛନ୍ତି। ଶ୍ରୀମତୀ ମୁର୍ମୁଙ୍କ ପ୍ରାର୍ଥିପତ୍ର ଦାଖଲ ଦିନ ଓଡ଼ିଶାର ଦୁଇ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ନୂଆଦିଲ୍ଲୀରେ ଉପସ୍ଥିତ ରହି ପ୍ରସ୍ତାବକ ଭାବେ ସ୍ୱାକ୍ଷର କରିଥିଲେ । ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ଚଳିତମାସ ୨୯ ତାରିଖ ରହିଥିବାବେଳେ ୩୦ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ଜୁଲାଇ ୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ କରାଯାଇଛି। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଶ୍ରୀମତୀ ମୁର୍ମୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଏମ.ଭେଙ୍କିୟା ନାଇଡୁ, ଗୃହମନ୍ତ୍ରୀ ଅମିତ ଶାହାଙ୍କୁ • ପୃଷ୍ଠା ୮ ଦେଖନ୍ତୁ

## ସରକାରୀ ଜମିରେ ଚାଷ କରୁଥିବା ଚାଷୀଙ୍କ ପାଇଁ

# ନୀତି ନିର୍ଦ୍ଧାରଣ କର



କଟକ, ୨୬।୬, (ଭାସ୍କର ନ୍ୟୁଜ୍) : ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ଧରି ସରକାରୀ ଜମିରେ ଚାଷ କରୁଥିବା ଚାଷୀମାନଙ୍କୁ ଜମିର ମାଲିକାନା ପ୍ରଦାନ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ରବିବାର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬ ମାସ ମଧ୍ୟରେ ଏନେଇ ନୀତିଗତ ନୀତି ନିର୍ଦ୍ଧାରଣ କରିବାକୁ ମଧ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ବୃନ୍ଦାବନ ଜେନା ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ବିଚାର କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ତେବେ ସରକାରଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, କେନ୍ଦ୍ର ସରକାରଙ୍କ ଥଇଥାନ ଯୋଜନାରେ କାଜୁ ଚାଷ ପାଇଁ ଆବେଦନକାରୀ ବୃନ୍ଦାବନ ଜେନା ଓ ଅନ୍ୟମାନେ ୧୯୮୩ ମସିହାରୁ ସରକାରୀ ଜମିରେ ଚାଷ କରିଆସୁଛନ୍ତି। ପରବର୍ତ୍ତୀ ସମୟରେ ଏହି ଜମିରୁ ସରକାର ଜବରଦଖଲ ଉଚ୍ଛେଦ କରି ନିଜେ କାଜୁଚାଷ କରିବା ପାଇଁ ସେମାନଙ୍କୁ ନୋଟିସ ଦେଇଥିଲେ। ଏହି ନୋଟିସ ଉପରେ ହାଇକୋର୍ଟ ସ୍ଥିତାବସ୍ଥା ଜାରି କରିଥିଲେ। ତେବେ ଦୀର୍ଘ ବର୍ଷ ଧରି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁ ଏହି ଜମି ଉପରେ ସରକାର ଅନ୍ୟ କୌଣସି ଜନହିତକର ପ୍ରକଳ୍ପ କରିବେ ନାହିଁ ବୋଲି କୋର୍ଟ ଅନୁଭବ କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କୋର୍ଟ କହିଛନ୍ତି ଯେ, ଏତେ ବର୍ଷ ଧରି ଚାଷ କରୁଥିବା ଚାଷୀଙ୍କୁ ବେଦଖଲ କରିବା ଯୁକ୍ତିଯୁକ୍ତ ନୁହେଁ। ଏସବୁକୁ ଦୃଷ୍ଟିରେ ରଖି ସେହି ଚାଷୀମାନଙ୍କୁ ଚାଷଜମି କିପରି ହସ୍ତାନ୍ତର କରାଯାଇପାରିବ ସେନେଇ ନିଷ୍ପତ୍ତି ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଚାଷୀ ଓ ସରକାରଙ୍କୁ ସୁହାଇଲା ଭଳି ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

## ମୋଦୀଙ୍କ 'ମନ୍ କି ବାତ୍'

# ରଥଯାତ୍ରାରେ ପୁରୀ ଯିବାକୁ ସମସ୍ତଙ୍କ ଇଚ୍ଛା ଥାଏ



ନୂଆଦିଲ୍ଲୀ, ୨୬।୬ : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ବିଶ୍ୱ ପ୍ରସିଦ୍ଧ। ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ପ୍ରତ୍ୟେକ ଲୋକ ମନରେ ପୁରୀ ଯିବା ପାଇଁ ଆଗ୍ରହ ରହିଥାଏ। ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସତ୍ତ୍ୱେ ବି ଦେଶର ବିଭିନ୍ନ ରାଜ୍ୟରେ ଏହି ରଥଯାତ୍ରାକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର 'ମନ୍ କି ବାତ୍'ର ୯୦ତମ ସଂସ୍କରଣରେ ବ୍ୟକ୍ତ କରିଛନ୍ତି। ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଥିଲେ, ଜରୁରୀକାଳୀନ ପରିସ୍ଥିତି ସମୟରେ ବ୍ୟକ୍ତିର ସବୁ ସ୍ୱାଧିନତା ଓ ଅଧିକାର କ୍ଷୁର୍ଣ୍ଣ ହୋଇଥାଏ। ଜରୁରୀକାଳୀନ ପରିସ୍ଥିତି ପରେ ବି ଦେଶର ଜନସାଧାରଣ ଗଣତନ୍ତ୍ର ଉପରେ ଆସ୍ଥା ହରାଇନଥିଲେ। ଭାରତର ନାଗରିକ ଗଣତନ୍ତ୍ର ଉପାୟରେ ଜରୁରୀକାଳୀନ ପରିସ୍ଥିତିକୁ ହଟାଇ ଗଣତନ୍ତ୍ରର ପୁନଃପ୍ରତିଷ୍ଠା କରିଥିଲେ। ଜରୁରୀକାଳୀନ ପରସ୍ଥିତିର କଥାକୁ ମନେପକାଇ ମୋଦୀ କହିଥିଲେ ମୋର ମନେ ଅଛି ପ୍ରଖ୍ୟାତ କଣ୍ଠଶିଳ୍ପୀ କିଶୋର କୁମାର ସରକାରଙ୍କ ପ୍ରଶଂସା କରିବାକୁ ରୋକ୍‌ଠୋକ୍ ମନା କରିଦେବାରୁ ତାଙ୍କୁ ରେଡିଓ କାର୍ଯ୍ୟକ୍ରମରୁ ବ୍ୟାନ୍ କରାଯାଇଥିଲା। ହଜାର ହଜାର ଲୋକ ଗିରଫ ହୋଇଥିଲେ ମଧ୍ୟ ସେହି ଲୋକମାନେ ଗଣତନ୍ତ୍ର ପ୍ରତି ଆସ୍ଥା ହରାଇନଥିଲେ। ଏପରିକି ଗଣତନ୍ତ୍ର ପ୍ରତି ସେମାନଙ୍କ ବିଶ୍ୱାସ ଭାଙ୍ଗି ନଥିଲା। ଆଜି ଆମେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ସମୟରେ ଏଡି ଜରୁରୀକାଳୀନ ସମୟର କଥାକୁ ଭୁଲିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ରବିବାର 'ମନ୍ କି ବାତ'ର କାର୍ଯ୍ୟକ୍ରମ ଆରମ୍ଭରୁ ମୋଦୀ ଭାରତ ଇତିହାସର ଏହି କଳା ଅଧ୍ୟାୟକୁ ଉଲ୍ଲେଖ କରିବା ସହ ୧୯୭୫ରେ ଲାଗୁ ହୋଇଥିବା ଜରୁରୀକାଳୀନ ସ୍ଥିତିରେ ଦେଶବାସୀ କିଭଳି ଦୁର୍ଦ୍ଦଶା ଭୋଗ କରିଥିଲେ ତା'ର ଉଲ୍ଲେଖ କରିଥିଲେ। ଏଥିସହ ମୋଦୀ ମହାକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ନେଇ ମଧ୍ୟ ବେଶ୍ ଗର୍ବ ଅନୁଭବ କରିଥିଲେ। ତାଙ୍କ ସରକାର ଦେଶବାସୀଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଉଲ୍ଲେଖ କରି ସେ କହିଥିଲେ, ଦେଶବାସୀଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ବହୁବିଧ ଯୋଜନା ପ୍ରଣୟନ କରୁଛନ୍ତି। ଏଥିସହ ସେ ଅଲମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ନିରଜ ଚୋପ୍ରାଙ୍କ ଭୂରିଭୂରି ପ୍ରଶଂସା ମଧ୍ୟ କରିଥିଲେ। ସେ କହିଥିଲେ ନିକଟରେ ଫିନ୍‌ଲ୍ୟାଣ୍ଡରେ ଚାଲିଥିବା ଏକ ପ୍ରତିଯୋଗିତାରେ ନିରଜ ରୌପ୍ୟ ପଦକ ହାସଲ କରିଥିଲେ।

## ରାଇମୋହନଙ୍କ ଆତ୍ମହତ୍ୟା ଘଟଣା

# କମିଶନରେଟ୍ ପୋଲିସର ତନାଘନା

ଭୁବନେଶ୍ୱର, ୨୬।୬, (ଭାସ୍କର ନ୍ୟୁଜ୍) : ଓଲିଉଡ୍‌ର ପ୍ରଖ୍ୟାତ ଖଳନାୟକ ରାଇମୋହନ ପରିଡ଼ାଙ୍କ ମୃତ୍ୟୁ କିପରି ଘଟିଲା ତାକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ମୃତ ରାଇମୋହନଙ୍କ ପତ୍ନୀ, ଝିଅ, ପୁତୁରା ଓ ଜ୍ୱାଇଁଙ୍କୁ ପଚରାଉଚୁରା କରିଛି। ଭିସେରା ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ରାଇମୋହନଙ୍କ ମୋବାଇଲ୍‌କୁ ମଧ୍ୟ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି। ସେହିପରି ରାଇମୋହନଙ୍କ ପଡ଼ୋଶୀମାନଙ୍କୁ ମଧ୍ୟ ପୋଲିସ ପଚରାଉଚୁରା କରିବ ବୋଲି ସୂଚନା ଦେଇଛି। ତେବେ ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ପୋଲିସ ସ୍ପଷ୍ଟ କରିଛି। ଆତ୍ମହତ୍ୟା ପୂର୍ବରୁ ପତ୍ନୀ ଓ ଦୁଇ ଝିଅଙ୍କୁ ମୋବାଇଲ୍‌ରେ ସେ ବାଏ ମେସେଜ ଲେଖିଥିଲେ। ତେବେ ପୋଲିସ ଉଭୟ ହତ୍ୟା ଓ ଆତ୍ମହତ୍ୟାକୁ ନେଇ ତଦନ୍ତ ଚଳାଇଛି ବୋଲି ସୂଚନା ଦେଇଛନ୍ତି ଜୋନ୍-୫ ଏସିପି ହିମାଂଶୁ ସ୍ୱାଇଁ। ମୃତ୍ୟୁ ପୂର୍ବରୁ ରାଇମୋହନଙ୍କ ପରିବାରରେ ପାରିବାରିକ ଗଣ୍ଡଗୋଳ ଲାଗିଥିଲା କି ? ଏମିତି ଏକ ପ୍ରଶ୍ନକୁ ନେଇ ମଧ୍ୟ ପୋଲିସ ତଦନ୍ତ ଚଳାଇଛି। ଘଟଣା ଘଟିବା ଦିନ ରାଇମୋହନ ଘରେ ଏକୁଟିଆ ଥିଲେ। ସେହିଦିନ ସକାଳ ସାଢ଼େ ୧୦ଟାରେ ତାଙ୍କ ଡ୍ରାଇଭର ଅଶୋକର ବାହାଘର ପାଇଁ ପତ୍ନୀ ଓ ବଡ଼ଝିଅ କଟକ ଯାଇଥିଲେ। ୧୧ଟା ୫୭ରେ ରାଇମୋହନ ପତ୍ନୀଙ୍କୁ ଶେଷ କଲ୍ କରିଥିଲେ। ଏହାପରେ ୧୨ଟା ପରେ ହିଁ ସେ ଆତ୍ମହତ୍ୟା କରିଥିଲେ। ଦିନ ୧୨ଟା ୩୦ରେ ପ୍ରଥମେ ପୁତୁରା ଆସିଥିଲେ। ୧୨ଟା ୪୫ରେ ପତ୍ନୀ ଓ ବଡ଼ଝିଅ ଘରେ ପହଞ୍ଚିଥିଲେ। ଗତ ମଇ ମାସ ୩୦ ତାରିଖରେ ପରିବାର ମଧ୍ୟରେ ଝଗଡ଼ା ହୋଇଥିବା ନେଇ ପୋଲିସକୁ ସୂଚନା ମିଳିଛି। ସପ୍ତାହ ତଳେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ରାଇମୋହନ • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**




ଦରଦାମ୍ କଥା କେହି କହୁନାହିଁ
ହେଲାଣି ସଭିଙ୍କ ଦେହସୁହା,
କାହାକୁ ବା କହି କି ଲାଭ ମିଳିବ
ରାଜନୀତି ସ୍ଥିତି ଏବେ ଯାହା ।
ନେତା ତ ଏବେର ବାହାପିଆ,
କାନକୁ ମଧୁର କଥା କହି କହି
ନ ଦିଅନ୍ତି ଆଉ ଧରାଛୁଆଁ ।

## ମୁହଁରେ ଶାନ୍ତି, ମନରେ ଅଶାନ୍ତି

# ରୁଷ୍‌କୁ ସହଯୋଗ କରିଛନ୍ତି ଅନେକ ଶାନ୍ତିକାମୀ ରାଷ୍ଟ୍ର

**୧୦୦ଦିନରେ ୭,୬୪,୧୯୦ କୋଟିର ତେଲ ବିକ୍ରି କରିଛି ରୁଷ**

**କିଣିଲେ ଭାରତ, ଚୀନ୍, ଜର୍ମାନୀ, ଫ୍ରାନ୍ସ, ଇଟାଲି, ପୋଲାଣ୍ଡ, ନେଦରଲାଣ୍ଡସ ଓ ତୁର୍କୀ**



ଭୁବନେଶ୍ୱର, ୨୬।୬, (ଭାସ୍କର ନ୍ୟୁଜ୍) : ଆମେ ଶାନ୍ତି ଚାହୁଁ। ଆମେ ଶାନ୍ତି ପ୍ରିୟ। ବିଶ୍ୱ ଶାନ୍ତି ଆମର କାମ୍ୟ। ଯୁଦ୍ଧ ନୁହେଁ ଶାନ୍ତି ଆମର ଆବଶ୍ୟକ। ଯୁଦ୍ଧ ଦୁନିଆକୁ ବରବାଦ୍ କରିଦେବ। ବ୍ୟାପକ କ୍ଷୟକ୍ଷତି ଘଟିବ। ଧନଜୀବନ ନଷ୍ଟ ହେବ। ତୃତୀୟ ବିଶ୍ୱଯୁଦ୍ଧ ହେଲେ ପୃଥିବୀ ପୃଷ୍ଠରୁ ଜୀବନସତ୍ତା ଲୋପ ପାଇଯିବ। ଏହା ଆମେ କଦାପି କରିବାକୁ ଦେବୁ ନାହିଁ। ବିଶ୍ୱ ଶାନ୍ତିର ଏହି ଅନେକ ବାର୍ତ୍ତା ଦେଉଥିବା ଓ ଅନ୍ୟକୁ ଶାନ୍ତିର ସନ୍ଦେଶ ଦେଇ ଆପଣାକୁ ଶାନ୍ତିକାମୀ ବୋଲାଉଥିବା ଅନେକ ଦେଶର ବିଶ୍ୱ ନେତାଙ୍କ ମୁହଁରୁ ଏବେ ପରଦା ହଟିଯାଇଛି। ଧରାପଡ଼ିଯାଇଛି ସେମାନଙ୍କ ଚାଲ୍‌ବାଜି। ଜଣାପଡ଼ିଯାଇଛି ସେମାନଙ୍କ ଯୁଦ୍ଧଖୋର୍ ମନୋବୃତ୍ତିର ଅସଲ ଚେହେରା। ରୁଷ-ୟୁକ୍ରେନ୍ ଯୁଦ୍ଧରେ ଭାରତ ସମେତ ଅନେକ ଦେଶ ଆକ୍ରମଣକାରୀ ରୁଷ୍‌କୁ ପରୋକ୍ଷରେ ସହଯୋଗ ଯୋଗାଇ ଦେଇଛନ୍ତି। ଏପରି ସହଯୋଗରୁ ରୁଷ୍ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ହୋଇ ଆପଣାର ଯୁଦ୍ଧ ଅଭିଯାନ ଜାରି ରଖିଛି ଓ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ବରବାଦ୍ କରିବା ପରେ ଏବେ ଏହି ଯୁଦ୍ଧରେ ୟୁକ୍ରେନ୍‌କୁ ସହଯୋଗ କରିଥିବା ୟୁରୋପୀୟ ଦେଶମାନଙ୍କ ଉପରେ ବି ଆକ୍ରମଣ କରିବାକୁ ଧମକ ଦେଉଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଯୁଦ୍ଧ ପିପାସାକୁ ବଢ଼ାଇଥିବା, ତାଙ୍କର ଧ୍ୱଂସ ମନୋବୃତ୍ତିକୁ ଶକ୍ତି ଯୋଗାଇଥିବା ଦେଶମାନେ ଓ ଏହାର ନେତାମାନେ ସର୍ବଦା ଶାନ୍ତିର କଥା କହିଥାନ୍ତି। ଯୁଦ୍ଧ ବିରୋଧରେ ଡାକରା ଦେଇଥାନ୍ତି। କିନ୍ତୁ ପରୋକ୍ଷରେ ଯୁଦ୍ଧ ପାଇଁ ସହଯୋଗ କରିବାକୁ ପଛାଇନଥାନ୍ତି। ଏପରି ନେତାମାନଙ୍କ ଦୋମୁହାଁ ନୀତି ଯୋଗୁଁ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଏବେ ବି ଲାଗି ରହିଛି। ସେଠାରେ ପ୍ରତିଦିନ ଶହଶହ ଲୋକଙ୍କ ଜୀବନ ଯାଉଛି। ରକେଟ୍ ମାଡରେ ବିଶ୍ୱ ଐତିହ୍ୟ ଲୋପ୍ ପାଉଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା, ଗବେଷଣାଗାର, ରେଳଷ୍ଟେସନ ଓ ଜନବସତି ସବୁ ମାଟିରେ ମିଶିଛି। କୋଟି କୋଟି ଲୋକ ବେଘର ହୋଇ ଶରଣାର୍ଥୀ ପାଲଟିଛନ୍ତି। ଖାଇବାକୁ ନାହିଁ, ପିଇବାକୁ ନାହିଁ, ଜୀବନ ବିକଳରେ ଦେଶ ଛାଡ଼ିଥିବା ଲୋକମାନଙ୍କ ପାଇଁ ଜୀବନ ନିର୍ବାହ ଦୁର୍ବିସହ ହୋଇପଡ଼ିଛି। ସେହି ଲୋକମାନଙ୍କ ପାଇଁ ବଞ୍ଚିରହିବା ଯେତେବେଳେ ଅସମ୍ଭବ ହୋଇପଡ଼ିଛି ସେତେବେଳେ ଶାନ୍ତିକାମୀ ନେତାମାନେ ସେମାନଙ୍କୁ ପରିହାସ କରିବାକୁ ମଧ୍ୟ ପଛାଉନାହାନ୍ତି। ଗତ ଫେବୃୟାରୀ ୨୪ ତାରିଖରେ ହଠାତ୍ ରୁଷ ତା'ର ପଡ଼ୋଶୀ ରାଷ୍ଟ୍ର ୟୁକ୍ରେନ୍ ଉପରେ ଆକ୍ରମଣ କଲା। ଏହି ଆକ୍ରମଣ ଏକ ଯୁଦ୍ଧରେ ପରିଣତ ହେଲା। ୟୁକ୍ରେନ୍ ଯୁଦ୍ଧକୁ ଏବେ ୫ ମାସରୁ ଉର୍ଦ୍ଧ୍ୱ ବିତିଗଲାଣି। ଏହି ୫ ମାସ ମଧ୍ୟରେ ୟୁକ୍ରେନ୍‌ର ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ରୁଷର ମଧ୍ୟ ଅନେକ କ୍ଷତି ଘଟିଛି। ସମସ୍ତ ଉଦ୍ୟମ ସତ୍ତ୍ୱେ ଯୁଦ୍ଧ ବନ୍ଦ ହୋଇନାହିଁ। ଜାତିସଂଘର ପ୍ରୟାସ, ଆମେରିକାର ରୁଷ୍ ପ୍ରତି କଠୋର ଆଭିମୁଖ୍ୟ ତଥା ଆର୍ଥିକ କଟକଣା ଓ ୟୁକ୍ରେନ୍‌କୁ ସହାୟତା, ୟୁରୋପୀୟ • ପୃଷ୍ଠା ୮ ଦେଖନ୍ତୁ



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଆଜି ବିଶ୍ୱ ନିଶନିବାରଣ ଦିବସ ପାଳିତ ହେଉଛି। ଏହି ଅବସର ରେ ସ୍ଥାନୀୟ ବିବେକାନନ୍ଦ ପବ୍ଲିକ ସ୍କୁଲ ରେ ଏହି ଦିବସ ବିଦ୍ୟାଳୟ ର ନିର୍ଦ୍ଦେଶକ ବିଷ୍ଣୁ କୁମାର ଆଗ୍ରୱାଲଙ୍କ ଅଧକ୍ଷତା ରେ ଏହା ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟ ର ଏନସିସି କେଡେଟ, ବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟତ୍ରୀମାନେ ପ୍ଲା କାର୍ଡ ଧରି ସହର ପରିକ୍ରମା କରି ନିଶା ସେବନର ଅପକାରିତା ଉପରେ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ନିଶା ନିବାରଣ ସହିତ ଅସତ ଉପାୟରେ ଧନ ଉପାର୍ଜନ ନ କରିବାକୁ ପରାମର୍ଶ ଦେଇଥିଲେ । 'ପାନ ବିଡି ନୁହେଁ ଛୋଟିଆ ନିଶା ଜଣା ପଡେନାହିଁ ଟାଣେ ପଇସା' ସ୍ଲୋଗାନ ଦେଇ ଗ୍ରାମାଞ୍ଚଳ ରେ ସଚେତନ କରିଥିଲେ. ଏହି ସଚେତନ ସଭାଯାତ୍ର କରଞ୍ଜିଆ ସହର ପରୀକ୍ରମା କରିଥିଲା। ସଚେତନ ସଭାଯାତ୍ରା କୁ ବିଦ୍ୟାଳୟ ର ସମ୍ପାଦକ ରେଖା ଆଗ୍ରୱାଲ,ଅଧ୍ୟାପକ କୋଇଲାଷ ମୁଦୁଲି,ଇଲା ସାହୁ, ପ୍ରଧାନ ବାବୁ, ସଂଜୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



### କଣ୍ଠାପଡ଼ା ସେବା ସମବାୟ ସମିତି ହାତେଇଲା ବିଜେପି

## ପନ୍ଦରକୁ ପନ୍ଦର ପୋଛି ନେଲା



କଣ୍ଠାପଡ଼ା, (ଭାସ୍କର ନ୍ୟୁଜ୍) : କଣ୍ଠାପଡ଼ା ସେବା ସମବାୟ ସମିତି ନିର୍ବାଚନରେ ୧୫ କୁ ୧୫ଜଣ ବିଜେପି ସମର୍ଥକ ଡ଼ାଇରେକ୍ଟର ଭାବେ ନିର୍ବାଚିତ ହୋଇଛନ୍ତି। ୧୫ଗୋଟି ଜୋନ୍ ମଧ୍ୟରୁ ଗୋଟିଏ ବି ଆସନ ହାତେଇପାରିଲାନି ଶାସକ ଦଳ। କଣ୍ଠାପଡ଼ା ସରପଞ୍ଚ ନିର୍ମଳ କୁମାର ସାହୁ ଓ ବାଗଲପୁରର ପୂର୍ବତନ ସରପଞ୍ଚ ଦ୍ୱାରିକାନାଥଙ୍କ ନେତୃତ୍ୱ ଓ କଣ୍ଠାପଡ଼ା ସମିତି ସଭ୍ୟ ପବିତ୍ର ସ୍ୱାଇଁଙ୍କ ପରିଚାଳନାରେ ଚିତ୍‌ପଟାଙ୍ଗ ମାରିଲେ ଶାସକ ଦଳର କର୍ମୀମାନେ। ଜିତିଥିବା ୧୫ଜଣ ସଦସ୍ୟ ହେଲେ ହେମନ୍ତ ସ୍ୱାଇଁ, କୈଳାସ ପ୍ରସାଦ ଦାସ, ବୁଧନାଥ ଭୋଇ, ଦେବେନ୍ଦ୍ରନାଥ ସାମନ୍ତରାଏ, ମାଧବାନନ୍ଦ ଭୋଇ, ବିକ୍ରମ କିଶୋର ସାହୁ, ପ୍ରଭାତ ରାଉତ୍‌ରାଏ, ବନବିହାରୀ ସ୍ୱାଇଁ, ଅକ୍ଷୟ କୁମାର ରାଉତ୍‌ରାଏ, ଛରଣା ମହାନ୍ତି, ଅମରେନ୍ଦ୍ର ମହାରଣା, ମମତା ମହାପାତ୍ର।

### ଚିକିତ୍ସାଧୀନ ଅବସ୍ଥାରେ ଦୁର୍ଘଟଣାଗ୍ରସ୍ତ ବୃଦ୍ଧାଙ୍କ ମୃତ୍ୟୁ

ବାଲିପାଣା, (ଭାସ୍କର ନ୍ୟୁଜ୍) : ଗତ ଶୁକ୍ରବାର ଦିନ ବିଳମ୍ବିତ ରାତିରେ ଜଣେ ଦୁର୍ଘଟଣା ଗ୍ରସ୍ତ ବୃଦ୍ଧାଙ୍କ ଚିକିତ୍ସାଧିନ ଅବସ୍ଥା ରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ମହୁଖଣ୍ଡା ଗ୍ରାମର ବିହାରି ଭୋଇ ଙ୍କ ପତ୍ନୀ ଅଇଁଠି ଭୋଇ (୫୫) ଗତ ଏପ୍ରିଲ ମାସ ୨୯ ତାରିଖ ଦିନ ରାସ୍ତା ଯାଉଥିବା ବେଳେ ଏକ ବାଇକ୍ ଧକ୍କା ରେ ଗୁରୁତର ହୋଇ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ୍ ରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଗତ କାଲି ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ଗତକାଲି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର କୁ ତାଙ୍କ ମରଶରୀର ହସ୍ତାନ୍ତର କରାଯାଇଅଛି। ଏନେଇ ବାଲିପାଟଣା ଥାନାରେ ୧୭୩/୨୨ ନମ୍ବର କେଶ୍ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କୃପାସିନ୍ଧୁ ବରାଡ ସୂଚନା ଦେଇଛନ୍ତି। ତେବେ ଏହି ରାସ୍ତାଟିରେ ଅଧିକାଂଶ ସମୟ ଗହଳି ରହିବା ସମୟରେ ଗାଡ଼ିଚାଳକମାନେ ଦ୍ରୁତ ଗତିରେ ଗାଡ଼ିଚାଳନା କରୁଥିବାରୁ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

### ଅପହରଣ ର ୫ ଦିନ ପରେ ମଧ୍ୟ ପୋଲିସର ହାତ ଖାଲି

## ଜେଜେ ମା' ଦେଲେ ଆତ୍ମହତ୍ୟା ଧମକ



ବାଲିପାଟଣା, (ଭାସ୍କର ନ୍ୟୁଜ୍) : ଏକ ନାବାଳିକାର ଅପହରଣ ର ଦିର୍ଘ ୫ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ କୁ ଗିରଫ୍ କରିବାରେ ବିଫଳ ହୋଇଛି ବାଲିପାଟଣା ଥାନା ପୋଲିସ। ଏଥିରେ ମର୍ମାହତ ହୋଇ ଅପହୃତା ନାବାଳିକାର ଜେଜେ ମା' ଆତ୍ମହତ୍ୟା କରିବେ ବୋଲି ଗଣମାଧ୍ୟମ କୁ ଜଣାଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାଇ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ସାନ ମାଛପୁର ଗ୍ରାମର ଏକ ନାବାଳିକା କୁ ଗତ ୨୨ ତାରିଖ ରେ ରେଙ୍ଘାଳ ର ଦାଦା ଖାଁ ଅପହରଣ କରିନେଇଥିବା ଉକ୍ତ ନାବାଳିକା ପରିବାର ତରଫରୁ ବାଲିପାଟଣା ଥାନା ରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ୧୭୦/୨୨ କେଶ୍ ରୁଜୁ କରାଯାଇ ତଦନ୍ତ ଚଳାଇଥିଲେ। ଅପହରଣ ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ସ୍ଥାନିୟ ପୁଲିସ୍ ? ଅଭିଯୁକ୍ତ ର କୌଣସି ଟେର୍ ନ ପାଇବା ସ୍ଥାନିୟ ଏବଂ ପରିବାର ପକ୍ଷରୁ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ଉକ୍ତ ଗ୍ରାମର ମହିଳା ମଣ୍ଡଳ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଏବଂ ବିଶ୍ୱ ହିନ୍ଦୁ ପରିଷଦ କର୍ମୀ ମାନେ ଥାନା ଏବିଷୟ ରେ ଆଲୋଚନା କରିବା ସହିତ ଅଭିଯୁକ୍ତ କୁ ତୁରନ୍ତ ଗିରଫ କରିବା ପାଇଁ ଏବଂ ନାବାଳିକା କୁ ଉଦ୍ଧାର ପାଇଁ ଦାବି କରିଥିଲେ। ଦିର୍ଘ ଦିନ ବିତିଥିଲେ ମଧ୍ୟ ନାତୁଣୀ କୁ ନପାଇ ଦୁଖରେ ଭାଙ୍ଗିପଡିଛନ୍ତି ତାଙ୍କ ଜେଜେ ମା' ଏବଂ କହିଛନ୍ତି ଯଦି ନାତୁଣୀ କୁ ଫେରିପାଇବେନି ତେବେ ସେ ଆତ୍ମହତ୍ୟା କରିବେ । ଥାନା ଅଧିକାରୀ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଯଥାଶିଘ୍ର ନାବାଳିକା କୁ ଫେରାଇ ଆଣିବା କୁ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି।

## ପୂର୍ବଶତ୍ରୁତାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ତାରସିଂ ଥାନା ଅନ୍ତର୍ଗତ ମଶାବାଡି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି , ନିଳାଞ୍ଚଳ ସେଠୀ ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଶନିବାର ରାତ୍ରରେ ଘଟିଛି ଏଭଳି ଘଟଣା । ଖବର ନେବାରେ ଜଣାପଡିଛି , ମଶାବାଡି ଗ୍ରାମର ହଜାରି ସେଠୀ ଓ ନିଳାଞ୍ଚଳ ସେଠୀ ଦୁଇ ପଡ଼ୋଶୀ । ଏମାନଙ୍କ ମଧ୍ୟରେ ବହୁ ଦିନ ହେଲା କୌଣସି କାରଣକୁ ନେଇ ଶତ୍ରୁତା ଲାଗିରହିଥିଲା । ଶନିବାର ରାତିରେ ନିଳାଞ୍ଚଳ ଓ ହଜାରି ଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ପରେ ହଜାରି ଉତକ୍ଷିପ୍ତ ହେଇ ନିଳାଞ୍ଚଳର ମୁଣ୍ଡକୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ନିଳାଞ୍ଚଳ ଗୁରୁତର ହେଇ ପଡିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ,ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏହି ଘଟଣାକୁ ନେଇ ନିଳାଞ୍ଚଳ ତାରସିଂ ଥାନାରେ ଲିଖିତ ଅଭିଯୋଗ କରିବା ପରେ , ଅଭିଯୋଗକୁ ଭିତ୍ତି କରି ତାରସିଂ ଥାନା କେସନଂ ୧୯୦/୨୨ରେ ମାମଲା ରୁଜୁ କରି ଆସାମୀ ହଜାରିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଦିପ୍ତ କୁମାର ଦାଶ କହିଛନ୍ତି ।

## ଉଲ୍ଲାସ ହେଲେ ସମବାୟ ସଭାପତି



ଗୋପ, (ଭାସ୍କର ନ୍ୟୁଜ୍) : ଗଣେଶ୍ୱରପୁର ସମବାୟ ସଭାପତି ନିର୍ବାଚନରେ ଚାଷୀ ନେତା ଉଲ୍ଲାସ କୁମାର ପ୍ରଧାନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଛାତ୍ର ଜୀବନରୁ ଛାତ୍ର କଂଗ୍ରେସ ଓ ପରେ କଂଗ୍ରେସ ଦଳରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରନ ପଟ୍ଟନାୟକ ଦୃଢ ସମର୍ଥକ ଭାବେ ନିଜ ପଞ୍ଚାୟତ ରେ ଓାର୍ଡ ସଭ୍ୟ ଓ ନାଏବ ସରପଞ୍ଚ ଭାବେ ପଞ୍ଚାୟତ ସମ୍ଭାଳିବା ପରେ ଆଜି ଚାଷୀ ମାନଙ୍କ ଉନ୍ନତି ନିମନ୍ତେ ସମବାୟ ସଭାପତି ହେଇଛନ୍ତି। ନିଜ ପ୍ରତିକ୍ରିୟାରେ ଉଲ୍ଲାସ କହିଛନ୍ତି ଯେ ଆମ ପଞ୍ଚାୟତ ସମେତ ପାଖାପାଖି ଗୋପ ବ୍ଲକର ୭ଟି ପଞ୍ଚାୟତ ସବୁ ସମୟରେ ବନ୍ୟା,ବାତ୍ୟା ସମେତ ଅଦିନିଆ ବର୍ଷା ରେ ଚାଷୀ ମାନେ ନିଜର ସବୁ ଫସଲ ହରାଉଛନ୍ତି ସେମାନଙ୍କ ନିମନ୍ତେ ଲଢେଇ କରିବାକୁ ଚେଷ୍ଟା କରିବି । ସେମାନେ ଯେପରି ଠିକ୍ ସମୟରେ ଚାଷ ଉପକରଣ ସମେତ ଋଣ ପାଇପାରିବେ ଓ ଫସଲ ବୀମା କରିପାରବେ ସେ ଉପରେ ନଜର ରଖିବି । ଅନ୍ୟପକ୍ଷରେ ବନରନ ପଟ୍ଟନାୟକ ଙ୍କ ଗୋଷ୍ଠିର ପୁଣି ବାଜି ମାରିନେଇଛନ୍ତି ସମବାୟ ସଭାପତି ନିର୍ବାଚନରେ। ପ୍ରଥମେ ସମିତି ସଭ୍ୟ ଭାବେ,ପରେ ଗୋପ ବ୍ଲକ ଉପାଧ୍ୟକ୍ଷ ଏବଂ ଆଜି ତାଙ୍କ ସମର୍ଥୀତ ପ୍ରାର୍ଥୀ ସଭାପତି ନିର୍ବାଚିତ ହେବା ପରେ ଶାସକ ଦଳରେ ଏକ ପ୍ରକାର ଆଲୋଡନ ସୃଷ୍ଟି ହୋଇଛି। ସଭାପତି ନିର୍ବାଚିତ ହେବା ପରେ ସମାଜସେବୀ ଜିତେନ୍ଦ୍ର ମହାନ୍ତି ଉଲ୍ଲାସ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## କାର ଧକ୍କାରେ ରାଜପଥରେ ଜଳିଗଲା ବାଇକ୍

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଜାତୀୟ ରାଜପଥରେ ଏକ କାର ଅନ୍ୟ ଏକ ବାଇକକୁ ଧକ୍କା ଦେବାରୁ ସଂପୃକ୍ତ ବାଇକଟି ଜଳି ଯାଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଇକଟି ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକ ଅନ୍ତର୍ଗତ ପୁରୁଳିଆ ଗ୍ରାମର ସୁବ୍ରତ ନାୟକଙ୍କର। ସୁବ୍ରତ ତାଙ୍କ ପତ୍ନୀଙ୍କୁ ବାଇକ ପଛରେ ବସାଇ ପାରାଦ୍ୱୀପ ଅଭିମୁଖେ ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ୫ନମ୍ବର(କ) ଜାତୀୟ ରାଜପଥର ଶ୍ୟାମସୁନ୍ଦରପୁର ଗଡ଼ା ନିକଟରେ ତାଙ୍କ ବାଇକକୁ ଏକ କାର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାଟି ଏତେ ଜୋର ଥିଲା ଯେ ବାଇକଟି ଜଳି ଯାଇଥିଲା। ଖବର ପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଥାନାକୁ ନେଇଥିଲା। ଏଥିସହ ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲା।



### ସରିଲା ୨ୟ ପର୍ଯ୍ୟାୟ ସମବାୟ ନିର୍ବାଚନ

## ୧୧ ସମିତିର ସଭାପତି ପଦବୀ ବିଜେଡ଼ି ହାତରେ ରହିବା ସୁନିଶ୍ଚିତ



ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକର ୧୨ଟି ସେବା ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟ ପାଇଁ ନିର୍ବାଚନ ପ୍ରଥମ ପର୍ଯ୍ୟାୟରେ ୮ଟି ସମିତିରେ ନିର୍ବାଚନ ସରିଥିବାବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼ା, କୋଠାର, ଓ ପାଳସାହିରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଅପରାହ୍ନ ୫ଟା ଠାରୁ ଗଣତି ଆରମ୍ଭ ହୋଇଥିଲା। ଏଥିରେ ଗୋବିନ୍ଦପୁର ପଞ୍ଚାୟତର ବରଗଡ଼ା ସେବାସମବାୟ ସମିତିର ୧୫ଟି ଆସନ ମଧ୍ୟରୁ ୧୪ଟି ଆସନ ବିଜେଡ଼ି ହାତକୁ ଯାଇଥିବାବେଳେ ଗୋଟିଏ ଆସନ ବିଜେପି ଦଖଲ କରିଛି। ସେହିପରି କୋଠାର ସେବା ସମବାୟ ସମିତିରେ ୧୫ଟି ଯାକ ଆସନ ବିଜେଡ଼ି ଅକ୍ତିଆର କରିଛି। ସବୁଠାରୁ ବଡ଼ ଚର୍ଚ୍ଚାର ଥିବା ପାଳସାହି ସେବା ସମବାୟ ସମିତିର ବିଜେଡ଼ି, ବିଜେପି, କଂଗ୍ରେସ ଓ ଅସନ୍ତୁଷ୍ଟ ବିଜେଡ଼ି ପ୍ରାର୍ଥୀ ଦେଇଥିବାବେଳେ ୧୨ଟି ବିଜେଡ଼ି ଦଖଲ କରିଥିବାବେଳେ ୨ଟି ଅସନ୍ତୁଷ୍ଟ ବିଜେଡ଼ି ଦଖଲ କରିଛି ଏବଂ ଗୋଟିଏ ଆସନ ଅନୁସୁଚୀତ ଜାତି ସଂରକ୍ଷଣ ଥିବାରୁ ସେଠାରେ କେହି ନାମାଙ୍କନ ଦାଖଲ କରିନଥିବାରୁ ସେଠାରେ ନିର୍ବାଚନ ହୋଇନଥିଲା। ପ୍ରକାଶ ଥାଉକି ପ୍ରଥମ ପର୍ଯ୍ୟାୟରେ ୮ଟି ସେବାସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟ ବିଜେଡ଼ି ହାତରେ ଥିବାବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୩ଟି ସମିତିର ସଭ୍ୟ ବିଜେଡ଼ିହାତରେ ରହିଥିବାବେଳେ ଧାମନଗର ସେବାସମବାୟ ସମିତିର ନିର୍ବାଚନ ପ୍ରକ୍ରିୟାରେ ତୃଟି ଥିବାରୁ ସେଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚନ ବନ୍ଦଥିବାରୁ ୧୧ଟି ସମିତିର ସଭାପତି ବିଜେଡ଼ି ହାତରେ ରହିବା ନିଶ୍ଚିତ ହୋଇଯାଇଛି।

## ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଅର୍ନ୍ତଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ଠାରେ ଆଜି ପାଳିତ ହୋଇଯାଇଛି । ନିଶା ସେବନ ଅଭ୍ୟାସ ସ୍ୱାସ୍ଥ୍ୟର କ୍ଷତି କରିବା ସହ ପାରିବାରିକ ବିଶୃଙ୍ଖଳା ସୃଷ୍ଟି କରେ । ଏହା ଦୁର୍ଘଟଣା ଘଟାଇବା ପରେ ମୃତ୍ୟୁମୁଖରେ ପକାଏ । ଜିଲ୍ଲା ଅବକାରୀ ଅଧୀକ୍ଷକ ବୈଜୟନ୍ତୀ ପଣ୍ଡା ଯୋଗ ଦେଇ କହିଲେ ଦିବସଟିକୁ ପାଳନରେ ସୀମିତ ନରଖି ଏହାର କାର୍ଯ୍ୟକାରୀତା ଦିଗ ପ୍ରତି ଅଧିକ ଯତ୍ନଶୀଳ ହେବା ଜରୁରୀ ଅଟେ । ଏଥିରେ ଅବକାରୀ ଇନସପେକ୍ଟର ନିମାଇଁ ଚରଣ ସିଂହ, ରୁଲତା ବାରିକ, ଓଆଇସି ଭାରତୀ ନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ବଳରାମ ଦାସ, ଅବନୀ ମହାପାତ୍ର,ପ୍ରମୁଖ ଉପସ୍ଥିତ ଥିଲେ । ନିଜ ନିଜ ଅଂଚଳରେ ବ୍ୟାନର, ଲିଫଲେଟ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇବେ । ଏହି ଦିବସ ଉପଲକ୍ଷେ ଅନ୍ତର୍ଜାତିକ ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ ଚାଲଣ ବିରୁଦ୍ଧରେ ଏକ ପ୍ରଚାର ଗାଡି ଜିଲ୍ଲା ପରିକ୍ରମା କରିବ ।

## ବିରଜା ସଂସ୍କୃତ ଟୋଲ୍‌ର ଶତବାର୍ଷିକ ଉତ୍ସବ



ଯାଜପୁର, (ଭାସ୍କର ନ୍ୟୁଜ୍) : ଯାଜପୁରର ବହୁ ପ୍ରାଚୀନ ତଥା ସର୍ବ ପୁରାତନ ୧୯୦୮ ମସିହାରେ ସଂସ୍ଥାପିତ ବିରଜା ସଂସ୍କୃତ ଟୋଲ୍ ର ଶତବାର୍ଷିକ ସମାରୋହ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେଶନରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ପଣ୍ଡିତ ଭୂପତିଭୁଷଣ ମିଶ୍ରଙ୍କ ସଭାପତିତ୍ୱରେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ସଭାପତି ପଣ୍ଡିତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଯୋଗଦେଇ ଆଧୁନିକ ଚାକଚକ୍ୟ ମଧ୍ୟରେ ସଂସ୍କୃତ ଭାଷାର ପ୍ରାଚୀନତା ଓ ମହାନତା ଯେ ଆମ ସମାଜରେ ପ୍ରତିପାଦିତ ଏହାର ଜ୍ୱଳନ୍ତ ପ୍ରମାଣ ବିରଜା ସଂସ୍କୃତ ଟୋଲ ସହସ୍ରାଧିକ ଗୁରୁଙ୍କୁ ସୃଷ୍ଟି କରି ୧୧୫ ବର୍ଷରେ ପଦାର୍ପଣ କରିଅଛି। ମୁଖ୍ୟବକ୍ତା ଭାବେ ଲୋକଭାଷା ପ୍ରଚର ସମିତିର ଅଧ୍ୟକ୍ଷ ଡଃ ସଦାନନ୍ଦ ଦୀକ୍ଷିତ ଯୋଗଦେଇ ବିରଜା ସଂସ୍କୃତ ଟୋଲ୍ ସଂପର୍କରେ ସାରଗର୍ଭକ ବାର୍ତାମାନ ଉପସ୍ଥାପନ କରିଥିଲେ। ଉଦ୍‌ଘାଟକ ଭାବେ ଯାଜପୁର ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତାଙ୍କର ଉଦ୍‌ଘାଟନ ଅଭିଭାଷଣରେ ଅନୁଷ୍ଠାନର ସ୍ଥାନାନ୍ତର ସୂଚନା ଦେବା ସଙ୍ଗେ ସଙ୍ଗେ ସମସ୍ତ ପୁରାତନ ଛାତ୍ରମାନଙ୍କର ମତାମତକୁ ଅଗ୍ରାଧିକାର ଦେଇ ନୂତନ ସ୍ଥାନରେ ନିର୍ମାଣ କରାଯିବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଂପାଦକ ପଣ୍ଡିତ ଜ୍ଞାନରଂଜନ ପତି ମା' ବିରଜାଙ୍କ ସ୍ତୋତ୍ରପାଠ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ୧୫ଜଣ ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଉତରୀୟ ଓ ସନନ୍ଦ ପ୍ରଦାନ କରାଯାଇଥିଲା। ଶତବାର୍ଷିକ ସମାରୋହ ଉତ୍ସବରେ ଦ୍ୱିତୀୟ ଅଧିବେଶନରେ ପଣ୍ଡିତ ଅଜୟ କୁମାର ନନ୍ଦ ଙ୍କ ସଂଯୋଜନାରେ ପୂରାତନ ଛାତ୍ରଛାତ୍ରୀମାନେ ସେମାନଙ୍କର ଅନୁଭୁତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶତବାର୍ଷିକ ସମାରୋହର ମୁଖପତ୍ର "ସୌମନସ୍ୟମ୍" କୁ ଉନ୍ମୋଚିତ କରାଯାଇଥିଲା। ଏହି ସମାରୋହକୁ ପୁରାତନ ଛାତ୍ର ହରେକୃଷ୍ଣ ପାଣିଗ୍ରାହୀ, ଚନ୍ଦ୍ରଶେଖର ନନ୍ଦ, କୃଷ୍ଣଚନ୍ଦ୍ର ମିଶ୍ର, ଅଜିତ କୁମାର ଦାଶ, ଦାମୋଦର ସ୍ୱାଇଁ, ବିଜୟ କୁମାର ନନ୍ଦ, ସୂର୍ଯ୍ୟମଣୀ ଦ୍ୱିବେଦୀ, ମଦନମୋହନ ପାଣିଗ୍ରାହୀ, ଗୁରୁଚରଣ ସାହାଣୀ ପ୍ରମୁଖ ସଞ୍ଚାଳନ କରିଥିଲେ।

### ବିଜେଡି ଛାଡିଲେ ପ୍ରାକ୍ତନ ସରପଞ୍ଚ ମଣ୍ଟୁ ଜେନା




ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା। ତିହିଡ଼ି ବ୍ଲକ ଦୋଲସାହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର (ମଣ୍ଟୁ) ଜେନା ରବିବାର ବିଜେଡିରୁ ଇସ୍ତଫା ଦେଇଥିବା ନେଇ ଏକ ଲିଖିତ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଚଳିତ ସେବା ସମବାୟ ସମିତି ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ କରି ମଧ୍ୟ କୌଣସି ସହଯୋଗ ନକରି ତାଙ୍କୁ ପରାସ୍ତ କରିବା ପାଇଁ କଳ କୌଶଳ ପ୍ରୟୋଗ କରିଥିଲେ। ଯାହାଫଳରେ ସେ ଦୁଃଖିତ ଓ ମର୍ମାହତ ହୋଇ ବିଜେଡିରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ ବିଜେଡି ବ୍ଲକ ସଭାପତିଙ୍କୁ ଏକ ଇସ୍ତଫା ପତ୍ର ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଶ୍ରୀ ଜେନା ପ୍ରଥମେ ଜନତା ଦଳରୁ ରାଜନୈତିକ ଜୀବନ ଆରମ୍ଭ କରି ପରେ ବିଜେଡିରେ ସାମିଲ ହୋଇ ଦଳକୁ ପଞ୍ଚାୟତରେ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ସେ ବିଜେଡି ସମର୍ଥନରେ ପଞ୍ଚାୟତରୁ ଥରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

### ସେବା ସମବାୟ ସମିତି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ

## ୩ ସମିତିରେ ବିଜେଡି ଓ ୩ ସମିତିରେ ବିଜେପି ବିଜୟୀ



ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ୬ଟି ସମବାୟ ସମିତିରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନର ଫଳାଫଳ ଘୋଷଣା ପରେ ଜଣାପଡ଼ିଛି ଯେ, ୩ ସମବାୟ ସମିତିରେ ବିଜେଡି ସମର୍ଥିତ ବୋର୍ଡ଼ ସଦସ୍ୟ ଓ ୩ଟି ସମିତିରେ ବିଜେପି ସମର୍ଥିତି ବୋର୍ଡ଼ ସଦସ୍ୟମାନେ ସଂଖ୍ୟାଗରିଷ୍ଠତା ହାସଲ କରିଛନ୍ତି। ଗୁଆମାଳ ସେବା ସମବାୟ ସମିତିରେ ବିଜେଡି ସମସ୍ତ ୧୫ଟି ଜୋନ ଅକ୍ତିଆର କରିଛି। ସେମାନଙ୍କ ମଧ୍ୟରୁ ପୂର୍ବରୁ ୯ ଜୋନର ବୋର୍ଡ଼ ସଦସ୍ୟ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରବିବାର ଅନ୍ୟ ୬ଟି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ୬ଟି ଯାକ ଜୋନ ମଧ୍ୟ ବିଜେଡି ଅକ୍ତିଆର କରିଥିବା ଫଳାଫଳରୁ ଜଣା ପଡ଼ିଛି। ଏହି ସମିତିରେ ପ୍ରିଜାଇଡିଂ ଅଫିସର ଗୋକୁଳାନନ୍ଦ ଦାସ, ନିର୍ବାଚନ ଅଧିକାରୀ ଅରୁଣ କୁମାର ପଣ୍ଡା ଓ ସମ୍ପାଦକ ମୁକ୍ତିକାନ୍ତ ଜେନା ନିର୍ବାଚନ ପରିଚାଳନା କରିଥିଲେ। ଶ୍ୟାମସୁନ୍ଦରପୁର ସେବା ସମିତିରେ ବିଜେଡି ୧୦ଟି ଜୋନ ଅକ୍ତିଆର କରିଥିବା ବେଳେ ୫ଟି ଜୋନ୍ ବିଜେପି ହାତକୁ ଯାଇଛି। ଏହି ସମିତିରେ ପ୍ରିଜାଇଡି ଅଫିସର ସୁଦର୍ଶନ ଖଟୁଆ, ନିର୍ବାଚନ ଅଧିକାରୀ ରତିକାନ୍ତ ମହାଳିକ ଓ ସମ୍ପାଦକ କାଳନ୍ଦୀ ଚରଣ ଦାସ ନିର୍ବାଚନ ପରିଚାଳନା କରିଥିଲେ। ଅଣ୍ଡରାଇ ସେବା ସମବାୟ ସମିତିରେ ବିଜେଡି ୧୦ଟି ଜୋନ ହାତେଇଥିବା ବେଳେ ବିଜେପି ଓ କଂଗ୍ରେସ ମେଣ୍ଟ ୫ଟି ଜୋନ୍ ହାତେଇଛନ୍ତି। ଏହି ସମିତିରେ ୨ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯାଇଥିଲା। ପ୍ରିଜାଇଡିଂ ଅଫିସର ସଂଜୟ କୁମାର ନାୟକ ଓ ଶଂକର୍ଷଣ ଜେନା, ନିର୍ବାଚନ ଅଧିକାରୀ ନଳିନୀକାନ୍ତ ଦାସ ଓ ସମ୍ପାଦକ ଶେଷଦେବ ପରିଡ଼ାଙ୍କ ସହିତ ବିଶ୍ୱନାଥ ଖୁଣ୍ଟିଆ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ନରେନ୍ଦ୍ରପୁର ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ୟରୁ ୮ଟି ଜୋନ ବିଜେପି ଅକ୍ତିଆରରେ ରହିଥିବା ବେଳେ ୭ଟି ଜୋନରେ ବିଜେଡି ଓ କଂଗ୍ରେସ ମେଣ୍ଟ ହାତେଇଛି। ଏହି ସମିତିରେ ପ୍ରିଜାଇଡିଂ ଅଫିସର ଗୋପୀନାଥ ଭୂୟାଁ, ନିର୍ବାଚନ ଅଧିକାରୀ ଦୀନବନ୍ଧୁ ପାତ୍ର ଓ ସମ୍ପାଦକ ମାୟାଧର ବେହେରା ନିର୍ବାଚନ ପରିଚାଳନା କରିଥିଲେ। ବାରସର ସେବା ସମବାୟ ସମିତିରେ ବିଜେପି ୧୧ଟି ଜୋନରେ ବିଜୟୀ ହୋଇଥିବା ବେଳେ ୪ଟି ଜୋନରେ ବିଜେଡି ବିଜୟୀ ହୋଇଥିବା ଜଣା ପଡ଼ିଛି। ସମିତିରେ ପ୍ରିଜାଇଡିଂ ଅଫିସର ଅମରେନ୍ଦ୍ର ନାୟକ, ନିର୍ବାଚନ ଅଧିକାରୀ ବାସୁଦେବ ବେହେରା ଓ ସମ୍ପାଦିକା ସତ୍ୟଭାମା ବିଶ୍ୱାଳ ନିର୍ବାଚନ ପରିଚାଳନା କରିଥିଲେ। ନିଶ୍ଚନ୍ତପୁର ସେବା ସମବାୟ ସମିତିରେ ବିଜେପି ୯ଟି ଜୋନରେ ବିଜୟୀ ହୋଇଥିବା ବେଳେ ବିଜେଡି ୫ଟି ଜୋନ ଅକ୍ତିଆର କରିଛି ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ଦ୍ଵନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏହି ସମିତିରେ ପ୍ରିଜାଇଡିଂ ଅଫିସର ଭାବେ ମନୋରଂଜନ ବଳ, ନିର୍ବାଚନ ଅଧିକାରୀ ତ୍ରିନାଥ ଭୋଇ, ସମ୍ପାଦିକା ଗୀତାଞ୍ଜଳି ଦାସ ନିର୍ବାଚନ ପରିଚାଳନା କରିଥିଲେ। ଜିଲା ନିର୍ବାଚନ ଅଧିକାରୀ ତଥା ଏଆରସିଏସ୍ ସଦାନନ୍ଦ ବେହେରା ଓ ସୁପର ଭାଇଜର ଶକ୍ତିଧର କାଣ୍ଡି ବିଭିନ୍ନ ସମିତିକୁ ଯାଇ ନିର୍ବାଚନ ଅନୁଧ୍ୟାନ କରିଥିଲେ। ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ତିହିଡ଼ି ଥାନା ଅଧିକାରୀ ତପନ କୁମାର ପ୍ରଧାନ ଓ ପୀରହାଟ ଥାନା ଅଧିକାରୀ ଗୟାଧର ବେହେରା ଦୃଢ଼ ପଦକ୍ଷେପ ଗ୍ରହଣ କରି ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ପୋଲିସ ମୁତୟନ କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗୋଟିଏ ଦିନରେ ୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୨୫୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୬୪୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୩୧ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୪୦ ଜଣ ସଂଗରୋଧରୁ ଓ ୨୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## 'ଦେଶରେ ତୃତୀୟ ସ୍ୱାଧୀନତା ସଂଗ୍ରାମର ଆବଶ୍ୟକତା ରହିଛି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକନାୟକ ଜୟପ୍ରକାଶ ଆନ୍ତର୍ଜାତୀୟ ଅଧ୍ୟୟନ କେନ୍ଦ୍ର, ନୂଆଦିଲ୍ଲୀ ଓଡ଼ିଶା ଶାଖା ଆନୁକୂଲ୍ୟରେ ଗଣତନ୍ତ୍ର ସୁରକ୍ଷା ଅଭିଯାନର ସଭା ଓ କାର୍ଯ୍ୟକ୍ରମକୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ଅନୁଷ୍ଠାନର ଜାତୀୟ ସଭାପତି ବ୍ରଜକିଶୋର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସମାଜବାଦୀ ନେତା ମିଶାବନ୍ଦୀ ଥିବା ଆଡ଼ଭୋକେଟ ଚିତରଞ୍ଜନ ମହାନ୍ତି ସଭାରେ ସଭାପତିତ୍ୱ କରିଥିଲେ। ସକାଳ ସମୟରେ ରେଳ ଷ୍ଟେସନ ନିକଟସ୍ଥ ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ଥାନୀୟ ଗୀତଗୋବିନ୍ଦ ଭବନଠାରେ ଆଲୋଚନା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡଃ ଭଗବାନ ପ୍ରକାଶ ଯୋଗଦେଇ କହିଲେ ଯେ, ଜନସାଧାରଣ ଜାଗ୍ରତ ପ୍ରହରୀ ଭାବରେ ଗଣତନ୍ତ୍ରର ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ଆହ୍ୱାନ ଦେଇ ନିର୍ବାଚନ ସଂସ୍କାର ସମ୍ପର୍କିତ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ସମାଜବାଦୀ ନେତା କୃଷ୍ଣଚନ୍ଦ୍ର ପାତ୍ର ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଗଣତନ୍ତ୍ର ବିରୋଧୀ ଶକ୍ତିମାନଙ୍କ ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଥିଲେ। ଆବାହକ ଶ୍ରୀ ମନୋଜ ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଭାରେ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରି ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ହାସଲ ପାଇଁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ ଗଣତନ୍ତ୍ର ସୁରକ୍ଷା ପାଇଁ ତୃତୀୟ ସ୍ୱାଧୀନତା ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ସମାଜବାଦୀ ନେତା ତଥା ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର ଓ ସମ୍ବଲପୁର ବିଶିଷ୍ଟ ସମାଜବାଦୀ ଓ ଶ୍ରମିକ ନେତା ଜ୍ଞାନ ପଟ୍ଟନାୟକଙ୍କୁ ସେମାନଙ୍କ ତ୍ୟାଗ ଓ ସେବା ପାଇଁ ଅନୁଷ୍ଠାନ ତରଫରୁ ଲୋକନାୟକ-୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅଜୟ କୁମାର ଜେନା, ବରିଷ୍ଠ ସାମ୍ବାଦିକ ରବି ଦାସ, ଶ୍ରମିକ ସଂଗଠନ ନେତା ପଞ୍ଚାନନ ସେନାପତି, ସୁଶ୍ରୀ ଲକ୍ଷ୍ମୀ ମହାନ୍ତି, ଇଂ ଲଳିତ ମୋହନ ପଟ୍ଟନାୟକ, ରାଧାକାନ୍ତ ବହିଦାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଲୋକନାୟକ ଜୟପ୍ରକାଶ ଆନ୍ତର୍ଜାତିକ ଅଧ୍ୟୟନ ବିକାଶ କେନ୍ଦ୍ରର ଓଡ଼ିଶା ଶାଖା ଆବାହକ ପ୍ରଭାସ ସାମନ୍ତରାୟ ସଭା ପରିଚାଳନା କରିଥିଲେ। ବଜ୍ରାଦିତ୍ୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ

## ମହାରାଷ୍ଟ୍ର ଯିବେ ୨୫ ଓଡ଼ିଆ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ମହାରାଷ୍ଟ୍ର ଏବଂ ଓଡ଼ିଶା ଏହି କାର୍ଯ୍ୟକ୍ରମ ଅଧୀନରେ ସହଯୋଗୀ ରାଜ୍ୟ ଭାବେ ପରସ୍ପର ସହ ସମ୍ପର୍କ ସ୍ଥାପନ କରୁଛନ୍ତି । ଛାତ୍ର ବିନିମୟ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଗୁଣୁପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀ ୨ ଜଣ ଶିକ୍ଷକ ମହାରାଷ୍ଟ୍ର ଗସ୍ତ କରିବେ । ସେମାନଙ୍କୁ ମୁମ୍ବାଇର ଠାକୁର କଲେଜ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ପକ୍ଷରୁ ଆତିଥେୟ ପ୍ରଦାନ କରାଯିବ । ଏହି ଛାତ୍ର ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଉଭୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆପୋସ ସମ୍ପର୍କ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ପରସ୍ପରର ଜୀବନଶୈଳୀ, ସଂସ୍କୃତି ପରମ୍ପରା, ଶିକ୍ଷା ପଦ୍ଧତି ଆଦି ବିଷୟରେ ମତବିନିମୟ କରିବା ଲାଗି ସେମାନଙ୍କୁ ସୁଯୋଗ ମିଳିବ । ଚଳିତ ବର୍ଷ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମରେ ମୋଟ ୭୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ରାଜ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଯୋଗ୍ୟ ଯେ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାର ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୩୧ ଅକ୍ଟୋବର, ୨୦୧୫ରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୦ତମ ଜୟନ୍ତୀ ଅବସରରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଭାଷା ଶିଖିବା, ସଂସ୍କୃତି, ପରମ୍ପରା, ସଂଗୀତ, ପର୍ଯ୍ୟଟନ, ଖାଦ୍ୟପେୟ, କ୍ରୀଡ଼ା ଏବଂ ସର୍ବୋତ୍ତମ ପଦ୍ଧତିକୁ ବାଣ୍ଟିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରୋତ୍ସାହନ ଦିଆଯାଉଛି ।

## 'ସାହିତ୍ୟର ସଂପ୍ରସାରଣ ପାଇଁ ଅନୁବାଦ ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନୁବାଦ ଜରିଆରେ ଭାରତୀୟ ସାହିତ୍ୟରେ ସଂପର୍କ କ୍ରିୟାଶୀଳ ହେଉଛି । ସାହିତ୍ୟିକ ପରିବେଶ ନିର୍ମାଣରେ ଅନୁବାଦ ସେତୁ ଭାବେ କାର୍ଯ୍ୟ କରୁଛି । ସୁତରାଂ ଓଡ଼ିଆ ସାହିତ୍ୟକୃତିଗୁଡ଼ିକର ବ୍ୟାପକ ଅନୁବାଦ ହେବା ଆବଶ୍ୟକ । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଲୋଚକମାନେ ସାହିତ୍ୟର ପାଠକୀୟ ସଂପ୍ରସାରଣ ପାଇଁ ଅନୁବାଦ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି । ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ବିଶିଷ୍ଟ ଅନୁବାଦକ କ୍ଷୀରୋଦ ପରିଡ଼ାଙ୍କ ସହ କଥାବାର୍ତ୍ତାରେ ମିଳିତ ହୋଇଥିଲେ ଅନୁଷ୍ଠାନର ଉପସଭାପତି କବି ରକ୍ଷକ ନାୟକ । ଶ୍ରୀ ପରିଡ଼ା ଅନୁବାଦରେ ତାଙ୍କର ଅଭିଜ୍ଞତା, ଓଡ଼ିଆ ସାହିତ୍ୟରେ ଅନୁବାଦର ସ୍ଥିତି ଓ ଭବିଷ୍ୟତ ଉପରେ ମତାମତ ରଖିଥିଲେ । ସରୋଜ ବଳ, ଡ. ପ୍ରଦୀପ୍ତ ବାରିକ ଓ ପବିତ୍ର ମୋହନ କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । 'ଏ ମାସର କଥାକାର' ଭାବରେ ଯୋଗଦେଇ ଚିନ୍ମୟୀ ପଣ୍ଡା ସ୍ୱରଚିତ ଗଳ୍ପ ପାଠ କରିଥିବାବେଳେ ଡ. ଅଭୟ ନାରାୟଣ ନାୟକ ଓ ଇତିଶ୍ରୀ ପତିଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅମୀୟ କୁମାର ସାହୁ, ମିନତୀ ମିଶ୍ର, ଡ. ସ୍ୱପ୍ନା ମିଶ୍ର ଓ ସ୍ୱର୍ଣ୍ଣଲତା ମହାପାତ୍ର ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ ସମ୍ପନ୍ନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ ସମ୍ପନ୍ନ ହୋଇଛି । ସକାଳ ୭ଟାରୁ ୬୪୩ ସମବାୟ ସମିତି ପାଇଁ ହେଉଛି ମତଦାନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ପ୍ରାଥମିକ ସମବାୟ ସମିତି ନିର୍ବାଚନ ପାଇଁ ୩୦୧୨ ପ୍ରାଥମିକ ସମବାୟ ସମିତି ଧାର୍ଯ୍ୟ ହୋଇଥିଲା । ଏଥିରୁ ୨୩୬୯ ସମବାୟ ସିମିତି ସଦସ୍ୟମାନେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଅବଶିଷ୍ଟ ୬୪୩ ସମବାୟ ସମିତି ପାଇଁ ମତଦାନ ହୋଇଛି । ୩ ଲକ୍ଷ ୮୫ ହଜାର ୪୮ ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି । ମତଦାନ ବୁଥରେ ମାଜିଷ୍ଟ୍ରେଟ ଓ ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ ହୋଇଛନ୍ତି । ୧୫୫ଟି ସମ୍ବେଦନଶୀଳ ବୁଥରେ ଭିଡିଓଗ୍ରାଫି ସହ ସିସିଟିଭି ଦ୍ୱାରା ମନିଟର କରାଯାଇଛି । ଅତି ସମ୍ବେଦନଶୀଳ ବୁଥ୍ ଦାୟିତ୍ୱରେ ରହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ । ୧୯ ଉପନିବନ୍ଧକ ଓ ୫୮ ସହକାରୀ ନିବନ୍ଧକଙ୍କ ସହିତ କର୍ମଚାରୀମାନେ ନିର୍ବାଚନ ପରିଚାଳନା କରିଛନ୍ତି ।

## ବଦଳିପାରନ୍ତି ବିରୋଧୀଦଳ ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅସୁସ୍ଥତା କାରଣରୁ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକଙ୍କ ଅନୁପସ୍ଥିତି ଯୋଗୁଁ ଦଳକୁ ବିଧାନସଭାରେ ବିଜେପି ବିଧାୟକମାନଙ୍କୁ ଉପଯୁକ୍ତ ଗୁରୁତ୍ୱ ମିଳୁନାହିଁ । ତେଣୁ ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ନୂଆ ବିରୋଧୀ ଦଳର ନେତା ଚୟନ କରିବାକୁ ବିଧାୟକ ମାନେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ଅନୁରୋଧ କରିଥିବା ନେଇ ସୂଚନା ଦେଇଛନ୍ତି ସୁନ୍ଦରଗଡର ବିଜେପି ବିଧାୟକ କୁସୁମ ଟେଟେ । ସେ କହିଛନ୍ତି ଯେ ଓଡ଼ିଶାର ବିଜେପି ବିଧାୟକମାନେ ଦିଲ୍ଲୀରେ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ଭେଟି ପ୍ରସ୍ତାବ ଦେଇଛନ୍ତି। ଏବିଷୟରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ମଧ୍ୟ ବିଧାୟକମାନେ ଭେଟି ଅବଗତ କରାଇଛନ୍ତି। ଉଭୟ ରାଜ୍ୟ ଓ ରାଷ୍ଟ୍ରୀୟ ସଭାପତି ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀଦଳ ନେତାଙ୍କୁ ବଦଳାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ଆମ ଦଳରେ ୨୨ ଜଣ ବିଧାୟକ ଅଛନ୍ତି, ସେଥିମଧ୍ୟରୁ ଅନେକ ବରିଷ୍ଠ ଓ ଅଭିଜ୍ଞ ନେତା ଅଛନ୍ତି। ଏଣୁ ଯାହାଙ୍କୁ ବି ବିରୋଧୀଦଳ ନେତା ଭାବେ ଦାୟିତ୍ୱ ଦିଆଗଲେ ଚଳିବ।

## ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ: ସଚ୍ଚିନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ସେନାବାହିନିକୁ ଯୋଜନାବଦ୍ଧ ଭାବରେ ଦୁର୍ବଳ କରିବାର କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାକୁ କଦାପି ବରଦାସ୍ତ କରାଯିବ ନାହିଁ। ଦେଶର ସେନା ଓ ଯୁବବର୍ଗଙ୍କ ଭବିଷ୍ୟତକୁ ଅଗ୍ନିପଥ ଯୋଜନା ମାଧ୍ୟମରେ ଅନ୍ଧକାର ଗର୍ଭକୁ ଠେଲି ଦେବାର ଅପଚେଷ୍ଟା ବିରୋଧରେ ରବିବାର ପ୍ରଦେଶ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସର ରାଷ୍ଟ୍ରୀୟ ମୁଖପାତ୍ର ସଚିନ ସାୱନ୍ତ, ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଓ ଗଣମାଧ୍ୟମ ବିଭାଗ ଆବାହକ ସତ୍ୟପ୍ରକାଶ ନାୟକଙ୍କ ଉପସ୍ଥିତିରେ କଠୋର ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଅଗ୍ନିପଥ ଯୋଜନା ଦେଶର ଯୁବବର୍ଗଙ୍କ ଭବିଷ୍ୟତ ପ୍ରତି ଧୋକା ଏବଂ ବିଶ୍ୱାସଘାତ ସଦୃଶ। ଭାରତଭଳି ଦେଶ ଆଜି ୫୦ ବର୍ଷର ରେକର୍ଡ ତୋଡ ଉତ୍କଟ ବେକାରୀ ସମସ୍ୟା ଦେଇ ଗତି କରୁଥିବା ବେଳେ ସେନାବାହିନୀରେ ନିଯୁକ୍ତି ଅପେକ୍ଷାରେ ଥିବା ଏ ଦେଶର ଏକ କୋଟିରୁ ଊର୍ଦ୍ଧ୍ୱ ଯୁବକ ଆଜି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ଯୋଗୁ ପ୍ରତାରିତ ଏବଂ ହତାଶ ହୋଇଛନ୍ତି। ଅଗ୍ନିପଥ ପରି ଏକ ଦିଶାହୀନ ଯୋଜନାକୁ ଲାଗୁ କରାଯିବାର ଏକପାଖିଆ ନିଷ୍ପତ୍ତି ତଥା ଏ ଦେଶର ସମଗ୍ର ଯୁବସମାଜର ହିତ ଦୃଷ୍ଟିରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସେ ଦାବି କରିଥିଲେ। ଆସନ୍ତା କାଲି ସତ୍ୟାଗ୍ରହ ମାଧ୍ୟମରେ ଦେଶର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅଗ୍ନିପଥ ଯୋଜନା ବିରୋଧରେ କଂଗ୍ରେସ ପ୍ରଦର୍ଶନ କରିବ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ମୁଖ୍ୟ ଅଭିଷେକ ମହାନନ୍ଦ, ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ରଜନୀ ମହାନ୍ତି ଓ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

## କାର୍ଯ୍ୟକାରିଣୀ ବୈଠକ ପରେ ବସ୍ ଧର୍ମଘଟ ନେଇ ହେବ ନିଷ୍ପତ୍ତି

## ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଭେଟିଲା ବସ ମାଲିକ ସଂଘ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରସ୍ତାବିତ ବସ ଧର୍ମଘଟ ନେଇ ଆସନ୍ତା କାଲି କାର୍ଯ୍ୟକାରିଣୀ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ଘରୋଇ ବସ ମାଲିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ରବିବାର ଦିନ ଏହି ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ସହିତ ଆଜି ଘରୋଇ ବସ ମାଲିକ ସଂଘର ପ୍ରତିନିଧି ମାନେ ଆଲୋଚନା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଏହି ବୈଠକରେ ବସ ମାଲିକ ସଂଘକୁ ଧର୍ମଘଟ ନକରିବା ପାଇଁ ଅନୁରୋଧ କରାଯାଇଛି ଏବଂ ବାହୁଡ଼ା ପର୍ଯ୍ୟନ୍ତ ସମୟ ମଗାଯାଇଛି। ତାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ। ଆସନ୍ତାକାଲି ସନ୍ଧ୍ୟା ୫ ଟାରେ ସଂଘର କାର୍ଯ୍ୟକାରିଣୀ ବୈଠକ ବସିବ। ଏହି ବୈଠକରେ ଧର୍ମଘଟ ନେଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ଘରୋଇ ବସ୍ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

## ୨୨ ଜିଲ୍ଲାରେ ବର୍ଷା ସମ୍ଭାବନା



ରବିବାର ରାଜଧାନୀ ଆକାଶରେ କଳାହାଣ୍ଡିଆ ମେଘ ଛାଇଯାଇଥିବାର ଦୃଶ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରାୟ ୨୨ଟି ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି ବୋଲି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ୨୭ ତାରିଖ, ସୋମବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ୨୨ଟି ଜିଲ୍ଲା ଯଥା ଗଞ୍ଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, କନ୍ଧମାଳ, ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ, ଅନୁଗୁଳ, କେନ୍ଦୁଝର, କଟକ, ଯାଜପୁର, ଢ଼େଙ୍କାନାଳ, ମାଲକାନଗିରି, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ ଓ ରାୟଗଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।




ମାଷ୍ଟରକ୍ୟାଣ୍ଟିନ୍ ଠାରେ 'ରେନ୍‌ବୋ ପ୍ରାଇଡ୍ ୱାକ୍'ରେ ଯୋଗ ଦେଇଛନ୍ତି ବହୁ ଯୁବପୀଢ଼ି

## ୯୦ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

## ଦେଶ ଆଜି ବିକାଶ ପଥରେ ଆଗେଇ ଚାଲିଛି: ବିଜେପି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶବାସୀଙ୍କ ମନର କଥା ଏବଂ ଭାବକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଲ ଭାବେ ହୃଦବୋଧ କରି ଅତି ସରଳ ଭାଷାରେ ଦେଶବାସୀଙ୍କ ସମ୍ମୁଖରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଉପସ୍ଥାପିତ କରନ୍ତି । 'ମନ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଦେଶବାସୀଙ୍କ ସହ ଯୋଡି ହେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଜିର '୯୦ତମ ମନ୍ କି ବାତ୍' କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରେରଣାଦାୟୀ ଥିଲା ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ଯେ, ଦେଶ ଆଜି ବିକାଶ ପଥରେ ଦୃତ ଗତିରେ ଆଗେଇ ଚାଲିଛି । ଷ୍ଟାର୍ଟ ଅଫ, ୟୁନିକର୍ଣ୍ଣ, ସ୍ୱୟଂ ସହାୟକ ଗୋଷ୍ଠୀ, ପର୍ଯ୍ୟଟନ, ସ୍ୱଚ୍ଛତା, ଜଳ ସଂରକ୍ଷଣ ଆଦି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବକ୍ତବ୍ୟ ଆମ ସମସ୍ତଙ୍କୁ ବହୁ ନୂତନ ତଥ୍ୟ ପ୍ରଦାନ କରିଛି । ସାଧାରଣ ପରିବାର ଏବଂ ଗ୍ରାମାଞ୍ଚଳ ତଥା ଛୋଟ ଛୋଟ ସହରରୁ ଆସୁଥିବା ଦେଶର ଯୁବକ ଓ ଯୁବତୀମାନେ କ୍ରୀଡା କ୍ଷେତ୍ରରୁ ଆରମ୍ଭ କରି ଆଜି ମହାକାଶ କ୍ଷେତ୍ରରେ ମଧ୍ୟ ନୂଆ ନୂଆ ପ୍ରୟୋଗ ଜାରୀ ରଖି ଦେଶକୁ ବିକାଶର ପଥରେ ଆଗେଇ ନେଉଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଦୀର୍ଘ ୨ ବର୍ଷ ଧରି ସାଧାରଣ ଭକ୍ତଙ୍କ ଅନୁପସ୍ଥିତିରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ କୋଭିଡ୍ ଗାଇଡଲାଇନକୁ ଅନୁପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଶ୍ରୀ ମହାନ୍ତି ସମର୍ଥନ ଜଣାଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ୨୯ନଂ ୱାର୍ଡର ୧୧୧ନଂ ବୁଥ୍‌ରେ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ 'ମନ କି ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ । ରାଜ୍ୟ ଗସ୍ତରେ ଥିବା ରାଷ୍ଟ୍ରୀୟ ଉପସଭାପତି ଦିଲୀପ ଘୋଷ ମଧ୍ୟ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଅନୁଷ୍ଠିତ 'ମନ କି ବାତ୍' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେହିପରି ରାଜ୍ୟର ସମସ୍ତ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ ।

## ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କ ବିରୋଧରେ ହତ୍ୟା ଅଭିଯୋଗ




### ଆନନ୍ଦ ଟପ୍ପୋଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ହକି ଜଗତର ଏକ ଜଣାଶୁଣା ନାଁ ବୀରେନ୍ଦ୍ର ଲାକ୍ରା । କିନ୍ତୁ ଏବେ ବୀରେନ୍ଦ୍ରଙ୍କ ବିରୋଧରେ ଏକ ସାଂଘାତିକ ଅଭିଯୋଗ ଆସିଛି । ଅଲିମ୍ପିଆନ ବିରେନ୍ଦ୍ର ଲାକ୍ରା ଓ ତାଙ୍କ ବାନ୍ଧବୀ ମନଜିତ ଟେଟେଙ୍କ ନାଁରେ ଆସିଛି ହତ୍ୟା ଭଳି ସାଂଘାତିକ ଅଭିଯୋଗ । ଭୁବନେଶ୍ୱରରେ ଘଟିଥିବା ଆନନ୍ଦ ଟପ୍ପୋଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଏହି ଦୁଇଜଣ ସାମିଲ ଥିବା ସିଧାସଳଖ ଅଭିଯୋଗ ଆଣିଛନ୍ତି ଆନନ୍ଦଙ୍କ ପରିବାର ଲୋକେ । ମୃତ ଆନନ୍ଦଙ୍କ ବାପା ଓ ମାଙ୍କ କହିବା ଅନୁସାରେ ଭୁବନେଶ୍ୱର ଇନଫୋସିଟି ଥାନା ଅଞ୍ଚଳର ଏକ ଫ୍ଲାଟରେ ଆନନ୍ଦ ଟପ୍ପୋଙ୍କ ମୃତଦେହ ମିଳିଥିଲା । ଆଉ ଏହି ଏହି ଫ୍ଲାଟ ଥିଲା ବୀରେନ୍ଦ୍ର ଲାକ୍ରାଙ୍କର । ବୀରେନ୍ଦ୍ର ଲାକ୍ରା ଓ ଆନନ୍ଦ ପିଲାଦିନର ବନ୍ଧୁ ଥିଲେ । ଅଭିଯୋଗ ହେଉଛି ଜଣେ ଯୁବତୀଙ୍କୁ ଉଭୟ ଭଲ ପାଉଥିଲେ ଏବଂ ସେହି କାରଣରୁ ଏଭଳି ଘଟଣା ଘଟିଛି । ପରିବାର ଲୋକଙ୍କ କହିବା କଥା, ପୋଲିସ ଜାଣିଶୁଣି ତଦନ୍ତ ଠିକ ଭାବରେ ତଦନ୍ତ କରୁନାହିଁ । ବୀରେନ୍ଦ୍ର ଜଣେ ଡିଏସ୍‌ପି ହୋଇଥିବାରୁ ତଦନ୍ତ ହେଉ ନାହିଁ ବୋଲି ଅଭିଯୋଗ କରିଛନ୍ତି । ତେଣୁ ଘଟଣାର ସିବିଆଇ ତଦନ୍ତ ପାଇଁ ଆନନ୍ଦଙ୍କ ପରିବାର ଲୋକେ ଦାବି କରିଛନ୍ତି । ଆନନ୍ଦଙ୍କ ପରିବାର ଲୋକଙ୍କ କହିବା କଥା ହେଲା, ତାଙ୍କ ପୁଅ ସଂପୂର୍ଣ୍ଣ ସୁସ୍ଥ ଥିଲେ । ଫେବୃଆରୀ ୧୬ରେ ସେ ବିବାହ କରିଥିଲେ । କିନ୍ତୁ ହଠାତ୍ ୨୮ ତାରିଖରେ ଭୁବନେଶ୍ୱରରେ ତାଙ୍କ ମୃତଦେହ ମିଳିଥିଲା ।



ଖଡ଼ିଆଳ,(ଭାସ୍କର ନ୍ୟୁଜ):ଖଡ଼ିଆଳସ୍ଥିତ ଶ୍ରୀ ମା'ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତରଫରୁ କୈଳାସ ସାହୁଙ୍କ ବାସଭବନରେ ଶ୍ରୀ ଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଅଛି । ଶ୍ରୀମା ଓ ଅରବିନ୍ଦ ଫଟୋ ଚିତ୍ରେର ମାଲ୍ୟାର୍ପଣ, ପୂଜାର୍ଚ୍ଚନା ସହ ୨ମିନିଟ ନିରବ ପାର୍ଥନା କରିଥିଲେ । ଏଥିରେ ଟ୍ରଷ୍ଟ ସଭାପତି ମେଜର ଡ଼ଃ ରାମଚନ୍ଦ୍ର ମିଶ୍ର ଓ ଉପସଭାପତି ଶ୍ରୀବତ୍ସ ବାରିକ ଯୋଗଦେଇ ପାଠରବ ବି ବିଶେଷତ୍ୱ ଉପେର ଗୁରୁତ୍ୱ ଅରୋପ କରିଥିଲେ। ଏହି ପାଠଚକ୍ରେର ଦୁର୍ଗାସ୍ତୁତି ଓ ଶ୍ରୀମା ବହିର ଦ୍ୱିତୀୟ ଅଧ୍ୟାୟ ପାଠଚକ୍ର ଉପେର ଆଲୋଚନା କରିଥିଲେ । ଏଥିରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ବେଣୁଧର, କୁଳମଣି ଏବଂ ପରିବାରର ସଦସ୍ୟ ପୂର୍ଣଚନ୍ଦ୍ର ସାହୁ, ଗୁପ୍ତେଶ୍ୱର ସାହୁ, ମା' ମାନେ ତଥା ଅରବିନ୍ଦ ସ୍କୁଲ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁନୀତି ପୁରୋହିତଙ୍କ ଭଜନ ସଂଗୀତ ଗାନ କରିଥିଲେ । ଅରବିନ୍ଦଟ୍ରଷ୍ଟ ତରଫରୁ ପାଠଚକ୍ର କରାଯିବ ଏହା ଆରମ୍ଭ ହେଇଛି ବୋଲି ଡ଼ଃ ମିଶ୍ର ପ୍ରକାଶ କରିଛନ୍ତି ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, କର୍ମଚାରୀ ନିଯୁକ୍ତି ଦାବି




ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଥିବା ନେଇ ଡ଼ିଣ୍ଡିମ ପିଟୁଥିବା ବେଳେ ବଲାଙ୍ଗିର ଜିଲ୍ଲାର ମ୍ୟାଲେରିଆ ପ୍ରବଣ ଖପ୍ରାଖୋଲ ବ୍ଲକ ସଦର ମହକୁମା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷ ବର୍ଷ ଧରି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି । ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ୧୯୬୨ ମସିହାରେ ଖପ୍ରାଖୋଲ ବ୍ଲକ ସଦର ମହକୁମା ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ଯାଇଥିବା ବେଳେ ୨୦୧୨ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଲାଭ କରିଛି । ବ୍ଲକରେ ୨୧ଟି ପଞ୍ଚାୟତର ୧୩୨ଟି ଗାଁ ସମେତ ବେଲପଡା ବ୍ଲକର ୨୫ଗାଁର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭରଶୀଳ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହେଲା ପରେ ଅଞ୍ଚଳର ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ଆଶା ରଖିଥିଲେ । ହେଲେ ଉନ୍ନୀତ ହେବାର ଦଶବର୍ଷ ପରେ ମଧ୍ୟ ବିନା ବିଶେଷଜ୍ଞ ପଦବିରେ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର । ସରକାରୀ ନିୟମ ଅନୁସାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମେଡ଼ିସିନ ବିଶେଷଜ୍ଞ, ଜଣେ ଶିଶୁ ରୋଗ ବିଶେଷଜ୍ଞ, ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରହିବା କଥା। ସେହିପରି ପାଞ୍ଚରୁ ଅଧିକ ଏମବିବିଏସ୍ ଡାକ୍ତର ରହିବା କଥା। ହେଲେ ଡାକ୍ତରଖାନରେ କେବଳ ତିନି ଜଣ ଏମବିବିଏସ ଡାକ୍ତର ଥିବା ବେଳେ ଜଣେ ଦାନ୍ତ ଓ ଜଣେ ଆୟୁସ ଡାକ୍ତର ଅଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛଅମାସ ତଳେ ଜଣେ ମେଡ଼ିସିନ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆ ଯାଇଥିବା ବେଳେ ତାଙ୍କୁ ପାଟଣାଗଡ ଓ ଟିଟିଲାଗଡ ଡାକ୍ତରଖାନକୁ ଡେପୁଟେସନ କରାଯାଇଥିବା ବେଳେ ଖପ୍ରାଖୋଲ ଡାକ୍ତରଖାନରୁ ଦରମା ପାଉଥିବା ଜଣାପଡିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଅସନ୍ତୋଷ ଦେଖା ଯାଇଥିବା ବେଳେ ଆଗାମୀ ଦିନରେ ବିଶେଷଜ୍ଞ ପଦବୀ ପୂରଣ ପାଇଁ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାଯାଇଛି । କେବଳ ଡାକ୍ତର ପଦବୀ ନୁହଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଔଷଧ ବିତରଣ କେନ୍ଦ୍ରରେ ମଧ୍ୟ ଫାର୍ମାସିଷ୍ଟ ପଦବୀ ଖାଲି ଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ ପାଲି କରି ଔଷଧ ବାଣ୍ଟୁଥିବା ଦେଖାଯାଇଛି । ସେହିପରି ଆଟେଡେଣ୍ଟ ପଦବୀ ମଧ ଖାଲିପଡ଼ିଥିବା ଜଣା ଯାଇଛି । ତୁରନ୍ତ ଖପ୍ରାଖୋଲ ଡାକ୍ତର ଖାନାରେ ବିଶେଷଜ୍ଞ ଡାକ୍ତର ଦେବା ସହ ଅନ୍ୟ ଖାଲି ପଡ଼ିଥିବା ପଦ ପୂରଣ କରାନଗଲେ । ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସଚେତନ ନାଗରିକ ମଞ୍ଚ ଆବାହକ ଶତ୍ରୁଘ୍ନ ନାଏକ, ସଚେତନ ଯୁବାମଞ୍ଚ ଆବାହକ ଅଭୟ ତ୍ରିପାଠୀ, ସରପଞ୍ଚ ଶୁଶିଲ ଗୁରୁ, ପ୍ରେସ୍‌କ୍ଲବ ସଦସ୍ୟ ତାପସ ରଞ୍ଜନ ବେହେରା, ଜ୍ୟୋତି ରଞ୍ଜନ ପଣ୍ଡା, ଉମାକାନ୍ତ ପଧାନ, ବିହାରୀ ପଧାନ, ନରେନ୍ଦ୍ର ଭୋଇ, ମନୋଜ ଦାସ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଗୁପ୍ତେଶ୍ୱର କୁଅର, ରାଜକୁମାର ବରିହା ପ୍ରମୁଖ ଚେତାବନି ଦେଇଛନ୍ତି । ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା, ସୁରଜ ଦୀପଙ୍କୁ ପଚାରିବାରୁ ଆମ ପାଖରେ ଯେତେ ଡାକ୍ତର ଅଛନ୍ତି ତାକୁ ନେଇ ଆମେ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି । ଏନେଇ ବଲାଙ୍ଗିର ସିଡିଏମ୍‌ଓ ଡାକ୍ତର ସ୍ନେହଲତା ସାହୁଙ୍କୁ ପଚାରିବାରୁ ଜିଲ୍ଲା ରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲିଥିବା କହିଥିବା ବେଳେ ଖପ୍ରାଖୋଲରେ ନିଯୁକ୍ତ ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କ ଟିଟିଲାଗଡ ଡେପୁଟେସନକୁ ବାତିଲ କରିବା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି ।

# ବଡା ଛତୁ କିଲୋ ୧୨ଶହ ଟଙ୍କା



ଡାବୁଗାଁ,(ଭାସ୍କର ନ୍ୟୁଜ): ବର୍ତ୍ତମାନ ସମୟ ହେଉଛି କୁଚିତ ମିଳୁଥିବା ବଡା ଛତୁର ସମୟ, ବଜାରରେ ଏହାର ଚାହିଦା ବେଶି । ପୂର୍ବରୁ କୋରାପୁଟିଆ ଆଦିବାସୀ ଏହି ଛତୁ, ଶ୍ରାବଣ ଛତୁ ଖାଉଥିବାରୁ ସମାଜରେ ଉଚ୍ଚବର୍ଗ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ । ଏହା ଖାଉଥିବା ଲୋକଙ୍କୁ ଜଙ୍ଗଲୀ ଓ ଗରିବ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ସମୟ ବଦଳିବା ସହ ଆଜି ସମାଜରେ ବଡା ଛତୁ ପ୍ରିୟ ତଥା ସ୍ୱାଦିଷ୍ଟ ଖାଦ୍ୟ ପାଲଟିଛି । ନୂଆ ନୂଆ ଏହା ବଜାରକୁ ଆସିଥିବାରୁ କିଲୋ ପିଛା ଦର ୧୨ଶହ ଟଙ୍କା ରହିଛି, ଦର ଶୁଣିଲେ ଛନକା ପଶୁଛି, ତଥାପି ବଜାରକୁ ଆସିବାର କିଛି ମିନଟ କିମ୍ବା ଘଣ୍ଟା ଭିତରେ ଖାଲି ହୋଇଯାଉଛି, ଟମାଟୋ କିଲୋ ୧ଶହ ଟଙ୍କା ହେଲେ ଖାଉଟି ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ସେହିପରି ଅନ୍ୟ ପରିବା ଦର ବଢିଲେ ବି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି, ଏମିତି ସ୍ଥିତିରେ ବଡା ଛତୁ କିଲୋ ୧୨ଶହ ଟଙ୍କାରେ ବିକ୍ରି ହେଉଛି । ଶାଳ ଜଙ୍ଗଲରେ ଏହି ଛତୁ ସାଧାରଣତ ମାଟି ଉପରକୁ ବାହାରି ଆସିଥାଏ । ଡାବୁଗାଁ ଜଙ୍ଗଲରେ ବହୁ ପରିମାଣରେ ଶାଳ ଜଙ୍ଗଲ ଥିବାରୁ ଏହି ଛତୁ ମିଳୁଛି, ହେଲେ ଗତବର୍ଷ ତୁଳନାରେ ଅଧିକ ଦରରେ ବିକ୍ରି ହେଉଛି, ତଥାପି ଏହା ପ୍ରତି ଲୋକଙ୍କ ଚାହିଦା ରହିଛି ।

# ଡ୍ରାଇଭର ମହାସଂଘ ତରଫରୁ ବିଧାୟକଙ୍କୁ ୧୦ଦଫା ଦାବିପତ୍ର



ଖଡ଼ିଆଳ,(ଭାସ୍କର ନ୍ୟୁଜ):ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଧାୟକଙ୍କୁ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରାପ୍ତ ଖବର ଅନୁସାରେ, ଓଡ଼ିଶା ଡ୍ରାଇଭର ମହାସଂଘ ଖଡ଼ିଆଳ ଶାଖା ତରଫରୁ ଗତ କାଲି ଶନିବାର ଦିନ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ତାଙ୍କ ବାସଭବନରେ ୧୦ଦଫାଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଯାଇଥିବା ଅନୁଯାୟୀ ଡ୍ରାଇଭର ମାନେ ସବୁବେଳେ ଆକ୍ରୋଶର ଶିକାର ହେଉଛନ୍ତି ସେଥିପାଇଁସୁରକ୍ଷା ନେଇ ସ୍ୱତନ୍ତ୍ର ଆଇନବ୍ୟବସ୍ଥା କରାଯାଉ, ଗାଡ଼ି ରଖିବା ପାଇଁ ଜାଗା ଓ ଚାଳକଙ୍କ ପାଇଁ ବିଶ୍ରାମଗୃହ ନିର୍ମାଣ କରାଯାଉ, ୫୫ବର୍ଷ ପରେ ଡ୍ରାଇଭର ମାନଙ୍କୁ ପେନସନ ବ୍ୟବସ୍ଥା କରାଯାଉ, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଚାଳକଙ୍କୁ ୨୦ଲକ୍ଷ ଓ ଅକର୍ମଣ୍ୟ ହୋଇଥିବା ଚାଳକଙ୍କୁ ୧୦ଲକ୍ଷ ଟଙ୍କା ଅନୁକମ୍ପାରାଶି ବ୍ୟବସ୍ଥା କରାଯାଉ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ, ସେପଟ୍ମେର ପ୍ରଥମରୁ ଡ୍ରାଇଭର ଦିବସପାଳନ ପାଇଁ ଅନୁରୋଧ, ଡ୍ରାଇଭରର ସନ୍ତାନକୁ ଉଚ୍ଚଶିକ୍ଷା ନେଇ ସହାୟତା ପ୍ରଦାନ ଆଦି ମୁଖ୍ୟ ଦାବି କରିଛନ୍ତି । ଏହି ଦାବିପତ୍ର ଦେବାସମୟରେ ଖଡ଼ିଆଳ ଶାଖା ଡ୍ରାଇଭର ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ । ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉକ୍ତ ଦାବିକୁ ସରକାରଙ୍କଠାରେ ଉପସ୍ଥାପନା କରି ସମସ୍ୟାର ସମାଧାନ କରିବାର ପ୍ରୟାସ କରିବେବୋଲି ପ୍ରତିଶୃତି ଦେଇଥିଲେ ।

# ଡିଜିଟାଲ ମାର୍କେଟିଂ ଓ ଅନ୍‌ଲାଇନ ବ୍ୟବସାୟ ତାଲିମ ଶିବିର



ଖଡ଼ିଆଳ,(ଭାସ୍କର ନ୍ୟୁଜ):ଡିଜିଟାଲ ମାର୍କେଟିଂ ଓ ଅନଲାଇନ ବ୍ୟବସାୟକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତକ୍ରମେ ଖଡ଼ିଆଳ ବାଦୀ ବଗିଚାରେ ମହିଳା ସ୍ୱଂସହାୟକ ଗୋଷ୍ଠୀକୁ ନେଇ ତିନିଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଅଛି । ଏଥିରେ ୧୦ଟି ମହିଳା ଗୋଷ୍ଠୀର ୨୦ଜଣ ମହିଳା ଅଂଶ ଗ୍ରହଣକରିଥିଲେ । ନିଜ ନିଜ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ, ଘର ଉପଯୋଗୀ ବସ୍ତୁ ବିଶେଷକୁ ପ୍ରଚାର ପ୍ରସାର କରି ବ୍ୟବସାୟକୁ କିପରି ଆଗେଇନେଇ ବିକାଶ କରିବେ, ସେ ଉପରେ ବିସ୍ତୃତଭାବେ ଆଲୋଚନା ଓ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମଟିଆଧୁନିକ ବଜାରରେ ନିଜକୁ ସାମିଲ କଲେ, ଏହା ସମସ୍ତଙ୍କୁ ସହାୟ ହେବ ବୋଲି ପ୍ରତିକ୍ରିୟା ରଖିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମହିଳାସ୍ୱଂସହାୟିକା ଗୋଷ୍ଠୀ ମହାସଂଘ ସଭାନେତ୍ରୀ ମମତା ମଞ୍ଜରୀ ଥପା ଧନ୍ୟବାଦ ଦେଇଛନ୍ତି ।

# ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ, ବ୍ରହ୍ମପୁର ସ୍ଥାନାନ୍ତର



କୋରାପୁଟ,(ଭାସ୍କର ନ୍ୟୁଜ): ଜଣେ ହୋଟେଲ ମାଲିକଙ୍କ ମରଣାନ୍ତକ ଆକ୍ରମଣରେ କୋରାପୁଟର ଆଇନଜୀବୀ ମୋତି ରଞ୍ଜନ ବେହେରା ଗୁରୁତର ଆହତ ହୋଇଛନ୍ତି । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ କଲେଜ ଓ ପରେ ଭୁବନେଶ୍ୱରସ୍ଥିତ ଏମସକୁ ସ୍ଥାନାନ୍ତର କରାଯାଇଛି । ସୁଚନା ଅନୁଯାୟୀ ଶୁକ୍ରବାର ରାତିରେ ଜଣେ ବନ୍ଧୁଙ୍କ ବିଦାୟ କାଳୀନ ଭୋଜିରେ ଯୋଗ ଦେବାକୁ ଆଇନଜୀବୀ ଶ୍ରୀ ବେହେରା ହୋଟେଲ ଆଲିଶାନକୁ ଯାଇଥିଲେ । ଖାଇ ସାରି ହାତ ଧଉଥିବା ବେଳେ ହୋଟେଲ ମାଲିକ ନିରଞ୍ଜନ ସାମନ୍ତରାୟ ଓରଫ ଧୂସା ହଠାତ୍ ଏକ ମୁଥ ମାରିବା ପରେ ଏକ ଲୁହା ଛଡରେ ଓକିଲ ମୋତିରଞ୍ଜନଙ୍କ ମୁଣ୍ଡକୁ ଆଘାତ କରିଥିଲେ । ଲୁହାଛଡ଼ କପାଳରେ ବାଜିବାରୁ ଶ୍ରୀ ବେହେରା ଗୁରୁତର ଆହତ ହୋଇଥିଲେ । ତାଙ୍କ ସହ ଥିବା ଅନ୍ୟ ବନ୍ଧୁମାନେ ଗୁରୁତର ଅବସ୍ଥାରେ ଆଇନଜୀବୀଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସପିଟାଲରେ ଭର୍ତ୍ତି କରିଥଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ମେଡିକାଲ କଲେଜ ଓ ପରେ ଭୁବନେଶ୍ୱରସ୍ଥିତ ଏମସ ସ୍ଥାନାନ୍ତର କରା ଯାଇଛି । ଶ୍ରୀ ବେହେରା କୋରାପୁଟ ଟାଉନ୍ ଥାନାରେ ଏତଲା ଦେବା ପରେ ପୋଲିସ ଦଫା ୩୦୭ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ଫେରାର ଥିବା ବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ମନୋଜ କୁମାର ପୂଜାରୀ ପ୍ରକାଶ କରିଛନ୍ତି ।

# ବିଜେଡିର ମିଶ୍ରଣ ପର୍ବ



ବରଗଡ଼,(ଭାସ୍କର ନ୍ୟୁଜ): ବରଗଡ଼ ୱାର୍ଡ ନଂ ୧ ଟାଙ୍ଗରପଡାର ସକ୍ରିୟ ଓ ଟାଣୁଆ ବିଜେପି ନେତା ନିମାଇଁ ପଧାନ ତାଙ୍କ ସମର୍ଥକଙ୍କ ସହ ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେ ବିଜୁ ଜନତା ଦଳରେ ଯୋଗଦେଇଥିବା ପରିପ୍ରକାଶ କରିଛନ୍ତି । ବିଧାୟକଙ୍କ ବାସଭବନ ବିଧାୟକଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେଡି କାଉନସିଲର ବେଦ୍‌ମତି ସେଟ, ବରିଷ୍ଠ ବିଜେଡି ନେତା ନନ୍ଦକିଶୋର ଅଗ୍ରୱାଲ, ଉଦ୍ଧବ ସେଟ ପ୍ରମୋଦ ପଟ୍ଟନାୟକ, ମନୋଜ ପ୍ରଧାନ ଇନ୍ଦ୍ରମଣି ମହାରଣା, ଅରବିନ୍ଦ ଭୋଇ ହେମରାଜ ଠେଲା, ସୁମନ୍ତ ବାବୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ବିଜେପି ତରଫରୁ କଳାଦିବସ ପାଳିତ




କୋରାପୁଟ୍,(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବିଜେପି ତରଫରୁ ଆଜିର ଦିବସ ଜୁନ ୨୫କୁ କଳାଦିବସ ଭାବେ ପାଳନ କରାଯାଇଛି । ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି କୋରାପୁଟ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ ଯୋଗ ଦେଇ ସେହି ଦିବସରେ କାରାବରଣ କରିଥିବା ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ସଂପର୍କରେ ସ୍ମୃତିଚାରଣ କରିଥିଲେ । ୧୯୭୫ ମସିହା ଆଜିର ଦିନରେ ଜାତୀୟ ଜରୁରୀ କାଳୀନ ପରିସ୍ଥିତି ଘୋଷଣା ହୋଇଥିଲା ଯାହାକି ଭାରତୀୟ ଗଣତନ୍ତ୍ରର କଳା ଦିବସ ବୋଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ଜିଲ୍ଲା ଉପ ସଭାପତି ଦେବୀ ପ୍ରସାଦ କର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଗୌତମ ସାମନ୍ତରାୟ,ଜୟରାମ ଗରଡା,ନକୁଳ ବିଶୋଇ,ଭାଗିରଥି ପାଟ୍ଟନିଆଙ୍କ ସମେତ ଜିଲ୍ଲାର ବହୁ ପଦାଧିକାରୀ ଓ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଚୈତନ୍ୟ ହନ୍ତାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫ଟନ୍ ଚୋରା ପିଡିଏସ୍ ଚାଉଳ ଜବତ: ୨ ଗିରଫ

ଗୁଣପୁର,(ଭାସ୍କର ନ୍ୟୁଜ): ଗରିବ ଲୋକଙ୍କ ସହାୟତା ପାଇଁ ସରକାର ପିଡିଏସ ଚାଉଳ ଯୋଗାଉଥିବା ବେଳେ କିଛି ଲାଭଖୋର ବ୍ୟବସାୟୀ ଗରିବ ହିତାଧିକାରୀଙ୍କଠାରୁ କମ ଦାମରେ ଚାଉଳ କ୍ରୟକରି ଚଢା ଦରରେ ବିକି ମାଲାମାଲ ହେଉଛନ୍ତି । ତେବେ ଗତ ଶନିବାର ଦିନ କୌଣସି ସୂତ୍ରରୁ ଖବର ପାଇ ଗୁଣପୁର ପୋଲିସ ଚାଲକମ୍ବା ଗ୍ରାମଠାରେ ଏକ ପିଡିଏସ୍ ଚାଉଳ ବୋଝେଇ ଟ୍ରକ ଉପରେ ଚଢଉ କରିବା ସହ ଚାଉଳ ବୋଝେଇ ଟ୍ରକକୁ ଜବତ କରିଥିଲା । ଏହି ଟ୍ରକରେ ପ୍ରାୟ ୫ଟନ ଚାଉଳ ଆନ୍ଧ୍ରକୁ ଚାଲାଣ ହେଉଥିବା ପୋଲିସ ସୂଚନା ଦେବା ସହ ଏଥିରେ ସଂପୃକ୍ତ ଦୁଇଜଣ ଦଲାଲଙ୍କୁ ଗିରଫ କରଛି । ଗତ କଛିଦିନ ପୂର୍ବେ ମଧ୍ୟ ରାମନାଗୁଡା ବ୍ଲକ କୁଜେନ୍ଦ୍ରି ନିକଟରେ ପୋଲିସ ୨ଜଣଙ୍କ ଘରୁ ପିଡିଏସ ଚାଉଳ ଜବତ କରିଥିଲା । ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ଧାର୍ଯ୍ୟ ଦିନ କଛି ଦଲାଲ ସେଠାରେ ଡେରା ଜମାଇ ଗରିବ ହିତାଧିକାରୀଙ୍କଠାରୁ କମ ଦାମରେ ଚାଉଳ କ୍ରୟ କରି ଅଧିକ ଦାମରେ ବିକି ମାଲାମାଲ ହେଉଛନ୍ତି। ତେବେ ଦଲାଲଙ୍କ ଏଭଳି କାରବାର ଉପରେ ପ୍ରଶାସନ ଅବଗତ ଥିଲେ ମଧ୍ୟ କଣପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହେଉଛି ।

# ଶିକ୍ଷକ ବଦଳି ଦାବିରେ ଧାରଣା, ଏବିଇଓଙ୍କୁ ଦାବିପତ୍ର ପ୍ରଦାନ




ସଇଁତଳା, (ଭାସ୍କର ନ୍ୟୁଜ):ସଇଁତଳା ବ୍ଲକ ବିବିନା ପଞ୍ଚାୟତ ଜାମପଦର ସ୍କୁଲରେ ପ୍ରଥମରୁ ଅଷ୍ଟମ ଯାଏ ଆଠଟି ଶ୍ରେଣୀ ରହିଛି । ସମୁଦାୟ ୧୦୫ ଜଣ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର ଦୁଇ ଜଣ ଶିକ୍ଷକ । ସେଥିରେ ପୁଣି ଜନୈକ ଶିକ୍ଷକଙ୍କ ବିରୁଦ୍ଧରେ ଗ୍ରାମବାସୀ ଆଣିଛନ୍ତି ସଙ୍ଗିନ ଅଭିଯୋଗ । ଉକ୍ତ ଶିକ୍ଷକ ପାଇଖାନା ଭିତରେ ମଦ ପିଉଥିବା ବେଳେ କୋମଳମତି ଛାତ୍ରଛାତ୍ରୀଙ୍କୁ ଗୋଡହାତ ଘଷାଉଛନ୍ତି । ଘରେ ଏହି କଥା ଜଣାଇଲେ ଭାତବଢା ଚଟୁରେ ବାଡେଇବାର ଧମକ ଛାତ୍ରଛାତ୍ରୀଙ୍କୁ ଦେଉଛନ୍ତି । ଉକ୍ତ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବା ସହ ଦୁଇ ଜଣ ଶିକ୍ଷୟିତ୍ରୀ, ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦିଆଯିବାକୁ ଦାବି କରି ଗ୍ରାମବାସୀ ଆଜି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଏହି ମର୍ମରେ ବିଇଓଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ରକୁ ଏବିଇଓ ନାରାୟଣ ଭୋଇଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟସ୍କୁଲକୁ ବଦଳି କରା ନ ଗଲେ ବିଦ୍ୟାଳୟ ଗେଟରେ ତାଲା ପକାଇବା ସହ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ସାବିତ୍ରୀ ସାଗର, ହେମଲତା ସାଗର, ଶଙ୍କର ସାଗର, ମିଥିଳା ଭାଟି, ମମତା ଭାଟି, ସଦାନନ୍ଦ ଭାଟି, କୈଳାଶ ଭୋଇ, କୁମାରୀ ସାଗର ସମେତ ଗ୍ରାମର ବହୁ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସେବା ଗାଡିର ଶୁଭାରମ୍ଭ




ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ପୋଲିସ ଥାନା ପରିସରରେ ଆଜି ଗଜପତି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ୨ଟି "ପୋଲିସ ଫାୟାର ଆମ୍ବୁଲାନ୍ସ ଜରୁରୀକାଳିନ ନଂ ୧୧୨ ସେବା ଗାଡିର ଆଜି ଶୁଭାରମ୍ଭ ହୋଇଛି । ଗଜପତି ଜିଲ୍ଲାପାଳ ଶ୍ରୀ ଲିଙ୍ଗରାଜ ପଣ୍ଡା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ଶ୍ରୀ ଜୟରାମ ଶତପଥୀ ମିଳିତ ଭାବେ ସବୁଜ ପତାକା ଦେଖାଇ ଗାଡି ଦୁଇଟିର ଶୁଭାରମ୍ଭ କରିଥିଲେ । ଏହି ଗାଡି ଦୁଇଟି ମଧ୍ୟରୁ ଗୋଟିଏ ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ଏବଂ ଅନ୍ୟଟି ମୋହନା ଥାନା ଅଞ୍ଚଳ ପାଇଁ ଏହି ଗାଡି ଦୁଇଟି ଜରୁରୀ କାଳୀନ ପରିସ୍ଥିତି ବେଳେ ହଠାତ ଫୋନ କଲ ଆସିଲେ ତାହା ରିସିଭ କରି ତୁରନ୍ତ ସେବା ଯୋଗାଇ ଦେବେ । ଏହି ଇଆରଏସ୍‌ଏସ: ତଥା "ଏମାର୍ଜେନ୍ସି ରେସପୋନ୍ସ ସପୋର୍ଟ ସିଷ୍ଟମ"ପ୍ରକ୍ରିୟା ପୂର୍ବରୁ ଆରମ୍ଭ ହୋଇଥିଲା , ତେବେ ଏହା ଅତି ଆବଶ୍ୟକ ପଡିବାରୁ ଗଜପତି ଜିଲ୍ଲାପାଇଁ ପାରଳାଖେମୁଣ୍ଡି- ମୋହନା ଓ ଆର ଉଦୟଗିରି ପାଇଁ ୩ଟି ଗାଡି ଆବଶ୍ୟକ ଥିବା ବେଳେ ଆଜି ପୋଲିସ ମହାନିର୍ଦ୍ଦେଶକଙ୍କ ଆଦେଶ କ୍ରମେ ୨ଟି ଗାଡି ପହଞ୍ଚିଛି ଓ ତାର ଶୁଭାରମ୍ଭ ହୋଇଛି, ଆଉ ଗୋଟିଏ ଗାଡି ଆସନ୍ତା ସପ୍ତା ମଧରେ ପହଞ୍ଚିବ । ଏହି ଗାଡିରେ ଜନ ସାଧାରଣଙ୍କୁ ଜରୁରୀକାଳିନ ସେବା ପାଇଁ ୧୧୨ ନମ୍ବରକୁ ଡାଏଲ ତଥା ଫୋନ କରିବା ପାଇଁ କୁହାଯାଇଛି । ଏହି ନମ୍ବରକୁ ଫୋନ କରିବା ମାତ୍ରକେ ସେମାନେ ଫୋନ କଲ ରିସିଭ କରିବେ । ଏହାଦ୍ୱାରା ସମସ୍ତ ପ୍ରକାର ଜରୁରୀକାଳିନ ସେବା ମିଳିପାରିବବୋଲି ଏସପି ଶ୍ରୀ ଜୟରାମ ଶତପଥୀ କହିଥିଲେ । ସେହିଭଳି, ଗଜପତି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ ସବୁ ରହିଛି, ଯାହାକି ସେସବୁ ସମ୍ପୃକ୍ତ ଅଞ୍ଚଳର ଥାନା ଠାରୁ ଅନ୍ୟୁନ ୫୦ କିମି ଦୂରରେ ରହିଛି । ଏହି ସେବା ଦ୍ୱାରା ଫୋନ କଲ ପାଇବା ମାତରେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସେବା ଯୋଗାଇ ଦେଇ ପାରିବ । ସେହିଭଳି ସହରାଞ୍ଚଳରେ ଷ୍ଟ୍ରିଟ ରୋମିଓ ମାନେ ରହିଛନ୍ତି, ସେମାନେ ଝିଅ ପିଲା ମାନଙ୍କୁ ଦେଖିବା ମାତରେ ଟର୍ଚ୍ଚର କରିଥାନ୍ତି, ଖରାପ ଇସାରା ଦେବା ସହ କମେଣ୍ଟ ମାରିବା, ପ୍ରଭୃତି ଖରାପ କାର୍ଯ୍ୟ କରିଥାନ୍ତି, ସେହି ମାନଙ୍କୁ ଧରିବା ପାଇଁ ମଧ ଏହି ଗାଡି ଉଚିତ ସମୟରେ ଘଟଣା ସ୍ଥଳରେ ପହଞ୍ଚି ପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଲିଙ୍ଗରାଜ ପଣ୍ଡା କହିଥିଲେ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାଣଙ୍କ ମଧରେ ଏଏସ୍‌ପି ବାମଦେବ ସିଂ, ଏସଡିପିଓ ରାମକୃଷ୍ଣ ପତି, ରିଜର୍ଭ ଆରଆଇ ଡମ୍ବରୁ ଧର ହନାଗା ଏବଂ ଆଦର୍ଶ ଥାନାଧିକାରୀ ବିବେକା ନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ




ବରଗଡ଼,(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ଫାଇଭଟି ସ୍କୁଲ ମାନଙ୍କର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ନିମନ୍ତେ ପଞ୍ଚ ଦିବସୀୟ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବରଗଡ଼, ଭେଡେନ ଓ ସୋହେଲା ବ୍ଲକର ୫୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜର୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅମ୍ବାଭୋନା, ଅତାବିରା ଓ ଭଟଲି ବ୍ଲକର ୫୬ ଜଣ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ । ସ୍ମାର୍ଟ କ୍ଲାସରୁମ ପରିଚାଳନା ଇ-ଲାଇବ୍ରେରୀ ଓ ଅନ୍ୟାନ୍ୟ ବିଷୟ ଗୁଡିକରେ ଦକ୍ଷତାର ସହିତ କିପରି ତାର ସୁପରିଚାଳନା କରାଯିବ ସେ ବିଷୟରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସମଗ୍ର ଶିକ୍ଷା ପ୍ରୋଗ୍ରାମର ପ୍ରଦୀପ ସାହୁ ଶିବେନ୍ଦ୍ର ରଞ୍ଜନ ସାହୁ ପ୍ରମୁଖ ସାଧନ କର୍ମୀ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଜର୍ଜ ହାଇସ୍କୁଲ ଠାରେ ଆୟୋଜିତ ଉଦ୍‌ଯାପନୀ ସମାରୋହ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଆଧିକାରୀ ଜ୍ୟୋତିକାନ୍ତ ସାହୁ ଛତ୍ରପତି ସାହୁ ବିଇଓ ମଛିନ୍ଦ୍ର ମଲ୍ଲିକ, ଅମୃତା ସାହୁ ସେବାଶ୍ରୀ ଭୋଇ ଚୁଡାମଣି ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଡ଼ଃ ମନୋଜ କୁମାର ସାହୁ ପ୍ରଧାନ ଶିକ୍ଷୟିତ୍ରୀ ରେନୁଦାସ ଶର୍ମା ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେତୃତ୍ୱ ଓ ଡିଜିଟାଲ ସ୍କିଲ ବିକାଶ ସମ୍ବନ୍ଧରେ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ ।

## ୨ ନକଲି ମାଓବାଦୀ ପିଇଓ ଗିରଫ, ଗୋଟିଏ ନିର୍ମାଣଧିନ କୋଠା ଜବତ

# ମାଓ ନାଁ'ରେ ୩ ବର୍ଷରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରିଥିଲେ: ଏସ୍‌ପି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ନିଜକୁ ନକ୍ସଲର ପରିଚୟ ଦେଇ ୨୦୨୦ ମସିହାରୁ ଲଗାତାର ଭାବେ ଠିକାଦାର, ବ୍ୟବସାୟୀ, ସରକାରୀ କର୍ମଚାରୀ, ଯନ୍ତ୍ରୀ, ନେତା ଏବଂ ଅନ୍ୟମାନଙ୍କ ଠାରୁ ମାଓବାଦୀଙ୍କ ନାମରେ ମୋଟା ଅଙ୍କର ଅର୍ଥ ଆଦାୟ କରିଆସୁଥିବା ୨ ଜଣ ପିଇଓ ପୋଲିସ ହାତେର ଧରାପଡି ଜେଲ୍ ଯିବା ଓ ଉକ୍ତ ଟଙ୍କାରେ ଗିରଫ ଜୈନିକ ପିଇଓ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରୁଥିବା ନିର୍ମାଣଧିନ କୋଠାକୁ ପୋଲିସ ଜବତ କରିବା ଘଟଣା ଜିଲ୍ଲାରେ ଆଲୋଚନାର ବିଷୟ ହୋଇଛି । ୨୫ ତାରିଖ ଶନିବାର ଦିନ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜୀ ପ୍ରକାଶ କରିଥିଲେ ଯେ, ୨୦୨୦ ମସିହାରୁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ କେଗାଁ ଥାନା ମାଦିଗୁଡ଼ା ଗାଁର ଜଳନ୍ଧର ସିନ୍ଧୁର ଓ ଅନ୍ୟତମ ପିଇଓ ତଥା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଜଳକ୍ରୀଡ଼ା ଗାଁର ଉଦ୍ଧବ ନାଏକ ମିଳିତ ଭାବେ ଠିକାଦାର, ବ୍ୟବସାୟୀ, ସରକାରୀ କର୍ମଚାରୀ, ଯନ୍ତ୍ରୀ, ନେତା ଏବଂ ଅନ୍ୟମାନଙ୍କ ଠାରୁ ମାଓବାଦୀଙ୍କ ନାମରେ ମୋଟା ଅଙ୍କର ଅର୍ଥ ଆଦାୟ କରିଆସୁଥିଲେ । ପିଇଓ ଉଦ୍ଧବ ନାଏକ ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ପିଇଓ ଏବଂ ଠିକାଦାର, ବ୍ୟବସାୟୀ, ସରକାରୀ କର୍ମଚାରୀ, ଯନ୍ତ୍ରୀ, ନେତା ଏବଂ ଅନ୍ୟମାନଙ୍କ ମୋବାଇଲ ନମ୍ବର ସଂଗ୍ରହ କରୁଥିଲେ । ପରେ ଜଳନ୍ଧର ସିନ୍ଧୁରଙ୍କ ସହ ମିଶି ଉଦ୍ଧବ ନାଏକ ପିଇଓ ଏବଂ ଠିକାଦାର, ବ୍ୟବସାୟୀ, ସରକାରୀ କର୍ମଚାରୀ, ଯନ୍ତ୍ରୀ, ନେତା ଏବଂ ଅନ୍ୟମାନଙ୍କୁ ଫୋନ୍ କରି ମାଓବାଦୀ ନାମରେ ଧମକ ଦେବା ସହିତ ମୋଟା ଅଙ୍କର ଟଙ୍କା ଆଦାୟ କରିଥିଲେ । ଯାହା ଗତ ୧୦ ତାରିଖ ଦିନ ଏକ ଅଜଣା ନମ୍ବରରୁ ମହୁଲପାଟଣା ଏବଂ ପାଡେପଦର ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଜୟପାଟଣା ବ୍ଲକ ଘର୍ଣ୍ଟିଗୁଡ଼ାର ହୁମାରାଜ ନାଏକଙ୍କୁ ଫୋନ୍ ଆସିଥିଲା । ସଂପୃକ୍ତ ବ୍ୟକ୍ତି ନିଜକୁ ନକ୍ସଲ ନେତା ବୋଲି ପରିଚୟ ଦେବା ସହିତ ଦୁଇ ଲକ୍ଷ ଟଙ୍କା ବଟି ଦେବାକୁ କହିଥିଲେ । ନକ୍ସଲ ବୋଲି ଶୁଣିବା ପେର ହୁମାରାଜ ଭୟ ପାଇଯାଇଥିଲେ ସତ କିନ୍ତୁ ଦୁଇ ଲକ୍ଷ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ । ତେବେ ଦୁଇ ଲକ୍ଷ ଟଙ୍କା ନଦେଲେ ପରିଣାମ ଭୟଙ୍କର ହେବ ବୋଲି ଏଇ ଫୋନ୍‌ରେ ଧମକ ଦେଇଥିଲେ । ଫଳରେ ଅନ୍ୟ ଉପାୟ ନପାଇ ହୁମାରାଜ ଏ ସଂପର୍କରେ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜୀଙ୍କ ନତର୍ଦ୍ଦେଶରେ ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ ଓ ଥୁଆମୂଳ ରାମପୁର ଥାନାଧିକାରୀ ଗୋବିନ୍ଦ ମାଝୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ । ତଦନ୍ତ ଚାଲିଥିବା ସମୟରେ ହୁମାରାଜଙ୍କୁ ଟଙ୍କା ଦେବାକୁ ପୁଣି ଧମକପୂର୍ଣ୍ଣ କଲ୍ ଆସିଥିଲା । ଏହା ପେର ସତର୍କ ଥିବା ପୁଲିସ ଟିମ୍ ଅଭିଯୁକ୍ତଙ୍କୁ ଧରିବାକୁ ଜାଲ ବିଛାଇଥିଲା । ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଦୁଇ ଲକ୍ଷ ବଦଳରେ ଏକଲକ୍ଷ ଟଙ୍କା ଦେବାକୁ ରାଜି କରାଗଲା ଏବଂ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅଭିଯୁକ୍ତ ନିର୍ଦ୍ଧାରିତ ସ୍ଥାନରୁ ଟଙ୍କା ନେଇ ଫେରାର ମାରିବାକୁ ବସିଥିବାବେଳେ ପୂର୍ବରୁ କିଛି ଦୂରରେ ଲୁଚିଥିବା ପୋଲିସ୍ କାବୁ କରିଥିଲା । ଗିରଫ ପରେ ଅଭିଯୁକ୍ତ ଜଣକ ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଜଳକ୍ରୀଡ଼ା ଗାଁର ଉଦ୍ଧବ ନାଏକ ଓ ସେ ମଧ୍ୟ ପିଇଓ ଭାବରେ କାର୍ଯ୍ୟ କରୁଥିବା ପୋଲିସ ତଦନ୍ତରେ ଜାଣିବାକୁ ପାଇଛି । ପୋଲିସ ଉଦ୍ଧବକୁ ଜେରା କରିବା ସମୟରେ ତାହାର ସହଯୋଗୀ ଅନ୍ୟତମ ପିଇଓ ଜଳନ୍ଧର ସିନ୍ଧୁରଙ୍କୁ ମଧ୍ୟ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା । ପେର ସେମାନଙ୍କୁ ତନାଘନା ଜେରା କରିବାରେ ସେମାନେ ୨୦୨୦ ରୁ ୨୦୨୨ ଭିତରେ ଜିଲ୍ଲାର ବହୁ ସ୍ଥାନରେ ନକ୍ସଲ ନାଁର ଠିକାଦାର, ଅଫିସର ଓ ରାଜନେତାଙ୍କୁ ଧମକଚମକ ଦେଇ ପ୍ରାୟ ବହୁ ଲୋକଙ୍କ ଠାରୁ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମାଓ ନାମରେ ଆଦାୟ କରିଥିବା ପୁଲିସ ଜାଣିବାକୁ ପାଇଥିଲା । ପୋଲିସ ଉଦ୍ଧବ ଓ ଦଶାନନ୍ଦ ଠାରୁ ୧ ଲକ୍ଷ ଟଙ୍କା, ତିନୋଟି ମୋବାଇଲ୍ ଫୋନ୍, ପକେଟ୍ ଡାଏରୀ ଆଦି ଜବତ କରିଛନ୍ତି । ଉକ୍ତ ଟଙ୍କାରେ ଉଦ୍ଧବ ନାଏକ ବିଜେପୁରରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରୁଛି । ଯାହାକୁ ପୋଲିସ ଜବତ କରିଛି ବୋଲି ଏସ୍‌ପି ଅଭିଲାଷ ଜୀ ପ୍ରକାଶ କରିଛନ୍ତି ।



## ଶାନ୍ତପୁର କୃଷି ସମବାୟ ସମିତି ସଭାପତି ଭାବେ କେଦାରନାଥ ନିର୍ବାଚିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକର ଶାନ୍ତପୁର କୃଷି ସମବାୟ ସମିତିର ଡାଇରେକ୍ଟର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନେର ଡାଇରେକ୍ଟର ପ୍ରାର୍ଥୀ ପାଇଁ କଳାହାଣ୍ଡିର ବିଶିଷ୍ଟ ଶ୍ରମିକ ନେତା ତଥା ନିଶାଣପୁର ବାସିନ୍ଦା କେଦାରନାଥ ରଣା ଓ ରାତୁଲ ଗ୍ରାମର ଟୁକୁଲାଲ ସାହୁଙ୍କ ମଧ୍ୟେର ତିବ୍ର ପ୍ରତିଦ୍ୱନ୍ଦିତା ହୋଇଥିଲା । କେଦାରନାଥ ରଣା ୩୨ ଖଣ୍ଡ ଭୋଟ୍ ପାଇ ବିଜୟ ହୋଇଥିବା ବେଳେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦି ଟୁକୁଲାଲ ସାହୁ ୧୭ ଖଣ୍ଡ ଭୋଟ ପାଇଥିଲେ । ଶ୍ରୀ ରଣା ପଶ୍ଚିମ ଓଡ଼ିଶାର ଜେଣ ଶ୍ରମିକ ଓ ପଛୁଆ ବଗର୍ର ନେତା ଭାବେର ପରିଚିତ ।

## ଭାରତ ବନ୍ଦ: ୨୬ନଂ ଜାତୀୟ ରାଜପଥ ଅବରୋଧ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସାରା ଭାରତରେ ପରିବର୍ତ୍ତନ ମୋର୍ଚ୍ଚା ବହୁଜନ କ୍ରାନ୍ତି ମୋର୍ଚ୍ଚା, ଭାରତର ମୁକ୍ତି ମୋର୍ଚ୍ଚା ପକ୍ଷରୁ ଭାରତ ଏକତା ଏବଂ ଅଖଣ୍ଡତାକୁ ବଜାଇ ରଖିବା ପାଇଁ ଭାରତ ବନ୍ଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଳାହାଣ୍ଡି ଜିଲ୍ଲାର ପରିବର୍ତ୍ତନ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ଭାରତ ମୁକ୍ତି ମୋର୍ଚ୍ଚା ତରଫରୁ ଭାରତ ଏକତା ଏବଂ ଅଖଣ୍ଡତାକୁ ବିପଦରେ ପକାଇଥିବା କେନ୍ଦ୍ର ସରକାରଙ୍କ ଶକ୍ତି ବିରୋଧରେ ଭାରତ ବନ୍ଦ ଓ ୨୬ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ି ଛକ, କୋକସରା ବ୍ଲକ ମୋଟେର ଛକ, ଭବାନୀପାଟଣା ବ୍ଲକ ସଦର ଥାନା ଅନ୍ତର୍ଗତ କୁଟ୍ରୁଖମାର ଛକ ୨୬ ଜାତୀୟ ରାଜପଥଠାରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ରାଜ୍ୟ ସଭାପତି ଜଗଦୀଶ ଯାଦବଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ବିରୋଧରେ ଭାରତ ବନ୍ଦ ଓ ଜାତୀୟ ରାଜପଥକୁ ସକାଳ ୮ଘଣ୍ଟା ଠାରୁ ୧୦ ଘଣ୍ଟା ଯାଏ ଅବରୋଧ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ରାଜ୍ୟ ସଭାପତି ଜଗଦୀଶ ଯାଦବ ସେମତ ରାଷ୍ଟ୍ରୀୟ ମୂଳନିବାସୀ ମହିଳା ସଂଘ ରାଜ୍ୟ ଅଧ୍ୟକ୍ଷା କମଳିନୀ ଯାଦବ, ଜିଲ୍ଲା ସଭା ନେତ୍ରୀ ଅଞ୍ଜୁ କୁମାର, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ଜିଲ୍ଲା ସଭାପତି ଆଦିତ୍ୟ ହଂସ ଯାଦବ, ବହୁଜନ କ୍ରାନ୍ତି ମୋର୍ଚ୍ଚା ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦନ, ବହୁଜନ ମୁକ୍ତି ପାର୍ଟି ଜିଲ୍ଲା ସଭାପତି ମେହନ୍ଦ୍ର ଧଙ୍ଗଡା ମାଝୀ, ଭାରତ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି ସଞ୍ଜୟ ଶବର, ସମ୍ପାଦକ ଅହିଦ୍ୱଜ ନାଗ, ଭାରତୀ ବିଦ୍ୟାର୍ଥୀ ମୋର୍ଚ୍ଚା ଜିଲ୍ଲା ସଭାପତି ନିରଞ୍ଜନ ନାଏକ ଅନ୍ୟତମ କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ ।

## ଏବିଇଓ ଓ ମୁଖ୍ୟ କିରାଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ନର୍ଲା, (ଭାସ୍କର ନ୍ୟୁଜ୍): ନର୍ଲା ବିଇଓ ଅଫିସରୁ ଅନ୍ୟତ୍ର ବଦଳି ହୋଇଥିବା ଏବିଇଓ ଜୟସେନ ନିଆଲ ଓ ମୁଖ୍ୟ କିରାଣୀ ପରମାନନ୍ଦ ମାଝୀଙ୍କୁ ଅଫିସ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବରିଷ୍ଠ ବିଇଓ ତପିମଣି ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏବିଇଓ ସୂର୍ଯ୍ୟଦେବ ବାଗ, ମୁଖ୍ୟ କିରାଣୀ ଗଣେଶ ପୁଝାରୀ, ବରିଷ୍ଠ କିରାଣୀ ଜୟଚନ୍ଦ୍ର ହାତୀ ଓ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ବିଦାୟୀ ଅଧିକାରୀ ଶ୍ରୀ ନିଆଲ ଓ ଶ୍ରୀ ମାଝୀ ମଞ୍ଚାସୀନ ଥିଲେ । ଶାନ୍ତପୁର ସିଆର୍‌ସିସି ସୁଜିତ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସରିଆଁ ସିଆର୍‌ସିସି ସୁଧୀର କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ନର୍ଲା ସିଆର୍‌ସିସି ଅର୍ଜୁନ ବାଗ ନିଜସ୍ୱ ରଚନାରୁ ବିଦାୟ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ ନୂତନ ଭାବେ ଯୋଗଦାନ କରିଥିବା ମୁଖ୍ୟ କିରାଣୀ ଶ୍ରୀ ପୁଝାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ବୁରାଟ ସିଆର୍‌ସିସି କେଦାରନାଥ ନାଗ, ବଲବସପୁର ସିଆର୍‌ସିସି ଦାସ ମାଝୀ, ଶ୍ରୀପୁର ସିଆର୍‌ସିସି ରଘୁପତି ହରିଜନ, ଶେରଗଡ଼ ସିଆର୍‌ସିସି ବିରଞ୍ଚି ମାଝୀ, ତୁଳାଗାଁ ସିଆର୍‌ସିସି ଦେବୀସୁଧା ଦୋରା, ପଲମ ସିଆର୍‌ସିସି ବିପ୍ର ବଗର୍ତ୍ତୀ, ଘୋଡ଼ାବନ୍ଧ ସିଆର୍‌ସିସି ହେମନ୍ତ ମାଝୀ, ଭୀମକେଲା ସିଆର୍‌ସିସି ବିଜୟ ସୁନା, ରୁପ୍ରା ସିଆର୍‌ସିସି ଡମ୍ବରୁ ସାହୁ, ମୁସ୍କୁଟି ସିଆର୍‌ସିସି ହରିହର ଭୋଇ, ଭାନପୁର ସିଆର୍‌ସିସି ମୀନକେତନ ସାହୁ, ତୁଳାପଡ଼ା ସିଆର୍‌ସିସି ଯୌବନ ହରିଜନ, ପରବାଙ୍ଗି ସିଆର୍‌ସିସି ନବୀନ ଗଉଡ଼, ଖଇରମାଳ ସିଆର୍‌ସିସି ସୁବାସ ମାଝୀ ପ୍ରମୁଖ ସହଯୋଗ କରିଥିବା ବେଳେ ଅଫିସ କର୍ମଚାରୀ ମହେନ୍ଦ୍ର ବାରିକ, ପ୍ରଶାନ୍ତ ମହଲା, ଭକ୍ତି ଦୀପ, ବ୍ଲକ ସାକ୍ଷରତା ମିଶନ ସମିତି ସଂଯୋଜକ ବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ପାଳିତ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ପୋଉରକେଳା ଗ୍ରାମରେ ଗୋଣ୍ଡୱାନା ସମାଜ ପକ୍ଷରୁ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି । ଏଥିରେ କର୍ଲାମୁଣ୍ଡା ବ୍ଲକର ସଭାପତି ପରଧିଆ ଧରୁଆ ସମ୍ପାଦକ ସହଦେବ ଧରୁଆ ଏବଂ ମଞ୍ଚ ପରିଚାଳନାରେ ଦେବକୁଷ୍ଣ ଧରୁଆ ସହଯୋଗ କରିଥିବା ବେଳେ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଉପରେ ଉପସ୍ଥିତ ଥିବା ସମସ୍ତ ଗୋଣ୍ଡୱାନା ସମାଜ ଜାତୀ ଭାଇ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ । କୁମରମଣି ପାତ୍ର, ଗୁନଧର ଧରୁଆ, ଗୋରି ଶଙ୍କର ପାତ୍ର, ମାନସିଂହ ପୁଟା, ରାଜିବ ଭୋଇ, ରଘୁମଣି ଭୋଇ, ନିରୁପମା ଧରୁଆ, ଶିଶୁପାଳ କୁମୁରା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ରାଣୀ ଦୁର୍ଗାବତୀ ଅକ୍ଟୋବର ୫ ତାରିଖ ୧୫୨୪ ମସିହାରେ ଉତ୍ତର ପ୍ରଦେଶର କାଳିଞ୍ଜର ଜିଲ୍ଲାରେ ଚନ୍ଦେଲ ବଂଶରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୫୫୦ ମସିହାରୁ ୧୫୬୪ ମସିହା ପର୍ଯ୍ୟନ୍ତ ଶାସନ ଭାର ସମ୍ଭାଳି ଥିଲେ । ଆଶବ ଖାଁନ ପ୍ରଥମ ଥର ଯୁଦ୍ଧ କରି ପରାସ୍ତ ହେବା ପରେ ଦୁଇ ଥର ଆକ୍ରମଣ କରିଥିଲା । ସେହି ସମୟରେ ରାଣୀ ଦୁର୍ଗାବତୀଙ୍କ ସେନା ଆଶବ ଖାଁନର ସେନା ଠାରୁ ଦୁର୍ବଳ ଥିଲା ଏବଂ ସେହି ଯୁଦ୍ଧରେ ହିଁ ଭାରତ ବର୍ଷ ଏକ ବିରାଙ୍ଗନା ରାଣୀ ଦୁର୍ଗାବତୀଙ୍କୁ ହରାଇଥିଲେ । ୧୫୬୪ ମସିହାରେ ଜୁନ ୨୪ ତାରିଖରେ ଯୁଦ୍ଧ କ୍ଷେତ୍ରରେ ରାଣୀ ଦୁର୍ଗାବତୀଙ୍କର ମୃତ୍ୟୁ ହୋଇଥିଲା ।

## ଘରେ ପଶି ଡକାୟତି !

କୋକସରା, (ଭାସ୍କର ନ୍ୟୁଜ୍): ବିଳମ୍ବିତ ରାତିରେ ଘରେ ପଶି ଡକାୟତି । ଲୁଟିନେଲେ ଲକ୍ଷାଧିକ ଟଙ୍କା ସହିତ ସୁନା ଗହଣା । ଶନିବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ କାଉଡୋଳା ଗ୍ରାମରେ ଲୁଟ୍ ହୋଇଛି । ସୁରଥ ସରାବୁଙ୍କ ଘରେ ୬ ଜଣ ମୁଖାପିନ୍ଧା ଡକାୟତ ପଶି ଲୁଟ୍ କରିଥିବା ଜଣାପଡ଼ିଛି ।

## ବୃକ୍ଷ ରୋପଣ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ବ୍ଲକ ରିଷଗାଁ ପଞ୍ଚାୟତ ଡଙ୍ଗରିପଡା ସ୍କୁଲେର ଭବାନୀପାଟଣା ୱାରିଅର ଓ ନେହେରୁ ଯୁବକେନ୍ଦ୍ର ସଂଗଠନ କଳାହାଣ୍ଡି ମିଳିତ ଉଦ୍ୟମରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଦୁଇଟି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ । ମୁଖ୍ୟ ଅତିଥି ଭାବରେ ରିସିଗାଁ ସରପଞ୍ଚ ବିନୋଦିନୀ ବେହେରା ଯୋଗ ଦେଇ ବୃକ୍ଷର ମହତ୍ୱ ଓ ଗଛ କାହିଁକି ରୋପଣ କରିବା ସେହି ବିଷୟରେ ସମସ୍ତଙ୍କୁ ବୁଝେଇ ବୃକ୍ଷ ରୋପଣ କରିଥିବା ବେଳେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମିନା କୁମାରୀ ସାହୁ, ସହ ଶିକ୍ଷୟିତ୍ରୀ ଶୈଳବାଳିନି ପଟ୍ଟନାୟକ, ବିରୋଜିନୀ ହର ପ୍ରମୁଖ ଉପସ୍ଥିତ ରହି ସ୍କୁଲ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଦୁଇଟି ସଂଗଠନର ସ୍ୱେଚ୍ଛାସେବୀମାନେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ଏଥିରେ ନେହେରୁ ଯୁବେକନ୍ଦ୍ରର ସ୍ୱେଚ୍ଛାସେବୀ ଯେଶାବନ୍ତ ରଣା, ରାଜେଶ ଗୌଡ଼, ପ୍ରତାପ ସାହୁ, ପ୍ରେମଲାଲ ବାଗ, କିରଣ କୁମାର ବିଶି, କବି ନାଏକ, ରୁଦ୍ର ବେହେରା, ଶୁଭମ ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରି ଗଛକୁ ସୁରକ୍ଷା ଦେବାପାଇଁ ଶପଥ ପାଠ କରିଥିଲେ ।

## ପୌରପରିଷଦ ପକ୍ଷରୁ ସାପ୍ତାହିକ ବଜାର ଯାଞ୍ଚ

# ବ୍ୟାପକ ପରିମାଣର ଦେଶୀ ମଦପାଉଚ ଜବତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସହରର ସାପ୍ତାହିକ ବଜାର ଓ ମାଂସ ବଜାର ପୌରପରିଷଦ ତରଫରୁ ଯାଞ୍ଚ କରିବା ସମୟେର ବିଭିନ୍ନ ପରିବା ଦୋକାନ ଓ ଅନ୍ୟାନ୍ୟ ଦୋକାନେର ଦେଶୀ ମଦ ପାଉଚ୍ ଉଦ୍ଧାର କରିବା ଘଟଣା ସହରରେ ଆଲୋଚନାର ବିଷୟ ହୋଇଛି । ଭବାନୀପାଟଣା ପୌରପରିଷଦ ଅଧିନରେ ଥିବା ସାପ୍ତାହିକ ବଜାର ଓ ମାଂସ ଦୋକାନ ଏବଂ ତାର ଆଖପାଖ ଦୋକାନମାନଙ୍କରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଯୋଗୁଁ ଉକ୍ତ ଅଞ୍ଚଳେର ଦିନକୁ ଦିନ ମଦୁଆମାନଙ୍କ ପ୍ରଦୃଭାବ ବଢିବାରେ ଲାଗିଛି । ଏପରିକି ମଦ୍ୟପାନ କରି ଅସାମାଜିକ ଲୋକମାନେ ସେଠାରେ ବିଭିନ୍ନ ସମୟରରେ ଗଣ୍ଡୋଗୋଳ ଓ ବେଆଇନ୍ କାର୍ଯ୍ୟକଳାପ କରୁଥିବା ଅଭିଯୋଗ ହେଉଥିଲା । ଏପରିକି ସରକାରୀ ବାଳିକା ହାଇସ୍କୁଲ ଓ ଅରବିନ୍ଦ ବିଦ୍ୟାଳୟକୁ ବହୁ ଛାତ୍ରଛାତ୍ରୀ ସେହି ରାସ୍ତା ଦେଇ ପାଠ ପଢିବାକୁ ଯିବା ସମୟରେ ମଦ୍ୟପମାନେ ବିଭିନ୍ନ ପ୍ରକାର କମେଣ୍ଟ କରୁଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନଥିଲେ । ଯାହାର ପ୍ରଭାବ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଥିଲା । ଅନ୍ୟପେଟ ମାଂସ ଦୋକାନ ଓ ପରିବା ମାର୍କେଟ ଭିତରେ ଆବର୍ଜନା ପଡିରହିବା ଯୋଗୁଁ ଉକ୍ତ ଅଞ୍ଚଳରେ ପରିବେଷ ପ୍ରଦୂଷିତ ହେଉଥିଲା । ଏପରିକି ମାଂସ ଦୋକାନୀ ଓ ସାପ୍ତାହିକ ବଜାରରେ ଥିବା ଦୋକାନୀମାନେ ଅଳିଆ ଆବର୍ଜନା ଯୋଗୁଁ ଉକ୍ତ ରାସ୍ତା ଦୁର୍ଗନ୍ଧମୟ ହେଉଥିବା ଅଭିଯୋଗ ହୋଇଆସୁଥିଲା । ଉକ୍ତ ଅଞ୍ଚଳର ଲୋକପ୍ରତିନିଧି ଓ ବୁଦ୍ଧିଜୀବୀମାନେ ସେଠାରେ ବେଆଇନ ଭାବେ ବିକ୍ରି ହେଉଥିବା ମଦ କାରବାରକୁ ବନ୍ଦ କରିବା ସହିତ ସାପ୍ତାହିକ ବଜାର ଓ ମାଂସ ବଜାରକୁ ସଫା ସୁତୁରା କରିବା ପାଇଁ ପୌରପରିଷଦ, ଅବକାରୀ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଦାବି କରିଆସୁଥିଲେ । ଉକ୍ତ ଅଭିଯୋଗ ଅନୁଯାୟୀ ୨୫ ତାରିଖ ଦିନ ଭବାନୀପାଟଣା ପୌରପରିଷଦ ନଗରପାଳିକା ସଂଯୁକ୍ତା ବେହେରାଙ୍କ ନେତୃତ୍ୱରେ ଉପନଗରପାଳ ବିଷ୍ଣୁ ପ୍ରଧାନ, ସମସ୍ତ କାଉଂସିଲର ଏବଂ ପୌରପରିଷଦ ନିବାର୍ହି ଅଧିକାରୀ ଓ କର୍ମଚାରୀମାନେ ମାଂସ ବଜାର ଏବଂ ସାପ୍ତାହିକ ବଜାର ପରିଦଶର୍ନ କରିବା ସମୟର କିଛି ବ୍ୟକ୍ତି ପରିବା ବିକ୍ରି ନାମର ପରିବା ଦୋକାନ ଭିତରେ ଦେଶୀ ମଦପାଉଚ ବ୍ୟବସାୟ କରୁଥିବା ଜାଣିବାକୁ ପାଇଥିଲେ । ତୁରନ୍ତ ନଗରପାଳିକା ଶ୍ରୀମତୀ ବେହେରା ଭବାନୀପାଟଣା ଟାଉନ ଥାନାକୁ ଜଣାଇଥିଲେ । ନଗରପାଳିକା ଶ୍ରୀମତୀ ବେହେରା, ଉପନଗରପାଳ ଶ୍ରୀ ପ୍ରଧାନ ସେମତ ଅନ୍ୟାନ୍ୟ କାଉନ୍‌ସିଲର ଓ ପୌର କର୍ମଚାରୀ ସମେତ ପୋଲିସ କର୍ମଚାରୀମାନେ ମିଳିତ ଭାବେ ସାପ୍ତାହିକ ବଜାରରେ ଥିବା ବିଭିନ୍ନ ପରିବା ଦୋକାନ ଉପରେ ଚଢାଉ କରିବା ସହିତ ଯାଞ୍ଚ କରିବା ସମୟରେ ବହୁ ପରିମାଣର ଦେଶୀ ମଦ ପାଉଚ ଉଦ୍ଧାର କରିଥିଲେ । ଏ ସଂପର୍କରେ ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଜଣାଯାଏ ।




## ରାଶିଫଳ

**ସୋମବାର, ୨୭ ଜୁନ୍ ୨୦୨୨**


**ମେଷ:** ଶତ୍ରୁମାନେ ମୁଣ୍ଡ ନୁଆଇଁବେ । ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଆପଣଙ୍କର ଭୂଷଣହେବ । ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ । ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍ । ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ ।



**ବୃଷ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ । ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ । ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ । ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ । ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି ।



**କର୍କଟ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ । ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତାଇବେ । ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ । ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇ ପାରେ ।


**ସିଂହ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନହେବେ । ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ । ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ ।


**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ । ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ । ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜ୍ଜନର ବୃଦ୍ଧି ହେବ ।



**ତୁଳା:** କଳା, ସାହିତ୍ୟ, କ୍ରିଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ । କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ ।


**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ । ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । କାର୍ଯ୍ୟ କ୍ଷେତ୍ରରେ ସୁଖଶାନ୍ତି ବୃଦ୍ଧି ହେବ । ବାଦବିବାଦ, ମାଲିମୋକଦ୍ଦମା, ଖେଳ, କୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ । ରାଜନୀତିରେ ସଫଳତା ମିଳିବ, କର୍ମକ୍ଷେତ୍ରଟି ସୁଦୃଢ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ ।


**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ । ପରିବାରରେ ଖୁସିର ବାତାବରଣ ସ୍ଥାୟି ରହିବ । ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ମୁନାଫା ମିଳିବ ଓ ନିବେଶ ପାଇଁ ସମୟ ଉପଯୁକ୍ତ ଅଟେ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ । ପାରିବାରିକସ୍ଥିତି ସାମାନ୍ୟ ବଦଳିବା ଯୋଗେ ଶାନ୍ତି ପାଇବେ ।


**ମକର:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ । ପ୍ରବାସରେ ମଧ୍ୟ କେତେକ କ୍ଷେତ୍ରରେ ଉନ୍ନତିକର ହେବ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ ।


**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ । ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ । ଉଚିତ୍ ପନ୍ଥା ଗ୍ରହଣ ନକଲେ ନିଜ ଲୋକମାନେ ମନମୋଟିଆ ହେବେ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି ।


**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ ।


ଜ୍ୟୋତିଷ ଚର୍ଚ୍ଚା


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡ଼ା ତହସିଲ୍ ଅଧିନସ୍ଥ ପୋସ୍ତଳ ପଞ୍ଚାୟତ ବାଲିଜଳା ଗ୍ରାମରେ ସରକାରୀ ଜାଗାରୁ ହଜାର ହଜାର ଟଙ୍କାର ଚାଖୁଣ୍ଡା ଗଛକୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ପଳସୁଧା ଅଞ୍ଚଳର ଜଣେ କାଠ ମାଫିଆକୁ ବିକ୍ରି କରିଛନ୍ତି। କାଠ ମାଫିଆ ଜଣକ ଛୁଟିଦିନ ଦେଖି ମେସିନ୍ ସହାୟତାରେ ଆଜି ଗଛଗୁଡ଼ିକୁ କାଟି ଦେଇଛି। ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପାଇଥିଲେ ମଧ ଛୁଟିଦିନ ଥିବାରୁ ଅଭିଯୋଗ କରିପାରି ନଥିଲେ। ଏହାର ସୁଯୋଗ ନେଇ କାଠମାଫିଆ ଜଣକ କିଛି କାଠ ଉଠାଇନେଇ ଯାଇଥିବା ବେଳେ ଆଉ କିଛି କାଠ ସେଠାରେ ଥିବାରୁ ଆସନ୍ତାକାଲି ଧାନମଣ୍ଡଳ ଆର୍‌ଆଇ ତଦନ୍ତ କରି ଉକ୍ତ କାଠକୁ ଜବତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଯୁବକ ଜଣକ ସରକାରୀ ଯାଗାରୁ କିପରି ଗଛ କାଟିବା ପାଇଁ ଅନୁମତି ପାଇଲେ ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ବୈଠକ




ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ଗଠିତ କ୍ରିୟାନୁଷ୍ଠାନ ସମିତିର ମାସିକ ବୈଠକ ହରନାରାୟଣ ମଡୁଆଳଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀ ସଂଘ ଗୃହରେ ଆୟୋଜିତ ବୈଠକରେ ଆବାହକ ତଥା କୃଷି ବୈଜ୍ଞାନିକ ଡ. କେଶବ ଚରଣ ପଣ୍ଡା ଯୋଗଦେଇ ସମିତି ପକ୍ଷରୁ ଗତ ଏକମାସ ମଧ୍ୟରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ସାମୂହିକ ସ୍ୱାର୍ଥରେ ଉଠିଥିବା ଦାବିକୁ ବାଲେଶ୍ୱର ଜିଲା ପରିଷଦର ବୈଠକରେ ସମର୍ଥନ କରାଯିବା ଅତ୍ୟନ୍ତ ସ୍ୱାଗଯୋଗ ନିଷ୍ପତ୍ତି ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଏଥି ସହିତ ବ୍ଲକସ୍ତରରେ କୃଷକ, କୃଷି ଶ୍ରମିକ ଓ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସଂଗଠିତ କରି ସ୍ଥାନୀୟ ପ୍ରଶାସକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିର ଯଥାର୍ଥତା ଦର୍ଶାଇ ଆବେଦନପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ବିଧାନସଭା ଅଧିବେଶନ ସମୟରେ ବାଲେଶ୍ୱର ସମେତ ଓ ଉତ୍ତର ଓଡ଼ିଶାର ବିଧାୟକମାନେ ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ନିବେଦନ କରାଯାଇଛି। ଇଂ. ବନମାଳି ନାୟକ, ନିରଞ୍ଜନ ପରିଡ଼ା, ଇଂ. ସୁରେନ୍ଦ୍ରନାଥ ଦାସ, ପ୍ରଫୁଲ୍ଲ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସୁଧିର ପ୍ରଧାନ, କ୍ଷିତୀଶ୍ୱର ଦାଶ, ବିଷ୍ଣୁପଦ ଭୌମିକ, ଉଦୟ ରଂଜନ ଦାସ, ସଚୀନ୍ଦ୍ର ଦାସ, ଭାସ୍କର ଚନ୍ଦ୍ର ପାଢ଼ୀ, ଅନନ୍ତ ପଟ୍ଟନାୟକ, ଇଂ. ଗୌରାଙ୍ଗ ସାହୁ, ବେଣୁଧର ବାରିକ, ଅଜୟ କର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସପନ ମହାପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଦନ୍ତା କଙ୍କାଳ ଠାବ ଘଟଣା

# ଦୁଇ ଫରେଷ୍ଟର ନିଲମ୍ବିତ, ୩ କୋର୍ଟ ଚାଲାଣ

ଅନୁଗୁଳ (ଭାସ୍କର ନ୍ୟୁଜ୍): ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଜିଲିଣ୍ଡା ରେଞ୍ଜରେ ଏକ ଦନ୍ତା ହାତୀର କଙ୍କାଳ ମିଳିବା ପରେ ବନବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ୨ଜଣ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଥିବାବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ନିଲମ୍ବିତ ହୋଇଥିବା ୨ ଫରେଷ୍ଟର ହେଲେ ସହଦେବ ସୋରେନ୍ ଓ ଅନୁପମା ସାହୁ। ଏଥିସହ ରେଞ୍ଜ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ଉପରିସ୍ଥ ଅଧିକାରୀଙ୍କୁ ମଧ ସୁପାରିଶ କରାଯାଇଛି। ହାତୀ ଶିକାର କରିଥିବା ୩ ଅଭିଯୁକ୍ତ ଏକ ଦନ୍ତା ହାତୀକୁ ମାରି ତାର ଦାନ୍ତ କାଟି ନେଇଥିଲେ। ଶିକାର କରିଥିବା ସ୍ଥାନରେ ତାର ମୃତଦେହକୁ ମଧ ପୋତି ଦେଇଥିଲେ। ହାତୀକୁ ମାରି ପୋତିବାରେ ବନବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସାତକୋଶିଆ ଡିଏଫ୍‌ଓ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରେ ସତ୍ୟାସତ୍ୟ ଜଣାପଡ଼ିବା ପରେ ଦୁଇ ଫରେଷ୍ଟରଙ୍କୁ ନିଲମ୍ବିତ କରାଯାଇଛି । ଅନ୍ୟ ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଡିଏଫ୍‌ଓ କହିଛନ୍ତି।

# ନକଲି ପ୍ରମାଣପତ୍ରରେ ଶିକ୍ଷକ ଚାକିରି ଅଭିଯୋଗ, ତଦନ୍ତ ଦାବି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍):ରାଜ୍ୟ ଗଣଶିକ୍ଷା ବିଭାଗ ଜାତୀୟ ଅଧ୍ୟାପକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ଆଇନୀକୁ ଖୋଲା ଉଲଙ୍ଘନ କରି ଅଯୋଗ୍ୟ ନକଲି ବିଏଡ଼ ଓ ସିଟି ସାର୍ଟିଫିକେଟ ଧାରିଙ୍କୁ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତି ଦେବା ନେଇ ଚର୍ଚ୍ଚା ଜନ ସାଧାରଣ ମହଲରେ ଚର୍ଚ୍ଚା ହେଉଛି। ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟ ରେ ସରକାରୀ ତରଫରୁ ଚାକିରୀ କରିଛନ୍ତି କିନ୍ତୁ ଶ୍ରେଣୀ ଗୃହ ପରିସରରେ ଛାତ୍ର, ଛାତ୍ରୀଙ୍କୁ ଶିକ୍ଷାଦାନ କରିପାରୁନାହାନ୍ତି। ନକଲି ସାର୍ଟିଫିକେଟ ରାକେଟ ସକ୍ରିୟ ଥିବାବେଳେ ସାର୍ଟିଫିକେଟ ପିଛା ଏକଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ କିଣା ବିକାହେଉଥିବା ଅଭିଯୋଗ ହେଉଛି। ପୁରୀ ଜିଲ୍ଲାଅସ୍ତରଙ୍ଗ ବ୍ଲକରେ ସଂଖ୍ୟାଧିକ ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଶିକ୍ଷାସହାୟକ, ଚୁକ୍ତିଭିତିକଶିକ୍ଷକ, କ୍ରୀଡାଶିକ୍ଷକ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା କରୁଛନ୍ତି। ଏମାନେ ଜାଲମାଟ୍ରିକ ଓ ଯୁକ୍ତଦୁଇ ଟୋଲ ସାର୍ଟିଫିକେଟ ସହିତ ଗୁଲବର୍ଗ ବିଶ୍ୱବିଦ୍ୟାଳୟ, ନାଗାର୍ଜୁନ ବିଶ୍ୱବିଦ୍ୟାଳୟ, କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ଆନ୍ଧ୍ରବିଶ୍ୱବିଦ୍ୟାଳୟ, ଛତିଶଗଡ଼ ସି. ଭି. ରମଣ ବିଶ୍ୱବିଦ୍ୟାଳୟ କଲେଜ ନାମରେ ପ୍ରଭୃତିରୁ ନକଲି ସାର୍ଟିଫିକେଟ ଦ୍ୱାରା ଶିକ୍ଷାବିଭାଗର ପଦାଧିକାରୀଙ୍କୁ ପ୍ରଭାବିତ କରି ଶିକ୍ଷକ ଚାକିରି କରିବାକୁ ସମର୍ଥ ହୋଇଛନ୍ତି। ନିଯୁକ୍ତି ସମୟରେ ସାର୍ଟିଫିକେଟ ବୈଧତା ସମ୍ପର୍କରେ ଓପେପା ଓ ଗଣଶିକ୍ଷା ବିଭାଗ ଯାଞ୍ଚ ନକଲି ନିଯୁକ୍ତି ଦେବା ଦ୍ୱାରା ରାଜ୍ୟ ସରକାର ସିଟି ଓ ବିଏଡ଼ ଏବଂ ଏନସିଟିଇ ସ୍ୱୀକୃତି ପ୍ରାପ୍ତ ସାର୍ଟିଫିକେଟ ଧାରୀ ଶିକ୍ଷକ ମାନେ ଚାକିରୀରୁ ବଞ୍ଚିତ ହେଉଛନ୍ତି। ଗଣଶିକ୍ଷା ବିଭାଗ ଏ ଦିଗରେ ଯତ୍ନବାନ ହୋଇ ଯାଞ୍ଚ ପ୍ରକ୍ରିୟା କଡାକଡି କରିବା ସହିତ ବିଭିନ୍ନ ବିଦ୍ୟାଳୟ ଶିକ୍ଷକଙ୍କ ସାର୍ଟିଫିକେଟ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କଲେ ନକଲି ଶିକ୍ଷକ ଧରାପଡ଼ନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ମଝି ସମୁଦ୍ରରେ ବୁଡ଼ିଲା ଟ୍ରଲର, ୭ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ (ଭାସ୍କର ନ୍ୟୁଜ୍): ଶନିବାର ବିଳମ୍ବିତ ରାତିରେ ପାରାଦୀପ ସମୁଦ୍ରରେ ଏକ ଅଘଟଣ ଘଟିଛି। ମାଛ ଧରିବା ପାଇଁ ଯାଇଥିବା ଏକ ଟ୍ରଲରରେ ପାଣି ପଶି ବୁଡ଼ିଯାଇଥିଲା। ତେବେ ସେଥିରେ ଥିବା ୭ ମତ୍ସ୍ୟଜୀବୀ ଅକ୍ଷତେ ଉଦ୍ଧାର ପାଇଛନ୍ତି। ସେମାନଙ୍କୁ ଅନ୍ୟ ଏକ ବୋଟ୍‌ରେ ଉଦ୍ଧାର କରାଯାଇଥିଲା। ତେବେ ଟ୍ରଲର ସହ ଲକ୍ଷାଧିକ ଟଙ୍କାର ଜାଲ ଓ ମାଛ ମଧ ସମୁଦ୍ରରେ ବୁଡ଼ିଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବଟମହାପୁରୁଷ ନାମକ ଏହି ଟ୍ରଲରର କାଠ ଫାଟି ଯିବାରୁ ଭିତରେ ପାଣି ପଶିଯାଇଥିଲା। ଫଳରେ ଟ୍ରଲରଟି ବୁଡ଼ି ଯାଇଥିଲା। ସମସ୍ତ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇ କୂଳକୁ ଅଣାଯାଇଛି।

# ଦୋବଲ ହାଟ ନିଲାମ ହେବ କେବେ ?

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଅନ୍ତର୍ଗତ ମୁସ୍ତଫାପୁର ପଂଚାୟତର ବହୁପୁରାତନ ଦୋବଲ ହାଟ ଏବେ ପିଅନ ହାତରେ ବନ୍ଧା ପଡ଼ିଛି। ଏଥିରୁ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରିଲୁଟ ହଉଛି। ଏଦୀଗରେ ବ୍ଲକ ପ୍ରଶାସନ ସବୁ ଜାଣି ଚୁପ୍ ରହିବାର କାରଣ କ'ଣ? ସୂଚନା ଥାଉକି ଜମିଦାର ଅମଳରେ ହବିବୁର ରହେମାନଙ୍କ ଉଦ୍ୟମରେ ଦୋବଲ ଠାରେ ହାଟ କରାଯାଇଥିଲା। ସ୍ଥାନୀୟ ଅଂଚଳର ଚାଷୀ ମାନେ ଏକଜୁଟ ହୋଇ ସେମାନଙ୍କର ଉପାର୍ଜିତ ପନିପରିବା ଉକ୍ତ ହାଟରେ ରଖି ବିକ୍ରୟ କରି ଗୁଜୁରାଣ ମେଣ୍ଟାନ୍ତି ଏବଂ ଏ ହାଟ ପାଇଁ ସେତେବେଳେ ବର୍ଷକୁ ୩୨୦ଟଙ୍କା ମହାସୁଲ ଦିଆଯାଉଥିଲା। କାଳକ୍ରମେ ଧିରେ ଧିରେ ସେହି ହାଟରେ ଭଲ ବେପାର ହେଲା ଏବଂ ଜମିଦାରୀ ଉଚ୍ଛେଦପରେ ଉକ୍ତ ହାଟଟି ପଞ୍ଚାୟତ ଅଧିନକୁ ଯାଇଥିଲା। ହେଲେ ତାହା ପଞ୍ଚାୟତ ମାଧ୍ୟମରେ ବ୍ଲକ ଉକ୍ତ ହାଟକୁ ନିଲାମ କରି ରାଜସ୍ୱ ଆଦାୟ କରେ। ଏହି ହାଟକୁ ନେଇ ମଧ ଉଭୟଗୋଷ୍ଠୀ ନିଲାମରେ ଭାଗ ନିଅନ୍ତି। ୨୦୧୭ ମସିହାରେ ଉକ୍ତ ହାଟ ନିଲାମ ୨ଲକ୍ଷ ୧୭ହଜାର ଟଙ୍କା କରାଯାଇଥିଲା। ହେଲେ ଉଭୟ ଗୋଷ୍ଠୀ କେହି ସେହି ନିଲାମରେ ଭାଗ ନେଇନଥିଲେ। କାରଣ ଏହି ନିଲାମର ଟଙ୍କା ଅଧିକ ହୋଇଥିବାରୁ ପରବର୍ତ୍ତୀ ସମୟରେ ପଞ୍ଚାୟତ ନିର୍ବାହୀଅଧିକାରୀଙ୍କ ଦାୟିତ୍ୱରେ ରଖି ସ୍ଥାନୀୟ ଅଂଚଳର ବ୍ୟକ୍ତିଙ୍କୁ ହାଟ ଦାୟିତ୍ୱ ଦେଇଥିଲେ। ହେଲେ ବିନା ରେକର୍ଡ଼ରେ ସଲାସୁତୁରା ହୋଇ ହାଟ ପଇସାକୁ ମିଳିମିଶି ହରିଲୁଟ୍ କରୁଥିଲେ। ହାଟଦାଣ୍ଡିଆ ସପ୍ତାହକୁ ୩୬୦୦ଟଙ୍କା ପଂଚାୟତ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଦେଉଥିବାବେଳେ ସରକାରୀ ଖାତାରେ କେତେ ପଡୁଥିଲା ତାହା ତର୍ଦ ସାପେକ୍ଷ। ଅପରପକ୍ଷେ ହାଟ ନିଲାମ ଦ୍ୱିତୀୟ ଥର ୨୦୨୧ ମସିହା ଅକ୍ଟୋବର ମାସରେ ୬ମାସ ପାଇଁ ୧ଲକ୍ଷ ୧୯ହଜାର ଟଙ୍କା ନିଲାମ ଡ଼କାଯାଇଥିବାବେଳେ ସେତେବେଳେ ମଧ କେହିନିଲାମ ନେଇନଥିଲେ। ପୂର୍ବପରି ହାଟଦାଣ୍ଡିଆ ପଞ୍ଚାୟତକୁ ଟଙ୍କା ଦେଇଚାଲିଲେ। ତେବେ ୩୧ ମାର୍ଚ୍ଚ ୨୦୨୨ ସୁଧା ପଞ୍ଚାୟତ ଭାଙ୍ଗିଜିବା ପରେ ନୂତନ ସରପଂଚ ଦାୟିତ୍ୱ ନେଲାପରେ ୪ମାସ ହେବ ହାଟ ନିଲାମ ହୋଇପାରିଲା ନାହିଁ। ପୁଣି ଏବେ ପିଅନ ହାତରେ ହାଟ ଦାୟିତ୍ୱ ରହିଛି। ପଞ୍ଚାୟତ ପକ୍ଷରୁ ମେଣ୍ଟେନାନ୍ସ ପାଇଁ ହାଟ ପାଳିକ ୧୪ଶହ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଯାହାକି ଉକ୍ତ ଟଙ୍କା ପଞ୍ଚାୟତ କେସବୁକ୍ କୁ ଆସୁଛିକି ନାହିଁ ତାହା ସନ୍ଦେହ ଘେରରେ। ତେବେ ଜୁଲାଇ ସୁଧା ଉକ୍ତ ହାଟ ନିଲାମ କରାଯିବବୋଲି ପଂଚାୟତର ଜିଆରଏସ୍ ନିଳାଦ୍ରି ମହାପାତ୍ର ଆମପ୍ରତିନିଧିଙ୍କୁ କହିଥିଲେ। ସୁଚନା ଥାଉକି ଦୀର୍ଘବର୍ଷଧରି ଉକ୍ତ ହାଟକୁ ନିଲାମ ନକରିବା ପଛରେ ହାତ କାହାର ଥାଇପାରେବୋଲି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ଦୀଗରେ ଉପଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ଉକ୍ତ ହାଟକୁ ନିଲାମ କରିବା ପାଇଁ ନୋଟିସ ଜାରିକଲେ ଲକ୍ଷାଧିକ ଟଙ୍କା ରାଜସ୍ୱ ଆସିପାରିବବୋଲି ସ୍ଥାନୀୟ ଅଞ୍ଚବାସୀ ପ୍ରକାଶ କରିଛନ୍ତି।

# ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟରର ଜରୁରି ଅବତରଣ

ଲକ୍ଷ୍ନୌ : ଜରୁରି ଅବତରଣ କଲା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟର। ସେ ଯାଉଥିବା ହେଲିକପ୍ଟରରେ ଏକ ପକ୍ଷୀ ମାଡ଼ କରିବାରୁ ହେଲିକପ୍ଟରଟିକୁ ପାଇଲଟ ଜରୁରି ଅବତରଣ କରାଇବା ପାଇଁ ବାଧ ହୋଇଥିଲେ। ବାରଣାସୀର ବାବାତପୁର ବିମାନବନ୍ଦରରେ ଏହି ହେଲିକପ୍ଟରଟିକୁ ଜରୁରି ଅବତରଣ କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସୂଚନା ମିଳିଛି। ସେ ଏକ ସ୍ୱତନ୍ତ୍ର ବିମାନରେ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ବାରଣାସୀରେ ପହଞ୍ଚିବା ପରେ ଲକ୍ଷ୍ନୌ ଅଭିମୁଖେ ଉଡ଼ାଣ ଭରୁଥିବାବେଳେ ଏକ ପକ୍ଷୀ ଆସି ହେଲିକପ୍ଟରରେ ପିଟି ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କମିଶନରେଟ୍...

ଥାନାକୁ ଆସିଥିଲେ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ତେବେ ବହୁ ଲୋକ ଏହି ଆତ୍ମହତ୍ୟା ଘଟଣାକୁ ବିଶ୍ୱାସ କରୁନଥିବାବେଳେ ପ୍ରକୃତ ତଦନ୍ତ କରାଗଲେ ସତ୍ୟ ଲୋକଲୋଚନକୁ ଆସିବ ବୋଲି ସେମାନେ ମତ ରଖୁଛନ୍ତି।

## ୩ ରଥରେ...

ଦର୍ଜୀସେବକମାନେ ରଥକନାମଣ୍ଡଳୀ କାର୍ଯ୍ୟ ଚାଲୁ ରଖିଛନ୍ତି। ଏସବୁ ଭିତରେ ରବିବାର ମହାପ୍ରଭୁଙ୍କ ଘଣା ଓ ଖଳିପ୍ରସାଦ ଲାଗି ନୀତି ସମ୍ପନ୍ନ ହୋଇଛି। ଅଣସର ତ୍ରୟୋଦଶୀରେ ଘଣାଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର ଓ ଖଳିପ୍ରସାଦ ଲାଗି ହୋଇଥାଏ। ଘଣ୍ଟ, ଛତ୍ର, କାହାଳୀ ସହ ଖଳିପ୍ରସାଦକୁ ଶୁଦ୍ଧ ସୁଆରଙ୍କ ଘରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହି ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଭିତରଖଳିଲାଗି ପୂର୍ବରୁ ମହାପ୍ରଭୁଙ୍କ ଘଣାଲାଗି ଗୋପନନୀତି ସମ୍ପନ୍ନ କରାଯାଇଥିଲା।

## କୋଟିଏ ଟଙ୍କାର...

୧ କେଜି ୩୦ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ ମଧ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜେଶ କୁମାର ବାରିକ, ବିରଞ୍ଚି ନାରାୟଣ ସାହୁ, ଜଗବନ୍ଧୁ ବିଶ୍ୱାଳ ଓ ସନ୍ତୋଷ ରାଉତରାୟ। ରାକେଶ ଓ ବିରଞ୍ଚିର ଘର ଖୋର୍ଦ୍ଧା ଟାଉନ୍‌ଥାନା ଅନ୍ତର୍ଗତ କୋଚିଲାବଣ ସାହିରେ ହୋଇଥିବାବେଳେ ଜଗବନ୍ଧୁର ଘର ସ୍ୱପ୍ନେଶ୍ୱର ସାହିରେ। ସେହିପରି ସନ୍ତୋଷର ଘର ଖୋର୍ଦ୍ଧା ଟାଉନ୍‌ରେ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ୨୦୨୦ରୁ ଏସ୍‌ଟିଏଫ୍ ବର୍ତ୍ତମାନ ସୁଦ୍ଧା ୫୫ କେଜିରୁ ଅଧିକ ବ୍ରାଉନସୁଗର ଓ ହେରୋଇନ, ୨୦୨ ଗ୍ରାମ କୋକେନ, ୧୧୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଓ ୭୫୦ ଗ୍ରାମ୍ ଅଫିମ ଜବତ କରିଛି। ଏହିସବୁ ମାମଲାରେ ୧୫୬ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଘାରିଲା କରୋନା...

ଗହଣରେ ଯେ କରୋନା ଆକ୍ରାନ୍ତ ନଥିବେ ତାହା କେହି କହିପାରିବେ ନାହିଁ। ତେଣୁ ସରକାରୀ ସ୍ତରରେ ଏନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏଥିନେଇ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପୁରୀ ଜିଲ୍ଲା ପ୍ରଶାସନକୁ ସତର୍କ କରିଦିଆଯାଇଛି। ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨ ବର୍ଷ ହେବ କରୋନା ସଂକ୍ରମଣ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବିନା ଭକ୍ତରେ ଅନୁଷ୍ଠିତ ହୋଇଥିଲା। ତେବେ ତୃତୀୟ ଲହର ପରେ ସଂକ୍ରମଣ ହ୍ରାସ ପାଇବାରୁ ଭକ୍ତଙ୍କ ଗହଣରେ ରଥଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭକ୍ତମାନେ ମଧ ୨ ବର୍ଷର ବ୍ୟବଧାନ ପରେ ବଡ଼ଦାଣ୍ଡରେ ରଥାରୂଢ଼ ମହାବାହୁଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇ ଅନାଇ ବସିଛନ୍ତି। ତେବେ ଯଦି ଏତେ ଲୋକଙ୍କ ମେଳରେ କରୋନା ସଂକ୍ରମଣର ପ୍ରଭାବ ଦେଖାଦିଏ ତେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାକୁ ଏଡ଼ାଇ ଦିଆଯାଇନପାରେ। ପୂର୍ବରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଯେଉଁମାନେ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବା ସେମାନଙ୍କ ଶରୀରରେ କରୋନା ଲକ୍ଷଣ ରହିଛି ସେମାନେ ରଥଯାତ୍ରା ଠାରୁ ଦୂରେଇ ରହିବା ଜରୁରୀ। ସେହିପରି ଡବଲ୍ ଡୋଜ୍ ଟିକା ନେଇନଥିବା ଲୋକେ ମଧ ରଥଯାତ୍ରାକୁ ନ ଆସିବାକୁ ସେ ପରାମର୍ଶ ଦେଇଥିଲେ। ଏ କ୍ଷେତ୍ରରେ ପ୍ରଶାସନ ଏକାକୀ କିଛି କରିପାରିବ ନାହିଁ। ଏନେଇ ଆମମାନଙ୍କର ମଧ ଗୁରୁ ଦାୟିତ୍ୱ ରହିଛି। ରଥଯାତ୍ରା ସମୟରେ ପୁରୀ ଯାଉଥିବା ଶ୍ରଦ୍ଧାଳୁମାନେ ମାସ୍କ ପରିଧାନ କରିବା ସହ ପକେଟ୍‌ରେ ସାନିଟାଇଜର ରଖିବା ଜରୁରୀ। ଏଥିସହ ସରକାର ପ୍ରଣୟନ କରିଥିବା କରୋନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ। ତେଣୁ ଆମେ ସମସ୍ତେ ପୂର୍ବରୁ ସାବଧାନତା ଅବଲମ୍ବନ ନକଲେ ରଥଯାତ୍ରା ପରେ ପୁଣି ଥରେ ରାଜ୍ୟରେ ଯେ କରୋନା ସଂକ୍ରମଣ ବୃଦ୍ଧି ପାଇବ ଏଥିରେ ସନ୍ଦେହର ଅବକାଶ ନାହିଁ।

## ରୁଷକୁ ସହଯୋଗ...

ଦେଶମାନଙ୍କର ୟୁକ୍ରେନ୍‌କୁ ସମର୍ଥନ ତଥା ସହାୟତା ପରେ ବି ଏହି ଯୁଦ୍ଧ ଲାଗି ରହିଛି। ସମ୍ଭବତଃ ଏହା ୨୦୨୨ରେ ଶେଷ ହେବ ନାହିଁ ଓ ପୁଣି ଏକ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇବ। ଏପରି ସ୍ଥିତିରେ ବିଶ୍ୱନେତାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସେମାନଙ୍କ ଅସହାୟତା, ଆପଣା ସ୍ୱାର୍ଥ ପ୍ରତି ଆଗ୍ରହ ଓ ପରୋକ୍ଷରେ ଯୁଦ୍ଧକୁ ପ୍ରୋତ୍ସାହନ ଦେବା ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଏହି ପରିସ୍ଥିତିରୁ ବିଶ୍ୱ ଓ ବିଶ୍ୱବାସୀଙ୍କୁ ଉଦ୍ଧାର କରିବା ଯେତିକି କଠିନ, ସେତିକି ଅସମ୍ଭବ ମନେ ହେଉଛି। ଯୁକ୍ତରାଷ୍ଟ୍ର ଆମେରିକାର କଠୋର ଆର୍ଥିକ କଟକଣା ସତ୍ତ୍ୱେ ଯୁଦ୍ଧ ସମୟରେ ରୁଷ୍ ୭,୬୪,୧୯୦ କୋଟି ଟଙ୍କାର ତେଲ ବିକ୍ରି କରିଛି। ରୁଷ୍ ଠାରୁ ଏହି ତେଲ କିଣି ତାକୁ ଶକ୍ତି ଯୋଗାଇବା ଓ ପରୋକ୍ଷରେ ୟୁକ୍ରେନ୍ ଯୁଦ୍ଧକୁ ସହଯୋଗ ଯୋଗାଇବାରେ ପ୍ରମୁଖ ରାଷ୍ଟ୍ରଙ୍କ ଭିତରେ ରହିଛନ୍ତି ଭାରତ, ଚୀନ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ପୋଲାଣ୍ଡ, ନେଦରର୍ସଲାଣ୍ଡ ଓ ତୁର୍କୀ। ଏହି ଦେଶ ଓ ତା'ର ନେତାମାନେ ମୁହଁରେ ଶାନ୍ତିର କଥା କହୁଥିବାବେଳେ ବାସ୍ତବରେ ଯୁଦ୍ଧକୁ ପ୍ରୋତ୍ସାହିତ କରି ଅଶାନ୍ତି ସୃଷ୍ଟି କରିବାରେ କୌଣସି ସୁଯୋଗକୁ ହାତଛଡ଼ା କରିନାହାନ୍ତି। ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବାର ୧୦୦ ଦିନ ଭିତରେ ରୁଷ୍‌ରୁ ସବୁଠାରୁ ଅଧିକ ତେଲ ଚୀନ କିଣିଛି। ଚୀନ ରୁଷ୍ ଠାରୁ ୧,୦୩,୫୪୭ କୋଟି ଟଙ୍କାର ତେଲ କିଣି ଆମେରିକାର କଟକଣାକୁ ବେଖାତିର କରିଛି। ଚୀନ ପରେ ଏହି ସମୟ ମଧ୍ୟରେ ରୁଷ୍‌ରୁ ତେଲ କିଣିଥିବା ଦେଶଙ୍କ ମଧ୍ୟରେ ଜର୍ମାନୀ ୯୯,୪୪୬ କୋଟି, ଇଟାଲୀ ୬୪,୦୯୭ କୋଟି, ନେଦର୍ସଲ୍ୟାଣ୍ଡ ୬୪,୦୯୭ କୋଟି, ତୁର୍କୀ୫୫,୦୫୮ କୋଟି, ପୋଲାଣ୍ଡ ୩୬,୧୫୭ କୋଟି, ଫ୍ରାନ୍ସ ୩୫,୩୪୦ କୋଟି ଓ ଭାରତ ୨୭,୯୩୭ କୋଟି ଟଙ୍କାର ତେଲ କିଣିଛନ୍ତି ଓ ରୁଷ୍‌କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ରୁଷ୍ ଠାରୁ ତେଲ କିଣିଥିବା ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଓ ପୋଲାଣ୍ଡ ଆଦି ଦେଶ ଯୁଦ୍ଧକୁ ବିରୋଧ କରୁଛନ୍ତି ଓ ରୁଷ୍‌ର ଆକ୍ରମଣକୁ ନିନ୍ଦା ବି କରୁଛନ୍ତି। ମାତ୍ର ରୁଷ୍ ଠାରୁ ତେଲ କିଣି ତାକୁ ସହଯୋଗର ହାତ ବଢ଼ାଇଛନ୍ତି। ସେହି ଦେଶ ଓ ତା'ର ନେତାମାନଙ୍କ ଆକ୍ରମଣକୁ ନିନ୍ଦା କରିବା, ଯୁଦ୍ଧକୁ ଘୃଣା କରିବା ତଥା ଶାନ୍ତିର ବାର୍ତ୍ତାବହ ହେବା ଆଦି ଛଳନାତ୍ମକ କାରବାର ଆଜି ବିଶ୍ୱର ଶହଶହ କୋଟି ଲୋକଙ୍କ ପାଇଁ ଜୀବନ ମରଣ ସମସ୍ୟା ପାଲଟିଛି।

## ଆପଣଙ୍କ ପ୍ରାର୍ଥିତ୍ୱ...

ଭେଟିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରବିବାର ରାତିରେ ରୋମରୁ ଆସି ଦୁବାଇରେ ପହଞ୍ଚିଛନ୍ତି। ୨୯ ତାରିଖରେ ମଧ୍ୟପ୍ରାଚ୍ୟର ପୁଞ୍ଜିପତିମାନଙ୍କ ସହ ରାଜ୍ୟରେ ପୁଞ୍ଜି ନିବେଶ ନେଇ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଦୁବାଇ ରାଜରାସ୍ତାରେ ମେକ୍-ଇନ୍-ଓଡ଼ିଶାର ହୋର୍ଡିଂ ଲଗା ଯାଇଥିବା ଦେଖିବାକୁ ମିଳିଛି। ପେଟ୍ରୋ କେମିକାଲ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ଫୋକସ ରହିବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶାରେ ଥିବା ଶିଳ୍ପ ବାତାବରଣ, ଲ୍ୟାଣ୍ଡବ୍ୟାଙ୍କ, ଇନଭେଷ୍ଟମେଣ୍ଟକୁ ଗ୍ରାଉଣ୍ଡ ଜିରୋରେ ରୂପାୟନ ପର୍ଯ୍ୟନ୍ତ ସରକାରଙ୍କ ସହଜ ଓ ସମୟୋପଯୋଗୀ ବ୍ୟବସ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ପୁଞ୍ଜିପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ପରାଗ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଆଳି, (ଭାସ୍କର ନ୍ୟୁଜ୍): ବ୍ୟକ୍ତିଗତ ଜୀବନରେ ଅଗେ ନିଭା ଘଟଣା ବେଳେବେଳେ ସଫଳ ସାହିତ୍ୟ ସୃଷ୍ଟି ପାଇଁ ପଥ ତିଆରି କରିଥାଏ ବୋଲି ଓଡ଼ିଶାର ଅନେକ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକମାନେ ପରାଗ ସାହିତ୍ୟ ସଂସଦ ର ୪୦ତମ ବାର୍ଷିକ ଉତ୍ସବରେ ବକ୍ତବ୍ୟ ପ୍ରଦାନ କରି ଏହା କହିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ମେଣ୍ଢପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ରବିବାର ଦିନ ପରାଗ ସାହିତ୍ୟ ସଂସଦ ର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପରାଗ ସାହିତ୍ୟ ସଂସଦ ର ସଭାପତି ରମେଶ ଚନ୍ଦ୍ର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡ ଶତୃଘ୍ନ ପାଣ୍ଡବ କହିଲେ ଜଣେ ପ୍ରକୃତ ସାହିତ୍ୟିକଟିଏ ଜଣେ ନିରବ ସାଧକ।ତା ସାହିତ୍ୟ ସାଧନାର ସିଦ୍ଧି ହିଁ ପ୍ରକୃତ ସାହିତ୍ୟ । ସେହି ମାନଙ୍କ ସାଧନା ର ଫଳ ହିଁ ଓଡ଼ିଆ ସାହିତ୍ୟ କୁ ସମୃଦ୍ଧ କରିଛି। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର ଯୋଗଦାନ କରି କହିଥିଲେ ଯେ ନିରବର ଅନୁଭବ ହିଁ ସଫଳ ସାହିତ୍ୟ।ଏହାମାନବିକ ମୂଲ୍ୟବୋଧ ବୃଦ୍ଧି କରିଥାଏ।ଏହା ଉନ୍ନତ ଜୀବନର ମାର୍ଗ ଦେଖାଇ ଥାଏ। ସାହିତ୍ୟ ଲେଖକ ଓ ପାଠକ ମଧ୍ୟରେ ଏକ ବନ୍ଧନ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗାଳ୍ପିକ କ୍ଷୀରୋଦ ଦାସ ଗ୍ରାମାଞ୍ଚଳରେ ପ୍ରକାଶ ପାଉଥିବା ପତ୍ରିକା ଗୁଡିକ ର ମାନ ଉଚ୍ଚ କୋଟୀର ଓ ସେମାନଙ୍କ ର ଏ ଅବଦାନ ପ୍ରକୃତରେ ପ୍ରଶଂସନୀୟ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଲେଖନୀ ଚାଳନା କରୁଥିବା ଔପନ୍ୟାସିକ ସୁନୀଲ ମିଶ୍ର (ମୈତ୍ରେୟ),କବି ପିନାକୀ ମିଶ୍ର, ଗୀତି କାର ବାବାଜୀ ଚରଣ ଜେନା, ଗାଳ୍ପିକ ଅନୀଲ ପାଢୀ, କବି କମଳ କୁମାର ମହାନ୍ତି, ଗାଳ୍ପିକ ଲକ୍ଷ୍ମୀଧର ନାୟକ (ଆଦିସ୍ୟ),ଅଜୟ ମହାପାତ୍ର, ପ୍ରଦୀପ ନାୟକ ପ୍ରମୁଖ ଙ୍କୁ ପରାଗ ସମ୍ମାନ ରେ ସମ୍ମାନୀତ କରାଯାଇଥିଲା। ଏହି ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ପ୍ରବନ୍ଧକ ଜଗନ୍ନାଥ ତ୍ରିପାଠୀ ଏହାକୁ ଉଦ୍ଘାଟନ କରିଥିଲେ ଓ କବି ନିଳାଦ୍ରୀ ଭୂଷଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆଳି ଅଞ୍ଚଳ ର ବିଭିନ୍ନ ଅଞ୍ଚଳ ରୁ ଆସିଥିବା କବି ମାନଙ୍କ ର କବିତା ଗୁଡ଼ିକ କବି ଶୈଳେନ୍ଦ୍ର ନାଥ ଦାସ ଓ ଅକ୍ଷୟ ପଣ୍ଡା ସଂଯୋଜନା କରିଥିଲେ।ପରାଗ ର ସଂପାଦକ ବନମାଳୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପରାଗ ର ରଜ ବିଶେଷାଙ୍କ କୁ ଅତିଥି ମାନେ ଉନ୍ମୋଚନ କରିଥିଲେ।

# କାର୍ ଚାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

## ଡ୍ରାଇଭର ସଂଘ ପକ୍ଷରୁ ଶବ ରଖି ରାସ୍ତା ଅବରୋଧ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରେ ଏକ କାର ଦୁର୍ଘଟଣା ଘଟାଇଥିବା କାର ଚାଳକର ମୃତ୍ୟୁକୁ ନେଇ ଉତେଜନା ଦେଖା ଦେଇଥିବା ବେଳେ ଡ୍ରାଇଭର ସଂଘ ପକ୍ଷରୁ ମୃତ ଦେହକୁ ରାସ୍ତାରେ ରଖି ହିନ୍ଦୋଳ ଏନଏସି ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇଛି । ଏପରିକି ସଂଘ ପକ୍ଷରୁ ଦୁର୍ଘଟଣା ଘଟାଇଥିବା କାର ଚାଳକକୁ ଉତେଜିତ ଲୋକମାନେ ପିଟି ପିଟି ମାରି ଦେଇଥିବାର ଅଭିଯୋଗ ହୋଇଛି । ଚାଳକ ମୃତ୍ୟୁରେ ସଂଶ୍ଲିଷ୍ଟ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବୀ ହୋଇଛି ।ସୂଚନା ଥାଉକି ହିନ୍ଦୋଳ ଏନଏସି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ଥିବା ଏକ ଘରକୁ ଏକ ଦୃତଗାମୀ କାର୍ ଧକ୍କା ଦେଇଥିଲା। ମୃତ କାର୍ ଚାଳକ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ବନମାଳିପୁରର ଦେବୀ ପ୍ରସାଦ ମୁଦୁଲି। ଦେବୀପ୍ରସାଦ ଗତକାଲି ରାତିରେ ଏକ ଡିଜାୟାର କାର୍‌କୁ ଦୃତ ଚାଳନା କରି ରାସ୍ତାରେ ଯାଉଥିବା ବେଳେ ହିନ୍ଦୋଳ ଏନଏସି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମୀରା ବଜାରର ଗୋଲାପ ମହମ୍ମଦଙ୍କ ଘର ଉପରକୁ ମାଡି ଯାଇଥିଲା । ଫଳରେ ଦୁର୍ଘଟଣା ଗ୍ରସ୍ତ କାର ଯୋଗୁ ୨ ଜଣ ଗୁରୁତର ହୋଇପଡିଥିଲେ । ଫଳରେ ସ୍ଥାନୀୟ ଅଞ୍ଚଳରେ ଉତେଜନା ପ୍ରକାଶ ପାଇଥିଲା । ଏପରିକି ଦୁର୍ଘଟଣା ଘଟାଇଥିବା ଏହି କାର ଚାଳକକୁ ଅଞ୍ଚଳବାସୀ ନିସ୍ତୁକ ମାଡ ମାରି ଗୁରୁତର ଆହତ କରିଦେଇଥିଲେ ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଗୁରୁତର ଆହତ ଅବସ୍ଥାରେ କାର୍ ଚାଳକକୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଚାଳକର ମୃତ୍ୟୁକୁ ନେଇ ହିନ୍ଦୋଳ ଡ୍ରାଇଭର ସଂଘ ପକ୍ଷରୁ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପ୍ରାଣୀ ଚିକିତ୍ସା କେନ୍ଦ୍ର ଠାରେ ଓ ହିନ୍ଦୋଳ ବନମାଳିପୁର ଛକ ଠାରେ ହିନ୍ଦୋଳ-ଗୁଡିଆକାଟେଣୀ ମୁଖ୍ୟ ରାସ୍ତାକୁ ଡ୍ରାଇଭର ସଂଘର ଶତାଧିକ ଗାଡିଚାଳକ ଅବରୋଧ କରିଥିଲେ। ମୃତ ଗାଡିଚାଳକ ପରିବାରକୁ ନ୍ୟାୟ ପ୍ରଦାନ ଓ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ ଦାବୀରେ ଡ୍ରାଇଭର ସଂଘ ଅଟଳ ରହିଥିଲା । ଫଳରେ ସାଧାରଣ ଯାତାୟତ ଠପ୍ ହୋଇପଡିବାକୁ ନେଇ ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ଘଟଣା ସ୍ଥଳରେ ପହଁଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର 'ବାପା-ମା-୭ ପ' ସଂଗଠନ ପକ୍ଷରୁ ବାଲେଶ୍ୱର ସହରର ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତ୍ତା ସନ୍ତୋଷ କୁମାର ତ୍ରିପାଠୀ, ସନ୍ତୋଷ କୁମାର ପଣ୍ଡା, ଅଲେଖ ସାହାଣୀ, କାଳନ୍ଦୀ ଚରଣ ପରିଡ଼ା, ଶିବ ପ୍ରସାଦ ସ୍ୱାଇଁ, ପ୍ରଜ୍ଞାପାରମିତା ମିଶ୍ର, ଲୋକେଶ ପରିଡ଼ା, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଜୀବନଯାପନ ଶୈଳୀରେ ପରିବର୍ତ୍ତନ ଆଣିବା ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏନେଇ ସୋସିଆଲ୍ ମେଡିଆ ଇନ୍‌ଷ୍ଟାଗ୍ରାମ ଲାଇଭ ମାଧ୍ୟମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ହରିନାମ ପ୍ରଭୃତି ପରିବେଷଣ କରାଯାଉଥିବା ବେଳେ ରାଜ୍ୟର ବିଭିନ୍ନ ଅଂଚଳରେ ଅନାଥ ପିଲାମାନଙ୍କୁ ପାଇଁ ଖାଦ୍ୟ ଓ ପୋଷାକ ପ୍ରଭୃତି ସହାୟତା ପ୍ରଦାନ କରାଯାଉଛି ବୋଲି ସେମାନେ ସୂଚନା ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଂଗଠନର କାର୍ଯ୍ୟଧାରାକୁ ଉଚ୍ଚପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ପୋଷାକ ବଣ୍ଟନ ସହ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ବାପା-ମା-୭ ପରିବାର ସଂଗଠନର ସଦସ୍ୟମାନେ ମଧ ଛାତ୍ରଛାତ୍ରୀଙ୍କୁ ଆପ୍ୟାୟିତ କରିବା ସହିତ ସେମାନଙ୍କ ସହ ବସି ଭୋଜନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନସ କୁମାର ଦାସ, ଶୁଭେନ୍ଦୁ ବେହେରା, ପ୍ରଶାନ୍ତ କୁମାର ମହାରଣା, ଜ୍ୟୋତିରଞ୍ଜନ ପତି, ଶୁଭ୍ରାଂଶୁ ପାଣିଗ୍ରାହୀ, ଖୁସି, ଲିସା, ପଦ୍ମାବତୀ ଭଉଣୀ, ବସୁଧା ମା, ତୁଳସୀ, ମାଣିକ, ଗଙ୍ଗା ଓ ଶୁଭେନ୍ଦୁ ସାମଲ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।


## कार्यालय कार्यपालन अभियंता, लोक स्वास्थ्य यांत्रिकी खण्ड अम्बिकापुर जिला सरगुजा (छ.ग.)

// Notice Inviting Tender //

एकीकृत पंजीयन प्रणाली अंतर्गत उपयुक्त श्रेणी में पंजीकृत ठेकेदारों से निम्नलिखित कार्य हेतु जिला जल एवं स्वच्छता मिशन सरगुजा (जल जीवन मिशन अंतर्गत) ऑनलाईन (Online) निविदा आमंत्रित की जाती है।

| Sr. No. | Tender No. (System No.) & Date | Last Date (Bid Due Date) | Name of Work | P.A.C. (Rs. In Lakh) |
|---|---|---|---|---|
| 1 | 48 (101734) Date 17.06.2022 | 08.07.2022 | Constt of. O.H.T., Pipeline work, Instt. Of Submersible Pump, Providing of FHTC, etc. At Village- KORJA Block-LAKHANPUR, Under JJM. | 176.93 |
| 4 | 89 (102177) Date 17.06.2022 | 08.07.2022 | Constt of O.H.T., Pipeline work, Instt. of Submersible Pump, Providing of FHTC, etc. At Village- MANJA Block-LOAKHANPUR, Under JJM | 182.56 |
| 5 | 90 (102657) Date 17.06.2022 | 08.07.2022 | Constt of. O.H.T., Pipeline work, Instt. Of Submersible Pump, Providing of FHTC, etc. At Village - SAKARIYA Block-LAKHANPUR, Under JJM. | 152.40 |
| 6 | 91 (102663) Date 17.06.2022 | 08.07.2022 | Constt of. O.H.T., Pipeline work, Instt. of Submersible Pump, Providing of FHTC, etc. At Village-BANSIPUR-I Block-SITAPUR, Under JJM. | 145.08 |
| 7 | 92 (102670) Date 17.06.2022 | 08.07.2022 | Constt of. O.H.T., Pipeline work, Instt. of Submersible Pump, Providing of FHTC, etc. At Village-BARIMA Block-MAINPATH, Under JJM. | 311.81 |

उपरोक्त निर्माण कार्यों की ऑनलाईन (Online Tender) टेंडर आमंत्रित की जाती है। धरोहर राशि एवं अन्य जानकारी ई-प्रोक्योरमेंट वेब पोर्टल (https://eproc.cgstate.gov.in) पर देखी जा सकती है।

कार्यपालन अभियंता
लोक स्वास्थ्य यांत्रिकी खण्ड
अम्बिकापुर

G-92467/8



ନିମାପଡ଼ା, (ଭାସ୍କର ନ୍ୟୁଜ୍) : ରବିବାର ଭାରତୀୟ ଜନତା ପାର୍ଟି, ଭୋଗଶାଳଦା ଗ୍ରାମ ପଞ୍ଚାୟତର ଏକ ସାଂଗଠନିକ ବୈଠକ ନିମାପଡ଼ା (ଗ୍ରାମୀଣ) ମଣ୍ଡଳ ସଭାପତି ମାନସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଉପ-ସଭାପତି ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସର୍ବପ୍ରଥମେ ଭାରତ ମାତାଙ୍କ ବନ୍ଦନା ଗାନ କରିବା ପରେ କର୍ମୀମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ସୀମାଞ୍ଚଳ ସ୍ୱାଇଁଙ୍କୁ ଶକ୍ତିକେନ୍ଦ୍ର ପ୍ରମୁଖ, ପ୍ରଫୁଲ୍ଲ ଦାସ, ସୁରେଶ କୁମାର ଭୋଇ ଓ ଆଶୁତୋଷ ସାହୁଙ୍କୁ ବୁଥ୍‌ର ସଭାପତି, ନଗେନ୍ ସାହୁ, ବିଜୟ ବେହେରା, ରାକେଶ ସେନାପତିଙ୍କୁ ପଞ୍ଚାୟତ କମିଟିର ମୁଖ୍ୟ ଭାବରେ ମନୋନୀତ କରାଯାଇଥିଲା । ଆଗାମୀ ଭୋଟର ତାଲିକା ସଂଶୋଧନ ପାଇଁ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତି ଦିଆଯାଇଥିଲା । ପଞ୍ଚାୟତ ପ୍ରଭାରୀ ସତ୍ୟଭୂଷଣ ସ୍ୱାଇଁ, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା, ଭକ୍ତବନ୍ଧୁ ବିଶ୍ୱାଳ, ଭାଗିରଥୀ ମଲ୍ଲିକ, ରାକେଶ ସେନାପତିଙ୍କ ସହିତ ଅନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

### ମାଲକାନଗିରି ପୋଲିସକୁ ବଡ଼ ସଫଳତା

## ଯାଞ୍ଚ ବେଳେ ବିପୁଳ ଗଞ୍ଜେଇ ଜବତ, ଡ୍ରାଇଭର ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଗୌଡଗୁଡା ଛକ ନିକଟରେ ମାଲକାନଗିରି ପୋଲିସ ଦ୍ୱାରା ଗାଡି ଯାଞ୍ଚ ବେଳେ ଅର୍ନ୍ତରାଜ୍ୟ ଗଞ୍ଜେଇ ମାଫିଆ ଗିରଫ ହୋଇଛି । ସୂଚନା ମୁତାବକ ରବିବାର ଭୋର ସକଳ ସମୟରେ ମାଲକାନଗିରି ପୋଲିସ ଯାନ ବାହାନ ଯାଞ୍ଚ କରୁଥିଲା । ଏହି ସମୟରେ ଏକ ଧଳା ରଙ୍ଗର କାର ସିଜି ୧୭ ସି ୨୩୭୫ ଏହି ଯାଞ୍ଚ ସ୍ଥାନରେ ନ ଅଟକି ପୋଲିସକୁ ଦେଖୁ ଦ୍ରୁତ ଗତିରେ ସେଠାରୁ ଚାଲିଯିବାରୁ ମାଲକାନଗିରି ପୋଲିସ ସନ୍ଦେହ କରି ଉକ୍ତ ଗାଡ଼ିଟିକୁ ପିଛା କରିଥିଲେ। ଗାଡ଼ିରେ ଥିବା ଡ୍ରାଇଭର ପୋଲିସ



ଭୟରେ ଗାଡିଟିକୁ ଜିଲ୍ଲା ସଦରମହକୁମା ଠାରୁ କିଛି ଦୂର ଗଲା ପରେ ଶୁକ୍ରଗୁଡା ପାହାଡ ଉପରକୁ ଗାଡ଼ିଟିକୁ ଚଢ଼ାଇଦେଇ ଅଟକାଇ ଦେଇଥିଲେ । ତେବେ ଗାଡିରେ ୩ ଜଣଙ୍କ ମଧ୍ୟରୁ ଥିବା ୨ ଜଣ ଲୁଚି ପଳାଇଥିବା ବେଳେ ଗାଡି ଚାଳକକୁ ପୋଲିସ ମାଡିବସିଥଲା । ଏହା ପରେ ଉକ୍ତ ଗାଡିକୁ ଯାଞ୍ଚ କରିବାରୁ ଗାଡିର ପଛ ଡ଼ିକିରୁ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲେ । ଏହାପରେ ପୋଲିସ ଗାଡିଚାଳକକୁ ଗିରଫ କରି ମାଲକାନଗିରି ଥାନାକୁ ନେଇ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ଡ୍ରଗ୍ସ ଅପବ୍ୟବହାର ଓ ଅନୈତିକ କାରବାର ବିରୋଧ ଦିବସ ପାଳିତ

ନିମାପଡ଼ା, (ଭାସ୍କର ନ୍ୟୁଜ୍) : ନିଶା ଏକ ମାରାତ୍ମକ ବ୍ୟାଧି । ଏଥିରେ ବିଶେଷ ଭାବରେ ଯୁବ ବର୍ଗ ପ୍ରଭାବିତ ହେଉଥିବାରୁ ସେମାନଙ୍କୁ ସଚେତନ କରି ଭଲ ବାଟକୁ ଫେରାଇ ଆଣିବା ସମସ୍ତଙ୍କ ଦାୟିତ୍ୱ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ମତ ଦେଇଛନ୍ତି । ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ଅବୈଧ କାରବାର ବିରୋଧି ଅ'ରାଷ୍ଟ୍ରୀୟ ଦିବସ ରବିବାର ପୂର୍ବାହ୍ନରେ ପାଳିତ ହୋଇଥିଲା । ଶ୍ରୀମନ୍ଦିର ନିକଟରୁ ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ବର୍ମା ଉଦ୍‌ଘାଟନ କରଥିଲେ । ଏହି ଶୋଭାଯାତ୍ରାରେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେହିପରି ଗୁଣ୍ଡିଚା ମନ୍ଦିର ନିକଟରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମାଦକ ଦ୍ରବ୍ୟର ଅପବ୍ୟବହାର ସଂପର୍କରେ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିଲ୍ଲୀପ କୁମାର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନିମା ପଟ୍ଟନାୟକ, ଜିଲ୍ଲା ପରାମର୍ଶଦାତା ସିଦ୍ଧାର୍ଥ ରାୟ, ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ ।

## ଚୋରି ଗାଡ଼ି ଉଦ୍ଧାର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଲକ୍ଷ୍ମୀବଜାର ଅଞ୍ଚଳରୁ ଚୋରୀ ହୋଇଥିବା ଏକ ପିକଅପ ଭ୍ୟାନକୁ ଟାଉନଥାନା ପୁଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ଢେଙ୍କାନାଳ ସହର ଲକ୍ଷ୍ମୀବଜାର ଇନ୍ଦିରାଗାନ୍ଧି ସୁପର ମାର୍କେଟ ପଛପଟ ଗଳିକୁ ଭୁବନର ଏକ ପିକଅପ ଭ୍ୟାନ ନଂ. (ଓଡ଼ି-୦୬-ଏମ-୩୫୧୭) ଗୃହ ସାମଗ୍ରୀ ଆଣି ଶ୍ରୀଧର ସାହୁଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିଲା । ଶୁକ୍ରବାର ଭୋର ୬ଟା ସମୟରେ ଗାଡ଼ିଟି ସେଠାରେ ନଥିବା ଦେଖି ଗାଡ଼ି ଚାଳକ ଟାଉନଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବାପରେ ଏସପି ଲୋଗନୟାଗି ଦିବ୍ୟା. ଭି.ଙ୍କ ଉଦ୍ୟମରେ ଟାଉନଥାନା ସବଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀ ଘଟଣାର ଅନୁସନ୍ଧାନ କରିବାସହ ସିସିଟିଭି ଫୁଟେଜକୁ ଯାଞ୍ଚ କରି ଗାଡ଼ିଟି ଯାଜପୁର ଅଞ୍ଚଳକୁ ଯାଇଥିବାର ଜାଣିବାକୁ ପାଇଥିଲେ । ଟାଉନଥାନା ପୁଲିସ ଏହାର ପିଛା କରି ଯାଜପୁର ବରୀ ଅଞ୍ଚଳରେ ଗାଡ଼ିଟି ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ । ଚୋର ଗାଡ଼ି ଚୋରୀ କରିନେଇ ସେଠାରେ ଛାଡ଼ି ପଳାଇଥିବାରୁ ଏସଂକ୍ରାନ୍ତରେ କାହାରିକୁ ଗିରଫ କରାଯାଇ ପାରିନଥିବାବେଳେ ଗାଡ଼ିକୁ ଉଦ୍ଧାର କରି ଗାଡ଼ିର ମାଲିକକୁ ହସ୍ତାନ୍ତର କରିଥିଲେ ।

### ବେଲଗୁଣ୍ଠା ସେବା ସମବାୟ ସମିତି ନିର୍ବାଚନ

## ବିଜୟୀ ହେଲେ ସୂର୍ଯ୍ୟନାରାୟଣ ଓ ଏକାଦଶୀ




ବେଲଗୁଣ୍ଠା, (ଭାସ୍କର ନ୍ୟୁଜ୍) : ବେଲଗୁଣ୍ଠା ସେବା ସମବାୟ ସମିତିର ଦୁଇଟି ଜୋନ ପାଇଁ ରବିବାର ଦିନ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା କରାଯାଇଛି । ଘୋଷିତ ଦୁଇଟି ଯାକ ଜୋନର ପ୍ରାର୍ଥୀ ମାନଙ୍କ ଭୋଟ ସଂଖ୍ୟା ସମାନ ରହିବା ପରେ ଫଳାଫଳ ଧର୍ମଗୁଳା ମାଧ୍ୟମରେ ସ୍ଥିର ହୋଇଛି । ଜୋନ ନମ୍ବର ୫ରେ ସୂର୍ଯ୍ୟନାରାୟଣ ତ୍ରିପାଠୀ ଧର୍ମଗୁଳାରେ ବିଜୟୀ ହୋଇ ଥିବା ବେଳେ ଜୋନ ନମ୍ବର ୧୪ରେ ଏକାଦଶୀ ସାହୁ ଧର୍ମଗୁଳାରେ ବିଜୟୀ ହୋଇଛନ୍ତି । ବେଲଗୁଣ୍ଠା ସେବା ସମବାୟ ସମିତିର ୧୫ଟି ଜୋନ ମଧ୍ୟରୁ ପୂର୍ବରୁ ୯ଟି ଜୋନରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ବେଳେ ୦୩ଟି ଜୋନରେ ସର୍ବନିମ୍ନ ସଭ୍ୟ ନ ଥିବା ଯୋଗୁଁ ନିର୍ବାଚନ ହୋଇ ପାରି ନଥିଲା ଏବଂ ଗୋଟିଏ ଜୋନରେ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ ।ତେବେ ରବିବାର ଦିନ କେବଳ ଦୁଇଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜୋନ ନମ୍ବର ୫ ନିର୍ଦ୍ଦେଶକ ପଦବୀ ପାଇଁ ଅନୁଷ୍ଠିତ ନିର୍ବାଚନରେ ସୂର୍ଯ୍ୟନାରାୟଣ ତ୍ରିପାଠୀ ଅଟୋ ଚିହ୍ନରେ ୪ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ପଞ୍ଚାନନ ସାହୁ ମଧ୍ୟ ଏପଲ ଚିହ୍ନରେ ୪ଖଣ୍ଡ ଭୋଟ ପାଇଥିଲେ । ଉଭୟ ପ୍ରାର୍ଥୀ ସମାନ ସଂଖ୍ୟକ ଭୋଟ ପାଇଥିବା ଯୋଗୁଁ ନିୟମ ଅନୁସାରେ ଧର୍ମଗୁଳାର ସାହାଯ୍ୟ ନେଇଥିଲେ ନିର୍ବାଚନ ଅଧିକାରୀ ଅଶ୍ୱିନୀ କୁମାର ସାହୁ । ଧର୍ମଗୁଳାରେ ସୂର୍ଯ୍ୟନାରାୟଣ ତ୍ରିପାଠୀ ବିଜୟୀ ହେବା ପରେ ନିର୍ବାଚନ ଅଧିକାରୀ ଫଳାଫଳ ଘୋଷଣା କରିଥିଲେ । ସେହିଭଳି ଜୋନ ନମ୍ବର ୧୫ରେ ନିର୍ଦ୍ଦେଶକ ପଦବୀ ପାଇଁ ଏକାଦଶୀ ସାହୁ ଓ ଡ଼ି. ସ୍ୱପ୍ନାରାଣୀ ବିନ୍ଧାଣିରାଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏକାଦଶୀ ସାହୁ କେଟଲି ଚିହ୍ନରେ ଗୋଟିଏ ଭୋଟ ପାଇଥିବା ବେଳେ ଡ଼ି. ସ୍ୱପ୍ନାରାଣୀ ମଧ୍ୟ ଗ୍ୟାସ ସିଲିଣ୍ଡର ଚିହ୍ନରେ ଗୋଟିଏ ଭୋଟ ପାଇଥିଲେ । ଏଣୁ ଏହି ଜୋନ ପାଇଁ ମଧ୍ୟ ଧର୍ମଗୁଳାରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ଧର୍ମଗୁଳାରେ ଏକାଦଶୀ ସାହୁ ବିଜୟୀ ହୋଇଥିଲେ । ସମ୍ପ୍ରତି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ସମ୍ପନ୍ନ ହୋଇଥିବା ବେଳେ ଆଗାମୀ କିଛି ଦିନ ମଧ୍ୟରେ ସେବା ସମବାୟ ସମିତି ସଭାପତି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି । ନିର୍ବାଚନ ଅଧିକାରୀ ଭାବେ ଅଶ୍ୱିନୀ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରିଜାଇଡିଂ ଅଫିସର ଭାବେ ଜଗନ୍ନାଥ ପ୍ରଧାନ, ପ୍ରଥମ ପୋଲିଂ ଅଫିସର ଭାବେ ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟନିର୍ବାହ କରିଥିଲେ । ସେହିଭଳି ସେବା ସମବାୟ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ଡାକୁଆ ,ଡ଼ିଇଓ ସଂଗ୍ରାମ କୁମାର ସେଠୀ ଓ ପିଅନ ଲିଜାରାଣୀ ଆଚାରୀ ନିର୍ବାଚନରେ ସହଯୋଗ କରିଥିଲେ ।

## ସୁରୁଖୁରରେ ସରିଲା ୨ୟ ପର୍ଯ୍ୟାୟ ସମବାୟ ନିର୍ବାଚନ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ସରସଦା, ଜଳମଣ୍ଡୁଆ, ମାଳଦା ଓ ବାଲିପୋଖରୀ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ଗଠନ ପାଇଁ ନିର୍ବାଚନ ରବିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଆଜିର ନିର୍ବାଚନରେ ୪ ସମିତିର ୫୭ ନିର୍ଦ୍ଦେଶକଙ୍କୁ ନିର୍ବାଚିତ କରିବା ପାଇଁ ୧୨୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିଲେ । ସେଥିମଧ୍ୟରୁ ସରସଦାର ୩୭, ଜଳମଣ୍ଡୁଆର ୩୪ ମାଳଦାର ୨୮ ଓ ବାଲିପୋଖରୀର ୨୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିଲେ । ସରସଦାର ୧୧୫୬, ଜଳମଣ୍ଡୁଆର ୧୩୯୧, ମାଳଦାର ୧୧୦୬ ଓ ବାଲିପୋଖରୀର ୭୮୯ ଭୋଟର ଭାବେ ମୋଟ ୪୪୪୨ ଭୋଟର ରହିଥିଲେ । ପୁଲିସ ଓ ପ୍ରଶାସନ ପକ୍ଷରୁ କଡାସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ଜିଲ୍ଲା ସମବାୟ ଅତିରିକ୍ତ ନିବନ୍ଧକ ସଦାନନ୍ଦ ବେହେରା ସୂଚନା ଦେଇଛନ୍ତି । ତେବେ ଶାସକ ଓ ବିରୋଧିଙ୍କ ପାଇଁ ଆଜିର ନିର୍ବାଚନ ମିଶ୍ରଫଳ ହୋଇଛି । ମାଳଦା ଓ ବାଲିପୋଖରୀ ପ୍ରାଥମିକ କୃଷି ସମବାୟ ସମିତିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ସରସଦା ସମିତିରେ ବିରୋଧି ଗୋଷ୍ଠୀ ଓ ଜଳମଣ୍ଡୁଆ ସମିତିରେ ବିଜେପି ସମର୍ଥୀତ ପ୍ରାର୍ଥୀମାନେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଜଣାଯାଇଛି ।

## ବିଶିଷ୍ଟ ସମାଜସେବୀଙ୍କ ଏକାଦଶାହ ସ୍ମୃତିସଭା

କାକଟପୁର, (ଭାସ୍କର ନ୍ୟୁଜ୍) : କାକଟପୁର ନିକଟସ୍ଥ ବେଲବାରୀ ଗ୍ରାମ ତଥା ମଙ୍ଗଳା ମହାବିଦ୍ୟାଳୟ ର ଅବସର କର୍ମଚାରୀ ସମାଜସେବୀ କେଶବ ଲେଙ୍କା ଙ୍କ ଏକାଦଶାହ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଷ୍ଟ୍ର ଗୃହମନ୍ତ୍ରୀ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, କାକଟପୁର ଗ୍ରାମପଞ୍ଚାୟତ ସରପଞ୍ଚ ଅଭୟ ସେଠୀ, ମିତୁରଞ୍ଜନ ଦୀକ୍ଷିତ, କିଶୋର ପଣ୍ଡା,ମହେନ୍ଦ୍ର ସ୍ୱାଇଁ, ଶିବ ପରିଡ଼ା,ବସନ୍ତ ସ୍ୱାଇଁ,ଅକ୍ଷୟ ସ୍ୱାଇଁ, ଶଙ୍କର ସ୍ୱାଇଁ ମଙ୍ଗଳା ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ତ୍ରିପାଠୀ,ପୂର୍ବତନ ଅଧକ୍ଷ ସନ୍ତୋଷ ମିତ୍ର, ଯୁଗଳ କିଶୋର ରାଉତ, ପୁତ୍ର ମାନସ, ପ୍ରକାଶ, ପୁତୁରା ରତ୍ନାକର, ବୈଂଶୀଧର, ଡୁଗୁଲି, ଯୋଗେନ୍ଦ୍ର,ବୋହୁ ,ମିକି, ପିଙ୍କି,ରେଖା,ଟିକି, ଦୀପା,ସଖୀ, ଜ୍ୱାଇଁ ଗୋପୀ, ବିପିନ, ମାନସ, ତୋଫାନ, କୃଷ୍ଣ, ବସୁ, ମିହିର, ମୁନୁ, କୁନା, ଲିଟୁ, ପ୍ରକାଶ, ନାରାୟଣ, ଝିଅ ମୀନା, ପ୍ରତିମା, ଝୁନା, ସୁଷମା, ମାନସୀ, ସଞ୍ଜୁ, ଟୁନା, ଲିଲି, ଗୁଡ୍ଡୁ, ଝିଲି, ପୁଷି ଓ ନାତି ନାତୁଣୀଙ୍କ ସମେତ ଅଞ୍ଚଳର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

## ୩୦ବର୍ଷର ରେକର୍ଡ ଭାଙ୍ଗିଲେ କଳ୍ପତରୁ

ରାଜନଗର, (ଭାସ୍କର ନ୍ୟୁଜ୍) : ରାଜନଗର ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚଚନ ଶେଷ ହୋଇଛି । ଭାଟପଡା, ରାଜନଗର ଓ ଡେରା ସମବାୟ ସମିତିରେ ନିର୍ବାଚନ ଶାନ୍ତିଶୃଙ୍ଖଳା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଭାଟପଡା ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ୟରୁ ତିନୋଟି ଜୋନରେ ନିର୍ବାଚନ ହୋଇନଥିଲା । ଅନ୍ୟ ୧୨ଟି ଜୋନ ମଧ୍ୟରୁ ତିନୋଟିରେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ୯ଟି ଜୋନରେ ନିର୍ବାଚନ କରାଯାଇଥିଲା । ଏହି ନିର୍ବାଚନରେ ୭ନମ୍ବର ଜୋନରେ ପ୍ରତିଦ୍ୱନ୍ଦିତା କରୁଥିବା ଦିଲ୍ଲୀପ କୁମାର ପାତ୍ରଙ୍କୁ ପ୍ରଥମଥର ପାଇଁ ସମବାୟ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଯୁବକ କଳ୍ପତରୁ ଜେନାଙ୍କଠାରୁ ଶୋଚନୀୟ ଭାବେ ପରାଜୟବରଣ କରିଛନ୍ତି । କଳ୍ପତରୁ ୧୫ଖଣ୍ଡ ଭୋଟ ପାଇଥିବା ବେଳେ ୧୯୯୨ମସିହାରୁ ସମବାୟ ନିର୍ଦ୍ଦେଶକ ଭାବେ ବିଜୟଲାଭ କରୁଥିବା ତଥା ଦୀର୍ଘଦିନ ଧରି ଏହି ସମବାୟ ସମିତିର ସଭାପତି ଥିବା ଦିଲ୍ଲୀପ କୁମାର ପାତ୍ର ମାତ୍ର ୨ଖଣ୍ଡ ଭୋଟ ପାଇ ଶୋଚନୀୟ ଭାବେ ପରାଜିତ ହୋଇଛନ୍ତି । ଦୀର୍ଘ ୩୦ବର୍ଷର ରେକର୍ଡକୁ କଳ୍ପତରୁ ଭାଙ୍ଗିଥିବାରୁ ସବୁ ମୁହଁରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳିଛି । ସେହିପରି ରାଜନଗର ସେବା ସମବାୟ ସମିତିରେ ୧୫ଟି ଜୋନ୍ ମଧ୍ୟରୁ ୧୪ଟି ଜୋନରେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ନିର୍ବାଚନ ହୋଇନଥିଲା । ଏହି ସମବାୟ ସମିତିର ମାତ୍ର ଗୋଟିଏ ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କୁଳମଣୀ ସେଠୀ



ଓ ମହେଶ୍ୱର ସେଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । କୁଳମଣୀ ପୂର୍ବରୁ ନିର୍ଦ୍ଦେଶକ ଭାବେ ଜିତିଥିଲେ ମଧ୍ୟ ଯୁବ ଆଇନଜିବୀ ମହେଶ୍ୱର ଚଳିତ ସମବାୟ ନିର୍ବାଚନରେ ପ୍ରଥମଥର ପାଇଁ ପ୍ରତିଦ୍ୱନ୍ଦିତା କରୁଥିଲେ । କୁଳମଣୀ ମାତ ୭ଖଣ୍ଡ ଭୋଟ ପାଇଥିବା ବେଳେ ମହେଶ୍ୱର ୨୯ଖଣ୍ଡ ଭୋଟ ପାଇ ବିଜୟଲାଭ କରିଛନ୍ତି । ଡେରା ସମବାୟ ସମିତିରେ ୧୫ଟି ଜୋନରୁ ଗୋଟିଏ ଜୋନରେ ଜଣେ ମାତ୍ର ପ୍ରାର୍ଥୀ ଥିବାରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ । ଅନ୍ୟ ୧୪ଟି ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସବୁଠାରୁ ବଡକଥା ହେଲା, ଏହି ସମବାୟ ସମିତିର ୧୧ନମ୍ବର ଜୋନରେ ପ୍ରାକ୍ତନ ସମିତି ସଭ୍ୟ ସୁକଦେବ ଭଦ୍ର ପ୍ରତିଦ୍ୱନ୍ଦିତା କରୁଥିଲେ । ସେ ମାତ୍ର ୮ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ପ୍ରବିତ୍ରକୁମାର ପ୍ରଧାନ ୧୧ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ।

## ଅର୍ନ୍ତଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର-ଅବୈଧ କାରବାର ନିରୋଧ ଦିବସ




ବାଲେଶ୍ୱର, (ଭାସ୍କର ନ୍ୟୁଜ୍) : ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ଜିଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଆନ୍ତର୍ଜାତିକ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ରବିବାର ପାଳିତ ହୋଇଯାଇଛି ।ଏହି ଅବସରରେ ସକାଳେ ଏକ ସଚେତନତା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ । ଏଥିରେ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କ ସମେତ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନ ସାଧନା, ମିଳିତ ନିଶା ନିବାରଣ ଅଭିଯାନ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ-ସଦସ୍ୟାମାନେ ଭାଗ ନେଇ ଜନସାଧାରଣଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ । 'ନିଶାଦ୍ରବ୍ୟକୁ ନାଁ, ସୁସ୍ଥ ଜୀବନକୁ ହଁ'ର ସ୍ଲୋଗାନ ଦେଇ ସେମାନେ ଏ ସମ୍ପର୍କିତ ପ୍ରଚାରପତ୍ର ଜନସାଧାରଣଙ୍କୁ ବାଣ୍ଟିଥିଲେ । ପରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ଏଥିରେ ଯୋଗଦେଇ ମାଦକଦ୍ରବ୍ୟ, ନିଶା ଓ ଡ୍ରଗ୍ସ ସେବନଠାରୁ ଦୂରେଇ ରହିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ମିଳିତ ନିଶା ନିବାରଣ ଅଭିଯାନର ସଭାପତି ପ୍ରଭାକର ସାହୁ ସମେତ ମମତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ ଓ ଅର୍ଚ୍ଚନା ନନ୍ଦୀ, ସାଧନା ସଂଗଠନର ସୁଜାତା ପଣ୍ଡା, ଓ ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ । ଅବକାରୀ ଅଧୀକ୍ଷକ ଅଶୋକ କୁମାର ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ସମେତ ଅବକାରୀ ବିଭାଗ ଓ ଅନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ଉପସ୍ଥିତ ଥିଲେ ।

## ନିଖୋଜ ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ଥାନା ଧରାଧରପୁର ପଞ୍ଚାୟତ ଭାସିଲପୁର ଅଞ୍ଚଳରୁ ଜୈନିକ ନାବାଳିକା ନିଖୋଜ ହେବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ରଘୁନାଥପୁର ଥାନା ପୋଲିସ ଖୋଜାଖୋଜି କରିବା ପରେ ଆଜି ରବିବାର ଏସ୍‌ଆଇ ଅନିଲ କୁମାର ସାହୁ ତିର୍ତ୍ତୋଲ ଥାନା କୃଷ୍ଣାନନ୍ଦପୁର ନୂଆଗାଁ ଗ୍ରାମର ଆଲୋକ ମଲ୍ଲିକଙ୍କ ଘରେ ଚଢାଉ କରି ନାବାଳିକାକୁ ଉଦ୍ଧାର କରିବା ସହ ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତ ନେମାଳ ଥାନା ପାଳଦାର ପ୍ରଦିପ ମଲ୍ଲିକଙ୍କ ପୁଅ ପ୍ରକାଶକୁ ଗିରଫ କରାଯାଇଥିବା ପୋଲିସ ପକ୍ଷରୁ ପ୍ରକାଶ ପାଇଛି । ଉଭୟଙ୍କୁ ଆଜି କୋର୍ଟରେ ହାଜର କରାଯାଇଛି ।

## ଆପୋଷ ବୁଝାମଣା ପରେ ହଟିଲା ସାମାଜିକ ବାସନ୍ଦ

ସୋରଡ଼ା, (ଭାସ୍କର ନ୍ୟୁଜ୍) : ସୋରଡ଼ା ଥାନା ବୋରିସିଙ୍ଗି ଗ୍ରାମ ର ଖଦାଳ ଗୌଡ଼ଙ୍କ ବଡ଼ ପୁଅଙ୍କ ସହ ଗେଞ୍ଜା ଗ୍ରାମର ଜନୈକା ଯୁବତୀ ଙ୍କ ସହ ଗତ ଦୁଇ ବର୍ଷ ତଳେ ବିବାହ ହୋଇଥିଲା । କୌଣସି କାରଣରୁ ଉଭୟ ବର ଓ କନ୍ୟା ପରିବାର ମଧ୍ୟରେ କଳହ ଲାଗି ରହିଥିଲା । ଫଳରେ ଖଦାଳ ଗୌଡ଼ଙ୍କ ସାନ ପୁଅର ବାହାଘର ମଧ୍ୟ ହୋଇ ପାରୁ ନଥିଲା । ଏ ନେଇ ଉଭୟ ପରିବାର ପକ୍ଷରୁ ଗୌଡ଼ ସମାଜରେ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ଏପରି କି ଖଦାଳ ଗୌଡ଼ ଗଞ୍ଜାମ ଏସପିଙ୍କ ନିକଟରେ ଦ୍ୱାରସ୍ଥ ହୋଇ ଥିଲେ । ଏସପି ଙ୍କ ନିର୍ଦ୍ଦେଶ ପ୍ରକାରେ ସୋରଡ଼ା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଗତ ୨୨ ତାରିଖ ରେ ଉଭୟ ପରିବାରକୁ ଥାନା କୁ ଡାକି ଉଭୟ ପରିବାରକୁ ବୁଝାଇଥିଲେ । ଫଳରେ ବର୍ତ୍ତମାନ ଉଭୟ ପରିବାର ରେ ଥିବା ମତାନ୍ତର ଦୂର ହେବା ସହ ସମସ୍ତ ବିବାଦ ର ସମାଧାନ ହୋଇଛି ।

## ରାଣୀଓଲା ସେବା ସମବାୟ ସମିତିରେ ୧୧ ବିଜେଡି ସମର୍ଥକଙ୍କ ବିଜୟ



ନିଆଲି, (ଭାସ୍କର ନ୍ୟୁଜ୍) : ରାଣୀଓଲା ସେବା ସମବାୟ ସମିତି ଲିଃ ନିର୍ବାଚନରେ ୧୧ ଜଣ ବିଜେଡି ସମର୍ଥକଙ୍କ ଡାଇରେକ୍ଟର ଭାବେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ୩ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଆଜି ଅନୁଷ୍ଠିତ ୧୨ ଗୋଟି ଜୋନ୍‌ର ନିର୍ବାଚନ ମଧ୍ୟରୁ ୮ ଜଣ ନିର୍ବାଚିତ ହୋଇଛନ୍ତି । ସେହିପରି ସ୍ୱାଧୀନ ଓ କଂଗ୍ରେସ ସମର୍ଥିତ ୪ ଜଣ ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ହୋଇଥିବା ବିଜେଡି ଡାଇରେକ୍ଟରମାନଙ୍କ ମଧ୍ୟରେ ତାପସ କୁମାର ବିରାଟ, ଅଭିମନ୍ୟୁ ସ୍ୱାଇଁ, ହେମନ୍ତ କୁମାର ଦାଶ, ଅକ୍ଷୟ ବିରାଟ, ଉର୍ମିଳା ବିରାଟ, ଧନେଶ୍ୱର ପଟ୍ଟନାୟକ, ପ୍ରକାଶ ବିଶ୍ୱାଳ, ପଞ୍ଚାନନ ପଟ୍ଟନାୟକ, ବସନ୍ତନାରାୟଣ ମହାନ୍ତି, ରାଜ କିଶୋର ପଟ୍ଟନାୟକ, ବିଭୂତି ଭୂଷଣ ମହାନ୍ତି । ସେହିପରି କଂଗ୍ରେସ ଓ ସ୍ୱାଧୀନ ସମର୍ଥିତଙ୍କ ମଧ୍ୟରେ ଇଂ. ଅରୁଣ ସ୍ୱାଇଁ, ଭରତ ମଲ୍ଲିକ, ଧୀରବାଳା ବିଶ୍ୱାଳ ଓ ସାରଦା ପ୍ରଶନ୍ନ ରାଉତ । ନିର୍ବାଚନ ଫଳାଫଳ ପ୍ରକାଶ ପରେ ବିଜେଡି ଜିଲ୍ଲା ସମ୍ପାଦକ ସରୋଜ କୁମାର ସ୍ୱାଇଁ, ରାଣୀଓଲା ସରପଞ୍ଚ ତ୍ରିନାଥ ମହାନ୍ତି, କସର୍ଦା ସରପଞ୍ଚ ସୁରେନ୍ଦ୍ର ପଟ୍ଟନାୟକ, ପ୍ରାକ୍ତନ ସରପଞ୍ଚ ନରେନ୍ଦ୍ର ରାଉତରାୟ, ପ୍ରାକ୍ତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଦାସ, ବିବେକାନନ୍ଦ ଜେନା ଓ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଶେଳଦା ହାଇସ୍କୁଲ୍ ଠାରୁ କସର୍ଦା ଛକ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ଯାଇଥିଲେ । ବିଜେଡି ବ୍ଲକ୍ ଯୁବ ସମ୍ପାଦକ ଶିବରାମ ଖୁଣ୍ଟିଆ ଓ ସୂର୍ଯ୍ୟକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ରାଣୀଓଲା ସମିତି ସଭ୍ୟା ମନୀଷା ସ୍ୱାଇଁ ଉପସ୍ଥିତ ଥିଲେ ।

## ସ୍ମରଣିକା ଲୋକାର୍ପିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ବାରିକପୁର ଠାରେ ରବିବାର ନିର୍ମାଲ୍ୟ ଓଝାଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା ଓ ସ୍ମରଣିକା ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍କଳମଣି ସାହିତ୍ୟ ସଂସଦ ସଭାପତି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଭା ସ୍ମରଣ ଉତ୍ସବରେ ସାହିତ୍ୟିକ ଇଂ ଅଭୟ କୁମାର ସୂତାର ମୁଖ୍ୟଅତିଥି, ଶିକ୍ଷାବିତ ଗଣେଶ୍ୱର ସାହୁ ମୁଖ୍ୟବକ୍ତା, ବିଶ୍ୱରଞ୍ଜନ ରାୟ, କାର୍ତ୍ତିକ ସ୍ୱାଇଁ, ରବିନ୍ଦ୍ର ନନ୍ଦ, ପ୍ରେମାନନ୍ଦ ନାୟକ, ରମେଶ ରଥ ସ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନର ସ୍ୱଳ୍ପକାଳ ମଧ୍ୟରେ ମେଧାବୀ ଛାତ୍ରୀ ନିର୍ମାଲ୍ୟ ଓଝାଙ୍କ ଶିକ୍ଷା, କଳା, ସାହିତ୍ୟ, ନୃତ୍ୟ ଆଦି କ୍ଷେତ୍ରରେ ପାରଦର୍ଶିତା ସ୍ଥାନୀୟ ଅଞ୍ଚଳ ପାଇଁ ଅଭୁଲା ହୋଇ ରହିବ ବୋଲି ମତବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରକାଶିତ ସ୍ମରଣିକା 'ନିର୍ମାଲ୍ୟ'ର ଲୋକାର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ସନ୍ତୋଷ ସାହୁ, ମଦନ ପଣ୍ଡା, ଡଃ ଦୁଃଶାସନ ଓଝା, ପଣ୍ଡିତ ରମାକାନ୍ତ ଜେନା, ପ୍ରକାଶ ମହାପାତ୍ର, ସୁବ୍ରତ ଦାସ, ଗଦାଧର ପଣ୍ଡା, ରଘୁନାଥ ଖଟୁଆ, ଭାସ୍କର ଦାସ, ମନ୍ଦାକିନୀ ନାୟକ, ସୋମନାଥ ଓଝା, ପୁରୁଷୋତ୍ତମ ରାଉତ, ଲକ୍ଷ୍ମୀଧର ମହାରଣା, ମାନସ ପାତ୍ର, ଖଗେଶ୍ୱର ଓଝା, ସରୋଜ ନାୟକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସଂସଦ ସମ୍ପାଦକ ପୁରୁଷୋତ୍ତମ ଧଳ କୃତଜ୍ଞତା ଅର୍ପଣ କରିଥିଲେ । ଡାକ୍ତର ନିରଞ୍ଜନ ଓଝା ସଭା ସଂଯୋଜନା କରିଥିଲେ ।

## ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ଅବକାର ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ ଠାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଆଜିର ଯୁବପୀଢି ମାନେ ନିଜକୁ ନିୟନ୍ତ୍ରଣ କରି ନିଶାର ଅପବ୍ୟବହାର ନକରି , ନିଶାଠାରୁ ଦୂରେଇ ରହି, ପତନମୁଖି ସମାଜକୁ ରକ୍ଷା କରବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ଶିକ୍ଷାବିତ, ଅଭିଭାବକ, ବୁଦ୍ଧିଜୀବିମାନେ ସ୍ୱତଃପ୍ରବୃତ ଭାବେ ଆଗେଇ ଆସି ନୈତିକ ଶିକ୍ଷା ଦାନ କରି ଛାତ୍ର ସମାଜକୁ ମାର୍ଗ ଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ପ୍ରତ୍ୟେକ ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ଗୋଟିଏ ଲେଖାଏଁ ପିରିୟଡର ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ଅବୈଧ ନିଶା କାରବାର, ଏହାର ଅପବ୍ୟବହାର, ଅବୈଧ ଉତ୍ପାଦନ ଉପରେ କଡା ନଜର ରଖି ଏହାର ପ୍ରସାର ଓ ପ୍ରଭାବକୁ ରୋକାଯାଇ ପାରିଲେ ଆମେ ଏକ ସୁସ୍ଥ ,ସୁନ୍ଦର ଢେଙ୍କାନାଳ ଗଢି ତୋଳି ପାରିବା ବୋଲି ଆଶାବ୍ୟକ୍ତ କରିଛନ୍ତି । ଜୀବନର ଏକ ନିର୍ଦ୍ଦିଷ୍ଟ ମହତ ଲକ୍ଷ୍ୟ ରଖି, ନିଶା ସେବନ ଠାରୁ ଦୂରେଇ ରହି, ନିଜେ ସଚେତନ ହୋଇ ନିଜର ପରିବାରର ଓ ସମାଜର ମଙ୍ଗଳ ନିମନ୍ତେ ସମସ୍ତ କାର୍ଯ୍ୟ ନିର୍ବାହ କରିବାକୁ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଲୋଗାନୟାଗୀ ଦିବ୍ୟା ଭି. ଯୁବ ପିଢୀଙ୍କୁ ପରାମର୍ଶ ଦେଇଛନ୍ତି । ଅବୈଧ ନିଶାଦ୍ରବ୍ୟ ଚାଲାଣ, ଏହାର ଅପବ୍ୟବହାର ରୋକିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ ।ସମସ୍ୟାର ସମାଧାନ ନିଶା ସେବନ ଦ୍ୱାରା ନୁହେଁ, ନିଶା ସେବନ ଦ୍ୱାରା ଧନ,ଯୌବନ, ଜୀବନ ହାନୀ ହେବା ଉଚିତ ସମାଜର ପ୍ରଭୂତ କ୍ଷତି ଘଟିଥାଏ । ଏଣୁ ଭଗବାନହ୍‌କ ପ୍ରଦତ ଅମୂଲ୍ୟ ଜୀବନକୁ ରକ୍ଷା କରିବା ନିମନ୍ତେ ନିଶା ସେବନ ଠାରୁ ଦୂରେଇ ରହିବାକୁ ପ୍ରଜାପିତା ବ୍ରହ୍ମକୁମାରୀ ଭଗିନୀ ଉଷା ଦେବୀ ସମସ୍ତଙ୍କ ଅନୁରୋଧ କରିଥିଲେ । ବ୍ରହ୍ମକୁମାରୀ ଅନୁଷ୍ଠାନ ଦ୍ୱାରା କରାଯାଉଥିବା ନିଶାମୁକ୍ତି କାର୍ଯ୍ୟ ସମ୍ପର୍କରେ କହି, ସମସ୍ତେ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ଆଶାବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଏନଏସଏସ୍ ପ୍ରୋଗ୍ରାମ ଅଫସର ,(ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ), ଦେବରାଜ ବେହେରା, ଜଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଅଶୋକ କୁମାର ଦାଶ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୌଦାମିନୀ ସାହୁ ପ୍ରମୁଖ ନିଶା ସେବନର କୁ ପରିଣାମ ସମ୍ପର୍କରେ ଆଲୋକପାତ କରି ନିଶାମୁକ୍ତ ସମାଜ ଗଠନ କରିବାରେ ପ୍ରତ୍ୟେକ ସ୍ତରରେ ପ୍ରୟାସ କରାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି । ବୈଠକ ପ୍ରାରମ୍ଭରେ ଜଲ୍ଲା ସମାଜ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଂଟିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଐରା"ର ନିର୍ଦ୍ଦେଶକ ସୁରେଶ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ପୁରୁଣା ଜିଲ୍ଲା ପରିଷଦ ହଲ ଠାରେ ପହଁଚିଥିଲା ।

# ଜାତୀୟ ଓ ଅନ୍ତର୍ଜାତୀୟ



ବାରାଣସୀ: ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ହେଲିକପ୍ଟର ରବିବାର ଏଠାରେ ପୋଲିସ୍ ଲାଇନ୍‌ରେ ଏମରଜେନ୍ସି ଲ୍ୟାଣ୍ଡିଂ କରିଥିଲା। ହେଲିକାପ୍ଟର ଉଡ଼ିବା ଆରମ୍ଭ କରୁ କରୁ ଏକ ପକ୍ଷୀ ସହ ଧକ୍କା ହେବାରୁ ଏହାକୁ ଜରୁରୀ ଅବତରଣ କରାଯାଇଥିଲା। ଏହି ସୂଚନା ଜିଲ୍ଲାଧିକାରୀ କୌଶଲ ରାଜ ଶର୍ମା ଦେଇଥିଲେ। ଜିଲ୍ଲାଧିକାରୀ ଶର୍ମାଙ୍କ ମୁତାବିକ ଏହାପରେ ମୁଖ୍ୟମନ୍ତ୍ରୀ ପୋଲିସ୍ ଲାଇନ୍‌ରୁ ସର୍କିଟ ହାଉସ୍ ଫେରିଛନ୍ତି। ହେଲିକପ୍ଟରରେ ବାର୍ଡ଼ ହିଟ୍ ହୋଇଯାଇଥିଲା।



## ମୁଁ ଅପରାଧୀ ନୁହେଁ: ତିସ୍ତା ସେତଲୱାଡ଼



ଅହମ୍ମଦାବାଦ: ଗୁଜରାଟ ଏଟିଏସ୍ ରବିବାର ଅହମ୍ମଦାବାଦ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ କୋର୍ଟରେ ତିସ୍ତା ସେତଲୱାଡ଼ାଙ୍କୁ ହାଜର କରିଛି। କୋର୍ଟରେ ହାଜର କରିବା ସମୟରେ ତିସ୍ତା ଜୋର୍‌ରେ ଚିତ୍କାର କରି କହୁଥିଲେ କି ମୁଁ ଅପରାଧୀ ନୁହେଁ। ଗୁଜରାଟ ପୋଲିସର ଅପରାଧ ଶାଖା ରବିବାର ତିସ୍ତା ସେତଲୱାଡ଼ାଙ୍କୁ ଗିରଫ କରିଥିଲା। ତିସ୍ତାଙ୍କ ଏନ୍‌ଜିଓ ସଂସ୍ଥା ୨୦୦୨ ଗୁଜରାଟ ଦଙ୍ଗାକୁ ନେଇ ଆଧାରହୀନ ବିବରଣୀ ଦେବା ପରେ ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଟିଏସ୍ ପକ୍ଷରୁ ତିସ୍ତାଙ୍କୁ ୧୪ଦିନ ପୋଲିସ ହେପାଜତକୁ ନେବା ଦାବି କରାଯାଇଛି କାରଣ ତିସ୍ତା ଯାଞ୍ଚ ସମୟରେ ପୋଲିସକୁ ସହଯୋଗ କରୁନାହାନ୍ତି। ସୂଚନାଥାଉକି ତିସ୍ତାଙ୍କ ସହ ପୂର୍ବତନ ଆଇପିଏସ୍ ଅଧିକାରୀ ଆରବି ଶ୍ରୀକୁମାରଙ୍କୁ ବି ରବିବାର ଗିରଫ କରାଯାଇଛି।

# ‘ଏକବିଂଶ ଶତାବ୍ଦୀରେ ଭାରତ ପଛକୁ ହଟିବନି’

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ର ୪୮ତମ ଶିଖର ସମ୍ମିଳନୀରେ ଭାଗ ନେବା ପାଇଁ ଜର୍ମାନୀର ମ୍ୟୁନିକ୍‌ରେ ପହଞ୍ଚିଛନ୍ତି। ସେଠାରେ ସେ ପ୍ରବାସୀ ଭାରତୀୟଙ୍କୁ ରବିବାର ସମ୍ବୋଧିତ କରି କହିଛନ୍ତି କି ମୁଁ ଆପଣ ସମସ୍ତଙ୍କ ମଧ୍ୟରେ ଭାରତର ଏକତା ଓ ବନ୍ଧୁତ୍ୱକୁ ଦେଖିପାରୁଛି। ଆପଣମାନଙ୍କର ଏହି ସ୍ନେହ ଓ ଭଲପାଇବା ମୁଁ କେବେବି ଭୁଲିପାରିବି ନାହିଁ। ମୋଦୀ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିବା ପୂର୍ବରୁ ପ୍ରଥମେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଜୁନ୍ ୨୬ ତାରିଖ ଭାରତୀୟ ଗଣତନ୍ତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ ବୋଲି ମୋଦୀ ଭାରତୀୟ ସମୁଦାୟଙ୍କୁ କହିଥିଲେ। ଆଜିଠୁ ଠିକ୍ ୪୭ ବର୍ଷ ପୂର୍ବରୁ ଭାରତୀୟ ସମ୍ବିଧାନକୁ ବନ୍ଧକ ରଖାଯିବା ସହ ଗଣତନ୍ତ୍ରର କୁଠାରଘାତ କରାଯାଇଥିଲା। ଜୁନ୍ ୨୬ ତାରିଖରେ ଦେଶରେ ଏମରଜେନ୍ସି ଲାଗୁ



କରାଯାଇଥିଲା। କିନ୍ତୁ ପର ମୁହୂର୍ତ୍ତରେ ଗଣତନ୍ତ୍ରର ବିଜୟ ହୋଇଥିଲା ଓ ଭାରତୀୟମାନେ ଗଣତନ୍ତ୍ରକୁ କୁଠାରଘାତ କରିବାର ଜବାବ ଗଣତାନ୍ତ୍ରିକ ଉପାୟରେ ଦେଇଥିଲେ। ମୋଦୀ ତାଙ୍କ ଭାଷଣରେ କହିଥିଲେ କି ଆଜି ଭାରତରେ ପ୍ରତିଟି ଗ୍ରାମ ଖୋଲାରେ ଶୌଚ କରିବାରୁ ମୁକ୍ତ ହୋଇଛି। ପ୍ରତିଟି ଗ୍ରାମକୁ ବିଜୁଳି ପହଞ୍ଚିଛି। ୯୯ ପ୍ରତିଶତ ଲୋକଙ୍କ ପାଖରେ ରନ୍ଧନଗ୍ୟାସର ସୁବିଧା ରହିଛି। ପ୍ରତିଟି ପରିବାର ବ୍ୟାଙ୍କିଂ ସିଷ୍ଟମ ସହ ଯୋଡ଼ି ହୋଇପାରିଛି। ପ୍ରତିଟି ଗରିବ ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇଛି। ଏଭଳି ବହୁତ ଲମ୍ବା ଚିଠା ରହିଛି ଯାହା କହିଲେ ତାହା ଲମ୍ବିଚାଲିଥିବ ଓ ଏହା ମଧ୍ୟରେ ଆପଣଙ୍କ ଡିନର ଟାଇମ୍ ହୋଇଯିବ ବୋଲି ମୋଦୀ ତାଙ୍କ ଭାଷଣରେ କହିଥିଲେ। ସେ ଆହୁରି କହିଥିଲେ କି ଏକବିଂଶ ଶତାବ୍ଦୀର ଭାରତ ପଛକୁ ହଟିବାର ନାହିଁ ବରଂ ଔଦ୍ୟୋଗିକ ବିପ୍ଳବର ନେତୃତ୍ୱ ନେବ। ଆଇଟି ସେକ୍ଟରରେ ଆମେ ପାରଦର୍ଶିତା ଦେଖାଇଛୁ। ୪୦ ପ୍ରତିଶତ ଡିଜିଟାଲ ଟ୍ରାଞ୍ଜେକ୍ସନ ଭାରତରେ ହିଁ କରାଯାଉଛି। ଆରୋଗ୍ୟ ସେତୁରେ ୨୨କୋଟି ଲୋକ ସାମିଲ ହୋଇଛନ୍ତି। ୧୨ରୁ ୧୫ଲକ୍ଷ ଅନ୍‌ଲାଇନ୍ ରେଲୱେ ଟିକେଟ୍ ବୁକିଂ କରାଯାଉଛି। ଡ୍ରୋନ୍ ମାଧ୍ୟମରେ କ୍ଷେତରେ ସାର ସିଞ୍ଚନ କରାଯାଉଛି। ଆଜି ଭାରତରେ ୯୦ ପ୍ରତିଶତ ବୟସ୍କଙ୍କୁ କରୋନା ଟିକା ଉପଲବ୍ଧ କରାଯାଇଛି। ସେମାନଙ୍କ ମଧ୍ୟରେ ୯୫ ପ୍ରତିଶତ କରୋନାର ଡବଲ୍ ଡୋଜ୍ ନେଇସାରିଛନ୍ତି। ଆମର କରୋନା ଭ୍ୟାକ୍ସିନ୍ ବିଶ୍ୱର କୋଟି କୋଟି ଲୋକଙ୍କ ଜୀବନ ବଞ୍ଚାଇଛି। ୨୦୧୫ରେ ଷ୍ଟାଟ୍‌ଅପ୍ ୱାର୍ଲ୍ଡରେ ଭାରତକୁ କେହି ଜାଣିନଥିଲେ। ଆଜି ଆମେ ତୃତୀୟରେ ରହିଛୁ। ଆମେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ମାନୁଫାକଚରିଂ ଦେଶ ଭାବେ ଉଭା ହୋଇଛୁ। ଏଭଳି ଭାରତର ବହୁ ଉପଲବ୍ଧି ସଂପର୍କରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିଛନ୍ତି। ସେହିପରି ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ମୋଦୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୋଦୀ... ମୋଦୀ ପରିବେଶ ମୁଖରିତ ହୋଇଉଠିଥିଲା।

### ପ୍ରବାସୀ ଭାରତୀୟଙ୍କୁ ମୋଦୀଙ୍କ ସମ୍ବୋଧନ

- ୪୭ ବର୍ଷ ପୂର୍ବରୁ ଭାରତୀୟ ସମ୍ବିଧାନକୁ ବନ୍ଧକ ରଖାଯାଇଥିଲା
- ଭାରତ ଔଦ୍ୟୋଗିକ ବିପ୍ଳବର ନେତୃତ୍ୱ ନେବ
- ୪୦ ପ୍ରତିଶତ ଡିଜିଟାଲ ଟ୍ରାଞ୍ଜେକ୍ସନ ଭାରତରେ କରାଯାଉଛି
- ଆରୋଗ୍ୟ ସେତୁରେ ୨୨କୋଟି ଲୋକ ସାମିଲ ହୋଇଛନ୍ତି
- ଆମେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ମାନୁଫାକଚରିଂ ଦେଶ ଭାବେ ଉଭା ହୋଇଛୁ

## ଉପ ନିର୍ବାଚନ : ମୁଖ୍ୟମନ୍ତ୍ରୀ ଶାହା ଜିତିଲେ

ଅଗରତାଲା: ବିଧାନସଭାର ଟାଉନ ବରଦୋୱାଲି ଆସନରୁ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା ଜିତିଛନ୍ତି। ଏହା ସହିତ ରାଜ୍ୟ ବିଜେପିର ଶାସକ ଦଳ ତ୍ରିପୁରା ବିଧାନସଭାର ଚାରିଟି ଆସନ ପାଇଁ ଉପ-ନିର୍ବାଚନରେ ତିନିଟି ଆସନ ଜିତିଛନ୍ତି। ରାଜ୍ୟର ଅଗରତାଲା ଆସନରେ କଂଗ୍ରେସ ସଫଳତା ହାସଲ କରିଛି। ରାଜ୍ୟସଭାର ଚାରିଟି ଆସନକୁ ଉପ-ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଫଳାଫଳ ଅନୁଯାୟୀ ବିଜେପି ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ମାଣିକ ଶାହା ରାଜ୍ୟର ୮ ନମ୍ବର ବିଧାନସଭା ନିର୍ବାଚନ ମଣ୍ଡଳୀ ଟାଉନ ବରଦୱାଲିଙ୍କ ଠାରୁ ୬୧୦୪ ଭୋଟ ବ୍ୟବଧାନରେ କଂଗ୍ରେସ ପ୍ରାର୍ଥୀ ଆଶିଷ କୁମାର ଶାହାଙ୍କୁ ପରାସ୍ତ କରିଛନ୍ତି। ମାଣିକ ଶାହା ୧୭୧୮୧ (୫୧.୬୩ ପ୍ରତିଶତ) ଏବଂ ଆଶିଷ କୁମାର ଶାହା ୧୧୦୭୭ (୩୩.୨୯ ପ୍ରତିଶତ) ଭୋଟ୍ ପାଇଛନ୍ତି।

## ଆଜମର ଦୁର୍ଗ ଭୁଶୁଡ଼ିଲା

ଲକ୍ଷ୍ନୌ: ସମାଜବାଦୀ ପାର୍ଟି (ସପା) ର ଶକ୍ତିଶାଳୀ ଆଜମ ଖାନ ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ପରାସ୍ତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଘନଶ୍ୟାମ ଲୋଧି ସପାର ଅସିମ ରାଜାଙ୍କୁ ପ୍ରାୟ ୩୮ ହଜାର ଭୋଟରେ ପରାସ୍ତ କରିଛନ୍ତି।

## ଜିତିଲେ ଦୁର୍ଗେଶ ପାଠକ

ନୂଆଦିଲ୍ଲୀ: ଦିଲ୍ଲୀର ରାଜେନ୍ଦ୍ର ନଗର ସିଟ୍‌ରେ ହୋଇଥିବା ଉପନିର୍ବାଚନରେ ଆମ୍ ଆଦମୀ ପାର୍ଟି ବଡ଼ ବିଜୟୀ ହୋଇଛନ୍ତି। ରାଘବ ଚଢ଼ାଙ୍କ ରାଜ୍ୟସଭା ଯିବାପରେ ଖାଲି ସିଟ୍‌ରେ ଆପ୍ ପାର୍ଟିର ଦୁର୍ଗେଶ ପାଠକ ଭାଜପା ପ୍ରାର୍ଥୀ ରାଜେଶ ଭାଟିଆଙ୍କୁ ପାଖାପାଖି ୧୧,୫୦୦ ଭୋଟ୍‌ରେ ହରାଇଛନ୍ତି। ଦୁର୍ଗେଶ ପାଠକଙ୍କୁ ମୋଟ୍ ୪୦,୦୧୦ ଭୋଟ୍ ମିଳିଥିବାବେଳେ ଭାଜପାର ରାଜେଶ ଭାଟିଆଙ୍କୁ ୨୮,୫୭୭ ଭୋଟ୍ ମିଳିଛି। କଂଗ୍ରେସର ପ୍ରାର୍ଥୀ ପ୍ରେମଲତାଙ୍କୁ ୧୯୯୦ ଭୋଟ୍ ମିଳିଛି।

## ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହେଲେ ବିଦ୍ରୋହୀ ବିଧାୟକ

### ବିଶ୍ୱାସଘାତକଙ୍କୁ ଜିତିବାକୁ ଦେବୁନି: ଆଦିତ୍ୟ ଠାକ୍‌ରେ



ମୁମ୍ବାଇ: ମହାରାଷ୍ଟ୍ରରେ ଜାରି ରାଜନୈତିକ ସଂକଟର ରବିବାର ୬ଷ୍ଠ ଦିନରେ ରାଜନୈତିକ ପାଣିପାଗ ବେଶ୍ ଉଷ୍ମ ରହିଥିଲା। ମହାରାଷ୍ଟ୍ରର ରାଜନୈତିକ ପାଣିପାଗ କେଉଁଦିଗକୁ ଗତି କରିବ ତାହା ଏଯାବତ୍ ସ୍ପଷ୍ଟ ହୋଇପାରୁନି। ସୂଚନାନୁଯାୟୀ ଏକନାଥ ସିନ୍ଦେଙ୍କୁ ଶିବସେନା ବିଧାୟକ ଦଳ ନେତା ପଦରୁ ହଟାଇବା ପାଇଁ ମହାରାଷ୍ଟ୍ର ସରକାରଙ୍କ ଉପବାଚସ୍ପତିଙ୍କ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ବିରୋଧ କରି ଏକନାଥ ସିନ୍ଦେଙ୍କ ପକ୍ଷ ଏବେ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ସିନ୍ଦେ ପକ୍ଷଙ୍କ କହିବା କଥା ଉପବାଚସ୍ପତିଙ୍କ ନୋଟିସ୍‌ର ଜବାବ ଦେବା ପାଇଁ ବିଦ୍ରୋହୀ ବିଧାୟକଙ୍କୁ ଅତିକମ୍‌ରେ ୭ଦିନ ସମୟ ଦେବା ଉଚିତ୍ ଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଶିବସେନାର ବିଦ୍ରୋହୀ ୧୫ ବିଧାୟକଙ୍କୁ ୱାଇ+ ଶ୍ରେଣୀର ସୁରକ୍ଷା ପ୍ରଦାନ କରିଛନ୍ତି। ତେବେ ଏହାରି ମଧ୍ୟରେ ଶିବସେନା ନେତା ସଞ୍ଜୟ ରାଉତ ବିଦ୍ରୋହୀ ବିଧାୟକଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଛନ୍ତି। ସେ କହିଛନ୍ତି କି ଗୌହାଟିରୁ ୪୦ ବିଧାୟକଙ୍କ ଶବ ଆସିବ। ତାଙ୍କର ଶବ ମୁମ୍ବାଇ ଆସିବା ପରେ ପୋଷ୍ଟମର୍ଟମ ପାଇଁ ସିଧାସଳଖ ବିଧାନସଭାକୁ ପଠାଇ ଦଆଯିବ। ବିଦ୍ରୋହୀ ବିଧାୟକଙ୍କ ଜୀବନ ପ୍ରତି ବିପଦ ଥିବା ଅନୁଭବ କରି ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂହ କୋଶିୟାରୀ ରାଜ୍ୟ ଡିଜିପିଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି କି ସିନ୍ଦେ ପକ୍ଷର ବିଧାୟକ ଓ ତାଙ୍କ ପରିବାରବର୍ଗଙ୍କୁ ତତ୍କାଳ ସୁରକ୍ଷା ପ୍ରଦାନ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଉ। ତାଜା ସୂଚନା ମୁତାବକ ମହାରାଷ୍ଟ୍ରର ଅନ୍ୟ ଏକ ମନ୍ତ୍ରୀ ଉଦୟ ସାମନ୍ତ ଏକନାଥ ସିନ୍ଦେଙ୍କ ପକ୍ଷରେ ସାମିଲ ପାଇଁ ଗୌହାଟି ଚାଲିଯାଇଛନ୍ତି। ଅର୍ଥାତ ଏବେସୁଦ୍ଧା ସିନ୍ଦେଙ୍କ ପାଖରେ ଶିବସେନାର ୮ ମନ୍ତ୍ରୀ ସାମିଲ ହୋଇସାରିଛନ୍ତି। ଇତିମଧ୍ୟରେ ମହାରାଷ୍ଟ୍ରର ଅନ୍ୟତମ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ଠାକ୍‌ରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି କୌଣସି ପରିସ୍ଥିତିରେ ବିଶ୍ୱାସଘାତକଙ୍କୁ ଜିତିବାକୁ ଦେବୁନି। ଯଦି ତୁମମାନଙ୍କୁ (ବିଦ୍ରୋହୀ ବିଧାୟକଙ୍କ ପ୍ରତି)ଶିବସେନାକୁ ବାଦ୍ ଦେଇ ଲଢ଼ିବାର ଅଛି ତେବେ ତାହା ବିରୋଧରେ ଲଢ଼ିବା ପାଇଁ ଆମେ ପ୍ରସ୍ତୁତ ଅଛୁ। ମହାରାଷ୍ଟ୍ରରେ ଜାରି ରାଜନୈତିକ ଅସ୍ଥିରତା ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଉଦ୍ଧବ ଠାକ୍‌ରେଙ୍କ ସହ ଫୋନ୍‌ରେ କଥା ହୋଇଥିବା ଜଣାଯାଇଛି।


## ୪୮୩ ପୂର୍ବତନ ବିଧାୟକ ନେଉଛନ୍ତି ୩୭ କୋଟିର ପେନ୍‌ସନ

ରାଜସ୍ଥାନ:ଅପଣ ଜାଣିନ୍ତି କି, ଜଣେ ବିଧାୟକ କମ୍ବା ସାଂସଦ ଗୋଟିଏ ଦିନ ବି ନିଜ ସିଟ୍‌ରେ ବସିଲେ ଜୀବନ ସାରା ପେନ୍‌ସନ ପାଇଥାନ୍ତି। କେବଳ ଏତିକି ନୁହେଁ, ଯେତେଥର ସେ ବିଧାୟକ କିମ୍ବା ସାଂସଦ ହୁଅନ୍ତି ସେତେଥର ତାଙ୍କର ପେନ୍‌ସନ ମିଶାଯାଇଥାଏ। ଯାହାଫଳରେ ପ୍ରତିବର୍ଷ କୋଟିପତି ବିଧାୟକଙ୍କ ସଂଖ୍ୟା ବଢ଼ିଚାଲିଛି। ଯେଉଁମାନେ ବିଧାୟକ ବା ମନ୍ତ୍ରୀ ଥିବା ସମୟରେ ଲକ୍ଷେ ଟଙ୍କା ଦରମା ନେଉଥିଲେ ସେମାନେ ଦାୟିତ୍ୱରୁ ଅବ୍ୟାହତି ପରେ ପେନ୍‌ସନ୍ ପାଇବା ସହ ବର୍ତ୍ତମାନ ବିଧାୟକ ପଦବୀରେ ରହି ଦୁଇଟି ଲାଭ ଉଠାଉଛନ୍ତି। ସୁମିତ୍ରା ସିଂହ, ସୁନ୍ଦରଲାଲ କାକା ଏବଂ କମଲା ବେନୀୱାଲ ଭଳି ବିଧାୟକ ଲକ୍ଷେ ଟଙ୍କାରୁ ଅଧିକ ପେନ୍‌ସନ ଉଠାଉଛନ୍ତି। ରାଜସ୍ଥାନରେ ମୋଟ ୨୦୦ ବିଧାୟକରୁ ୧୫୮ ଜଣ କୋଟିପତି ବିଧାୟକ। ରାଜସ୍ଥାନ ସରକାର ବର୍ତ୍ତମାନ ପ୍ରତିବର୍ଷ ୪୮୩ ପୂର୍ବତନ ବିଧାୟକଙ୍କୁ ୩୭ କୋଟି ଟଙ୍କା ପେନ୍‌ସନ ପ୍ରଦାନ କରୁଛନ୍ତି।

## ଇମ୍ରାନଙ୍କ ବେଡରୁମ୍‌ରେ ଲଗାଯାଇଥିଲା ସ୍ପାଏ କ୍ୟାମେରା

ଇସ୍‌ଲାମାବାଦ: ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ହତ୍ୟାକରିବାର ଅପପ୍ରଚାର ମଧ୍ୟରେ ଇମ୍ରାନ୍ ଖାନ୍‌ଙ୍କ ଉପରେ ଗୁଇନ୍ଦାଗିରି କରାଯାଇଥିବାର ତଥ୍ୟ ସାମ୍ନାକୁ ଆସିଛି। ତାଙ୍କ ବଙ୍ଗଳାର ଜଣେ କର୍ମଚାରୀ ଖାନଙ୍କ କୋଠରୀରେ ଏକ ସ୍ପାଏ ଡିଭାଇସ୍ ବା ଗୁପ୍ତ କ୍ୟାମେରା ଲଗାଇଥିଲେ। ରିପୋର୍ଟ ଅନୁସାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ବେଡରୁମରେ ଡିଭାଇସ୍ କ୍ୟାମେରା ଲଗାଇବା ପାଇଁ ଉକ୍ତ କର୍ମଚାରୀଙ୍କୁ ପ୍ରଚୁର ଅର୍ଥ ଦିଆଯାଇଥିଲା। ବଙ୍ଗଳାର ଅନ୍ୟ ଜଣେ କର୍ମଚାରୀ ଉକ୍ତ ଖବର ବିଷୟରେ ଜାଣିପାରି ଇମ୍ରାନ୍ ଖାନଙ୍କ ସୁରକ୍ଷାରେ ନିୟୋଜିତ ସୁରକ୍ଷା କର୍ମଚାରୀଙ୍କୁ ଏହା ଅବଗତ କରାଇଥିଲେ। ବଙ୍ଗଳା ସିକ୍ୟୁରିଟିଠାରୁ ଏହି ଖବର ପାଇବା ପରେ ପିଟିଆଇ ଅଧକ୍ଷ କ୍ୟାମେରା ଲଗାଇଥିବା କର୍ମଚାରୀଙ୍କୁ ଗିରଫ କରିନେଇଥିଲେ।

# ବାଣିଜ୍ୟ



ସୁରତ: ରୁଷ-ୟୁକ୍ରେନ୍ ଯୁଦ୍ଧ ପରେ ବିଶ୍ୱର ବହୁ କିଛି ପରିବର୍ତ୍ତନ ହୋଇଛି। ଗହମ ଠୁ ନେଇ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ବୃଦ୍ଧି ଆକାଶଛୁଆଁ ହୋଇଛି। କିନ୍ତୁ ଭାରତର ଏପରି ଏକ ସହର ଯେଉଁଠାରେ ରୁଷ୍-ୟୁକ୍ରେନ୍ ଯୁଦ୍ଧର ପ୍ରଭାବ ଶ୍ରମିକଙ୍କ ଜୀବନ ଜୀବିକା ଉପରେ ପଡ଼ିଛି। ଏହି ସହରଟି ହେଉଛି ଭାରତର ଡାଇମଣ୍ଡ ସିଟି ସୁରତର। ଯୁଦ୍ଧ କାରଣରୁ ଏଠାରେ ହୀରା ପଲିସିଂ କାର୍ଯ୍ୟରେ ନିୟୋଜିତ ୨୦ଲକ୍ଷ କାରିଗରଙ୍କ ଜୀବିକା ସଂକଟରେ ଗତି କରୁଛି।

## କାର୍ଟୁନ୍ ବକ୍ସ ବ୍ୟବସାୟ କରି ପ୍ରତି ମାସ ରୋଜଗାର କରନ୍ତୁ ୬ଲକ୍ଷ ଟଙ୍କା

ନୂଆଦିଲ୍ଲୀ: ଆମେ ସାଧାରଣତଃ କୌଣସି ବି ସାମଗ୍ରୀ କିଣିଲେ ତାହା ମୁଖ୍ୟତଃ ଏକ କାର୍ଟୁନ୍ ବକ୍ସ ଭିତରେ ପ୍ୟାକ୍ ହୋଇ ଆସିଥାଏ। ଆମେ ସାମଗ୍ରୀ ବାହାର କରିସାରିବା ପରେ ତାହାକୁ ଅଳିଆଗଦାକୁ ଫିଙ୍ଗିଦେଇଥାଉ। କିନ୍ତୁ କ’ଣ ଆପଣଙ୍କର ଏହି କାର୍ଟୁନ୍ ବକ୍ସର ବିଜ୍‌ନେସ୍ ସମ୍ବନ୍ଧରେ କିଛି ଜ୍ଞାନ ଅଛି ? ସୂଚନାଯୋଗ୍ୟ କି କିଛିବର୍ଷ ହେବ ଅନ୍‌ଲାଇନ୍ ସପିଂ ବୃଦ୍ଧି ପାଇଛି। ଛୋଟ ଧରଣର ଜିନିଷପତ୍ର କିମ୍ବା ସାମଗ୍ରୀକୁ ବି ଅନ୍‌ଲାଇନ୍ ଡେଲିଭେରୀ କାରଣରୁ ଏହି କାର୍ଟୁନ୍ ବକ୍ସର ବ୍ୟବହାର ଦ୍ରୁତ ଅଭିବୃଦ୍ଧି ହୋଇଛି। କିଛି କମ୍ପାନୀମାନେ



ସାମଗ୍ରୀ ଡେଲିଭରି କରିବା ପାଇଁ ଡିଜାଇନ୍ କାର୍ଟୁନ୍ ବକ୍ସ ବ୍ୟବହାର କରିଥାନ୍ତି। ଏପରିସ୍ଥଳେ କାର୍ଟୁନ୍ ବକ୍ସର ବଜାର ବି ଏବେ ପୂର୍ବାପେକ୍ଷା ବେଶ୍ ବୃଦ୍ଧି ପାଇଛି। ଯଦି ଆପଣ ଏହି କାର୍ଟୁନ୍ ବକ୍ସ ତିଆରି କରିବା କାରବାର କରିବେ ତେବେ ପ୍ରତି ମାସରେ ମୋଟା ଧରଣର ଆୟ କରିବା ନିଶ୍ଚିତ।

### ବାଣିଜ୍ୟ କରିବା ପୂର୍ବରୁ ପ୍ରଥମେ କରନ୍ତୁ ଏହି କାମ

କୌଣସି ବି ବେପାର ବାଣିଜ୍ୟରେ ସଫଳତା ପାଇଁ କଠୋର ପରିଶ୍ରମ, ନିଷ୍ଠା ଓ ସମର୍ପଣ ଭାବ ରଖିବା ସହ ପ୍ରଥମେ ଉକ୍ତ ବ୍ୟବସାୟ ସମ୍ବନ୍ଧରେ ପ୍ରତିଟି ବିବରଣୀ ଜାଣିବା ଉଚିତ୍। କାର୍ଟୁନ୍ ପ୍ରଡକ୍ସନ୍ ବିଜ୍‌ନେସ୍ ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ଏହାର ଉତ୍ପାଦ ସମ୍ବନ୍ଧରେ ସମସ୍ତ ପ୍ରକାର ଜ୍ଞାନ ରହିବା ଆବଶ୍ୟକ। ଏଥିପାଇଁ ଆପଣଙ୍କୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂରୁ କୋର୍ସ କରି ଏହି ବାଣିଜ୍ୟ ସମ୍ପର୍କିତ ଆବଶ୍ୟକ ଜ୍ଞାନ ହାସଲ କରିପାରିବେ।

### ଲାଇସେନ୍ସ ଜରୁରୀ

ଭାରତରେ କୌଣସି ବି ବାଣିଜ୍ୟ ଆରମ୍ଭ କରିବା ପାଇଁ ଉପଯୁକ୍ତ ବାଣିଜ୍ୟ ପଞ୍ଜିକରଣ ଜରୁରୀ ହୋଇଥାଏ। ଆପଣଙ୍କୁ କାର୍ଟୁନ୍ ବେପାର ଆରମ୍ଭ କରିବାକୁ ହେଲେ ଏମ୍‌ଏସ୍‌ଏମ୍‌ଇ ରେଜିଷ୍ଟ୍ରେସନ୍ ଅଥବା ଆଧାର ରେଜିଷ୍ଟ୍ରେସନ୍ କରିପାରିବେ। ଏଥିପାଇଁ ଆପଣଙ୍କୁ ସରକାରୀ ସହାୟତା ବି ମିଳିବ। ଏହାବାଦ୍ ଆପଣଙ୍କୁ ଫ୍ୟାକ୍ଟ୍ରି ଲାଇସେନ୍ସ, ପଲ୍ୟୁସନ୍ ସାର୍ଟିଫିକେଟ୍ ଓ ଜିଏସ୍‌ଟି ରେଜିଷ୍ଟ୍ରେସନ୍ କରିବା ଜରୁରୀ।

### କଞ୍ଚାମାଲ୍‌ର ଆବଶ୍ୟକତା

କାର୍ଟୁନ୍ ବକ୍ସ ପ୍ରସ୍ତୁତ ଲାଗି ମୁଖ୍ୟତଃ କ୍ରାଫ୍ଟ ପେପରର ବ୍ୟବହାର କରାଯାଇଥାଏ। ଆପଣ ଯେତେ ଭଲ କ୍ୱାଲିଟିର କ୍ରାଫ୍ଟ ପେପର ବ୍ୟବହାର କରିବେ ଆପଣଙ୍କ ବାକ୍ସ ସେତିକି କ୍ୱାଲିଟିର ପ୍ରସ୍ତୁତ ହେବ।

### ବିଜ୍‌ନେସରେ କେତେ ଟଙ୍କା ଖର୍ଚ୍ଚ କରିବେ ?

ଏହି ବିଜ୍‌ନେସ୍ ଆରମ୍ଭ କରିବା ପାଇଁ ଆପଣଙ୍କୁ ୫,୫୦୦ ସ୍କେୟାରଫୁଟ୍ ଜାଗାର ଆବଶ୍ୟକତା ପଡ଼ିବ। ଯଦି ଆପଣଙ୍କ ପାଖରେ ଜାଗା ପୂର୍ବରୁ ରହିଛି ତେବେ ଆପଣଙ୍କୁ କେବଳ ମେସିନ୍ କିଣିବା ପାଇଁ ଅର୍ଥ ଯୋଗାଡ଼ କରିବାକୁ ହେବ। ଯଦି ସେମି ଅଟୋମେଟିକ୍ ମେସିନ୍ ସହ ବଡ଼ ଧରଣର ଏହି ବିଜ୍‌ନେସ୍ ଆରମ୍ଭ କରିବାକୁ ଇଚ୍ଛା ରଖିଛନ୍ତି ତେବେ ଆପଣଙ୍କୁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହେବ। କିନ୍ତୁ ଯଦି ଆପଣ ସଂପୂର୍ଣ୍ଣ ଅଟୋମେଟିକ୍ ମେସିନ୍ କିଣିବେ ତେବେ ଆପଣଙ୍କୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହେବ।

### ପ୍ରତିମାସରେ କେତେ ଟଙ୍କା ଆୟ କରିବେ ?

ଏହି ବାଣିଜ୍ୟରେ ଲାଭ ବେଶ୍ ଭଲ ରହିଛି। ପ୍ରତିଟି କ୍ଷେତ୍ରରେ ଏହାର ଡିମାଣ୍ଡ ଥିବାରୁ ଆପଣ ପ୍ରତି ମାସରେ ୪-୬ଲକ୍ଷ ଟଙ୍କା ରୋଜଗାର କରିପାରିବେ।

## ଆର୍‌ଏସ୍‌ପି ଦ୍ୱାରା ପାର୍ଶ୍ୱାଞ୍ଚଳର ବିଦ୍ୟାର୍ଥୀଙ୍କୁ ୮.୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ




ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ନିମନ୍ତେ ସୁନ୍ଦରଗଡ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ, ପୁନର୍ବସତି କଲୋନୀର ୨୮ ଜଣ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ଛାତ୍ରଛାତ୍ରୀମାନଙ୍କୁ ୮.୪ ଲକ୍ଷ ଟଙ୍କାର ବୃତ୍ତିଗତ ଛାତ୍ରବୃତ୍ତି ପ୍ରଦାନ କରିଛି। ଏହି ପ୍ରୟାସ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଛାତ୍ରବୃତ୍ତି ସ୍ୱୀକୃତି ପତ୍ର ପ୍ରଦାନ ନିମନ୍ତେ ଜୁନ ୧୮ ତାରିଖରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ଏ କେ ନାୟକ ଓ ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଏ କେ ବେହୁରିଆ ଉତ୍ସବରେ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସଆର ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ, ସୁଶ୍ରୀ ମୁନମୁନ ମିତ୍ରା, ଡ଼ିଜିଏମ, ଶ୍ରୀ ଦୁଷ୍ମନ୍ତ ପ୍ରଧାନ ଏବଂ ସିଏସଆର ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମସ୍ତ ୨୮ ଜଣ ଛାତ୍ରଛାତ୍ରୀଙ୍କୁ ଅନଲାଇନ ଜରିଆରେ ଏହି ସଂପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉକ୍ତ ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ ହଜାର ଟଙ୍କା ହାରରେ ଆର୍ଥିକ ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

## ଏସ୍‌ପିଆଇଇଏଫ୍ ସମ୍ମିଳନୀରେ ଆର୍କଟିକ୍‌ରେ ଜାହାଜ ନିର୍ମାଣ ଓ ଜାହାଜ ମରାମତି ସମ୍ପର୍କରେ ଆଲୋଚନା

ନୂଆଦିଲ୍ଲୀ: ସେଣ୍ଟ ପିଟର୍ସବର୍ଗ ଇଣ୍ଟରନ୍ୟାସନାଲ ଇକୋନୋମିକ ଫୋରମ୍‌ର ଅଂଶସ୍ୱରୂପ ଆର୍କଟିକ ଅଞ୍ଚଳରେ ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି କାରଖାନା ସ୍ଥାପନ ସମ୍ପର୍କରେ ଏକ ଆ’ର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ ଆର୍କଟିକ ମେରୁ ଅଞ୍ଚଳରେ ଜାହାଜ ନିର୍ମାଣ ଏବଂ ସମ୍ପ୍ରତି ରହିଥିବା ଜାହାଜଗୁଡିକର ଆଧୁନିକିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ରୁଷର ସୁଦୂର ପ୍ରାଚ୍ୟ ଏବଂ ଆର୍କଟିକ ଅଞ୍ଚଳର ବିକାଶ ବିଭାଗ ପ୍ରଥମ ଉପ ମନ୍ତ୍ରୀ ଗାଜିମାଗୋମେଦ ଗୁସିୟନୋଭ କହିଥିଲେ, ୨୦୨୪ ସୁଦ୍ଧା ଉତ୍ତର ସାଗର ସମୁଦ୍ର ପଥରେ ଏହି ଅଞ୍ଚଳକୁ ଅନ୍ୟୁନ ୮୦ ନିୟୁତ ଟନ୍ ପଣ୍ୟ ପରିବହନ କରିବା ଏବଂ ୨୦୩୦ ସୁଦ୍ଧା ପଣ୍ୟ ପରିବହନ




ପରିମାଣ ୧୫୦ ନିୟୁତ ଟନ୍‌ରେ ପହଞ୍ଚାଇବା ସକାଶେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ରଖିଥିବା ଲକ୍ଷ୍ୟ କ୍ଷେତ୍ରରେ ସମ୍ପ୍ରତି ସେମାନେ ଜାହାଜ ମରାମତି ସୁବିଧାର ଅଭାବ ପରିସ୍ଥିତି ସାମ୍ନା କରୁଛନ୍ତି। ଏଥିସହିତ ଏହିଭଳି ଅନେକ ମୌଳିକ ସମସ୍ୟା ରହିଛି, ଯାହା ସମାଧାନର ଆବଶ୍ୟକତା ରହିଛି। ଏଥିସହିତ ଆର୍କଟିକ ଅଞ୍ଚଳର କମ୍ପାନୀ ରେସିଡେଣ୍ଟମାନଙ୍କ ନିମନ୍ତେ ସ୍ୱାଭାବିକ ଭାବରେ ବୀମା ପ୍ରିମିୟମ ଫାଇଦା ୩୦% ପରିବର୍ତ୍ତେ ମାତ୍ର ୭.୫% ଉପଲବ୍ଧ ହେଉଛି। ଏଥିସହିତ ଆୟକର କ୍ଷେତ୍ରରେ ଅଗ୍ରାଧିକାର ବ୍ୟବସ୍ଥା ପ୍ରଚଳିତ ରହିଛି, ଏବଂ ଏସବୁ ସହିତ ଏସଟିଜେଡ ବ୍ୟବସ୍ଥା ଅଧୀନରେ ଆସୁଥିବା ସାମଗ୍ରୀଗୁଡିକ ନିମନ୍ତେ ୦% ଭାଟ୍ ସୁବିଧା ଯୋଗାଇଦେବାଭଳି ଏକ ଅବାଧ ବହିଃଶୁଳ୍କ ଜୋନ୍‌ର ସମ୍ଭାବନା ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ଜାହାଜ ମରାମତି ନିମନ୍ତେ ଯୋଗାଇ ଦିଆଯାଉଥିବା ପ୍ରୋତ୍ସାହନ ସହିତ ଶୂନ୍ୟ ପ୍ରତିଶତ ଭାଟ୍ ଅତ୍ୟ’ ଜରୁରୀ ବୋଲି ସେ କହିଥିଲେ। ଆରଖାଙ୍ଗେଲସ୍କ ଅଞ୍ଚଳର ଗଭର୍ଣ୍ଣର ଆଲେକ୍‌ଜାଣ୍ଡର ସିବୁଲସ୍କି କହିଥିଲେ ଯେ ପ୍ରାୟ ଅର୍ଦ୍ଧେକ ବିଦେଶୀ ବନ୍ଦର ରୁଷ ଜାହାଜ ମରାମତି ନିମନ୍ତେ ବନ୍ଦ କରିଦିଆଯାଇଛି ଏବଂ ଏସମ୍ପର୍କିତ କାର୍ଯ୍ୟ ନିମନ୍ତେ ଇଣ୍ଡୋନେସିଆ ଏବଂ ତୁର୍କୀ ସେମାନଙ୍କର ମୂଲ୍ୟ ବ୍ୟାପକ ବୃଦ୍ଧି କରିଛନ୍ତି। କି’ୁ ଏଠାରେ ମୂଲ୍ୟ କେବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେଉନାହିଁ, ତାହାସହିତ ଏଠାରେ ଏହି ବ୍ୟବସ୍ଥାକୁ ଅଧିକ ସୁଲଭ କରାଯାଇପାରିବ। ଏହି ଆ’ର୍ଜାତିକ ସମ୍ମିଳନୀରେ ଜାହାଜ ନିର୍ମାଣ ଓ ମରାମତି ସହିତ ସଂପୃକ୍ତ ବିଭିନ୍ନ ସଂସ୍ଥାର ପଦାଧିକାରୀ ଓ ନେତୃବୃନ୍ଦ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ ଆର୍କଟିକ କାଉନସିଲର ୨୦୨୧ରୁ ୨୦୨୩ ପର୍ଯ୍ୟ’ ଅଧ୍ୟକ୍ଷତା କରିବା ସମୟରେ ଉତ୍ତର ସାଗର ଦେଇ ଆର୍କଟିକ ଅଞ୍ଚଳକୁ ଜାହାଜ ଚଳାଚଳ କରିବା ରୁଷ ପାଇଁ ଏକ ଅଗ୍ରାଧିକାର ବିଷୟ ହୋଇଛି।



ଡବଲିନ: ଶେଷରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳିବା ସୁଯୋଗ ପାଇଲେ ଜମ୍ମୁ କାଶ୍ମୀର ଯୁବ ପେସ୍ ବୋଲର ଉମ୍ରନ ମଲିକ।ରବିବାର ଏଠାରେ ଅନୁଷ୍ଠିତ ହେବାକୁ ଥିବା ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଟି-୨୦ କ୍ରିକେଟ ମ୍ୟାଚ ପାଇଁ ତାଙ୍କୁ ଚୂଡାନ୍ତ ଏକାଦଶ ଭାରତୀୟ ଦଳରେ ସାମିଲ କରା ଯାଇଛି। ଚଳିତ ବର୍ଷ ଅନୁଷ୍ଠିତ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଥିବା ଉମ୍ରନ ମାଲିକ ୨୨ ୱିକେଟ ଅକ୍ତିଆର ସହିତ ଘଣ୍ଟା ପ୍ରତି ୧୫୦ କିମିରୁ ଅଧିକ ବେଗରେ ବୋଲିଂ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ତାଙ୍କୁ ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ କରା ଯାଇଥିଲା। ମାତ୍ର କୌଣସି ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥିଲେ। ତେବେ ଆଗକୁ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବା ପାଇଁ ଥିବାରୁ ତାଙ୍କ ପରି ଜଣେ ଉଦୀୟମାନ ପେସ୍ ବୋଲରଙ୍କୁ ଦଳରେ ସାମିଲ କରିବା ପାଇଁ ବିଭିନ୍ନ ଦିଗରୁ ଦାବି ହେଉଛି। ତେଣୁ ଆୟର୍ଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବା ସୁଯୋଗ ପାଇଛନ୍ତି।

## ରଣଜୀ ଟ୍ରଫି ଫାଇନାଲ: ମୁମ୍ବାଇ ୬ ୱିକେଟରେ ପରାସ୍ତ

# ମଧ୍ୟପ୍ରଦେଶକୁ ପ୍ରଥମ ଟାଇଟଲ୍




ବାଙ୍ଗାଲୋର: ନୂଆ ଇତିହାସ ରଚିଲା ମଧ୍ୟ ପ୍ରଦେଶ। ଶକ୍ତିଶାଳୀ ମୁମ୍ବାଇକୁ ୬ ୱିକେଟରେ ପରାସ୍ତ କରି ପ୍ରଥମ ଥର ପାଇଁ ଚାମ୍ପିଅନ ହେଲା ମଧ୍ୟପ୍ରଦେଶ। ଘରୋଇ ରଣଜି ଟ୍ରଫି କ୍ରିକେଟରେ ପାୱାର ହାଉସ ଭାବେ ପରିଚିତ ତଥା ୪୧ ଥର ଚାମ୍ପିଅନ ମୁମ୍ବାଇକୁ ସବୁ ଦିଗରେ ପଛରେ ପକାଇ ମଧ୍ୟପ୍ରଦେଶ ଏହି ସଫଳତା ହାସଲ କରି ପାରିଛି। ପ୍ରଥମ ଇନିଂସରେ ମୁମ୍ବଇେ ୩୭୪ ରନ କରିଥିବା ବେଳେ ମଧ୍ୟ ପ୍ରଦେଶ ୟାଶ ଦୁବେ, ଶୁଭମ ବର୍ମା ଓ ରଜତ ପଟିଦାରଙ୍କ ଶତକ ବଳରେ ୫୩୬ ରନ କରି ଅଗ୍ରଣୀ ହାସଲ କରିଥିଲା। ତେବେ ମୁମ୍ବାଇ ଦ୍ୱିତୀୟ ଇନିଂସ ଆରମ୍ଭ କରି ଗତକାଲି ଚତୁର୍ଥ ଦିନ ଷ୍ଟମ୍ପ ଅପସାରଣ ବେଳକୁ ୨ ୱିକେଟ ହରାଇ ୧୧୩ ରନ କରିଥିଲା। ତେଣୁ ପଞ୍ଚମ ତଥା ଅନ୍ତିମ ଦିବସରେ ମ୍ୟାଚ ଡ୍ର ରଖିବା ପାଇଁ ସୁଯୋଗ ଥିଲା। ମାତ୍ର ମୁମ୍ବାଇ ଦଳ ସ୍ଥିରତା ବଜାୟ ରଖିବାରେ ବିଫଳ ହେଲେ। ତେଣୁ ମଧ୍ୟ ପ୍ରଦେଶର ବୋଲର ମାନେ ମୁମ୍ବାଇକୁ ୨୬୯ ରନରେ ଅଲ ଆଉଟ କରି ଦେବା ପରେ ବିଜୟ ସମ୍ଭାବନା ସୃଷ୍ଟି କରି ଥିଲେ। ପ୍ରଥମ ଇନିଂସର ଲଢୁଆ ଶତକ ହାସଲ କାରୀ ସର୍ଫରାଜ ଖାନ ୪୫ ଓ ସୁଭେଦ ପାର୍କର ୫୧ ରନ କରି ମଧ୍ୟ ପ୍ରଦେଶ ବୋଲିଂକୁ କିଛି ସମୟ ଧରି ମୁକାବିଲା କରି ଥିଲେ ହେଁ ଦୁହେଁ ଆଉଟ ହେବା ପରେ ମୁମ୍ବାଇର ଅବଶିଷ୍ଟବ ବ୍ୟାଟ୍ସମ୍ୟାନ ବିଫଳ ହୋଇ ଥିଲେ। ମଧ୍ୟ ପ୍ରଦେଶ ପକ୍ଷରୁ ସଫଳ ବୋଲର ଭାବେ କୁମାର କାର୍ତ୍ତିକେୟ ୯୮ ରନ ବିନିମୟରେ ୪ ୱିକେଟ ଅକ୍ତିଆର କରି ମୁମ୍ବାଇ ପାଇଁ ବିପଦ ସୃଷ୍ଟି କରି ଥିଲେ। ତେଣୁ ମଧ୍ୟ ପ୍ରଦେଶ ୪ ୱିକେଟ ହରାଇ ୧୦୮ ରନ ବିଜୟ ଲକ୍ଷ୍ୟ ଟାର୍ଗେଟ ହାସଲ କରି ନେଇ ଥିଲେ। ସୂଚନା ଯୋଗ୍ୟ ଯେ ୧୯୯୮-୯୯ ରଣଜି ଟ୍ରଫି ଫାଇନାଲରେ ମଧ୍ୟ ପ୍ରଦେଶ ଭଲ ପ୍ରଦର୍ଶନ କରି ଥିଲେ କର୍ଣ୍ଣାଟକ ଠାରୁ ହାରି ଯାଇଥିଲା। ତେବେ ଏଥର କୌଣସି ସୁଯୋଗ ହାତ ଛଡା ନ କରି ପ୍ରଥମ ଥର ପାଇଁ ଏହି ସମ୍ମାନଜନକ ଟ୍ରଫି ହାସଲ ଦିଗରେ ସଫଳ ହୋଇଛି। ତେବେ ଖୁସିର ବିଷୟ ହେଲା ଯେ ମଧ୍ୟପ୍ରଦେଶର ଏହି ବିଜୟ ପାଇଁ ଅଧିକ ଖୁସି ହୋଇଛନ୍ତ କୋଚ ଚନ୍ଦ୍ରକାନ୍ତ ପଣ୍ଡିତ। କାରଣ ୧୯୯୮ ରଣଜି ଟ୍ରଫିରେ ସେ ମଧ୍ୟ ପ୍ରଦେଶ ଦଳର ଅଧିନାୟକ ଥିଲେ। ତେବେ ଆଜି କୋଚ ଭାବେ ଏହି ବିଜୟକୁ ମନଭରି ଉପଭୋଗ କରିଛନ୍ତି। କୋଚ ଭାବେ ବିଦର୍ଭକୁ ୪ ଥର ରଣଜି ଟ୍ରଫି ଓ ଗୋଟିଏ ଥର ଇରାନି କପରେ ଚାମ୍ପିଅନ କରାଇଥିବା ବେଳେ ଚଳିତ ବର୍ଷ ମଧ୍ୟପ୍ରଦେଶକୁ ରଣଜି ଟ୍ରଫି ବିଜୟୀ କରାଇଛନ୍ତି। ସେହିପରି ମୁମ୍ବାଇର ସଫଳ ବ୍ୟାଟର ସର୍ଫରାଜ ଖାନ ଚଳିତ ବର୍ଷର ରଣଜି ଟ୍ରଫି କ୍ରିକେଟରେ ୪ ଶତକ ଓ ୨ ଅର୍ଦ୍ଧଶତକ ସହିତ ୬ ମ୍ୟାଚରେ ୧୨୨,୭୫ ହାରରେ ମୋଟ ୯୮୨ ରନ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଏହି ସଫଳତା ବଳରେ ସେ ଚଳିତ ବର୍ଷର ରଣଜି ଟ୍ରଫିରେ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି।

### ମୁଖ୍ୟମନ୍ତ୍ରୀ ଚୌହାନଙ୍କ ଅଭିନନ୍ଦନ



ଭୋପାଳ: ମଧ୍ୟପ୍ରଦେଶ ନୂଆ ଇତିହାସ ରଚିବା ସହିତ ପ୍ରଥମ ଥର ପାଇଁ ରଣଜି ଟ୍ରଫି କ୍ରିକେଟ ଟ୍ରଫି ହାସଲ କରି ଥିବାରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଚାମ୍ପିଅନ ଦଳକୁ ପ୍ରଶଂସା କରିବା ସହିତ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୪୧ ଥର ଚାମ୍ପିଅନ ତଥା ଟାଇଟଲ ଫେବରିଟ ମୁମ୍ବାଇକୁ ଫାଇନାଲରେ ପରାସ୍ତ କରିବା ସବୁଠାରୁ ବଡ ସଫଳତା। ଏଥିପାଇଁ ସମଗ୍ର ରାଜ୍ୟ ଆଜି ଅତି ଖୁସି ଓ ଗର୍ବ ଅନୁଭବ କରୁଛନ୍ତି। ଏଥି ସହିତ କୋଚ ଚନ୍ଦ୍ରକାନ୍ତ ପଣ୍ଡିତ ,ଦଳର ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବ ଓ ଦଳର ସମସ୍ତ ଖେଳାଳିଙ୍କୁ ବିଶେଷ ଧନ୍ୟବାଦ ଦେଇଛନ୍ତି। ବିଜୟୀ ଦଳ ଫେରିବା ପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ସହିତ ସମ୍ବର୍ଦ୍ଧିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଚୌହାନ କହିଛନ୍ତି। ସେହିପରି ବିସିସିଆଇ ସମ୍ପାଦକ ଜୟନ୍ତ ଶାହ ମଧ୍ୟ ରଣଜି ଟ୍ରଫି ଚାମ୍ପିଅନ ମଧ୍ୟପ୍ରଦେଶ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ରୋହିତ ଶର୍ମାଙ୍କୁ କରୋନା: ଭାରତକୁ ବଡ ଝଟ୍କା



ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ ଖେଳିବା ନେଇ ଆଶଙ୍କା

ଲଣ୍ଡନ: ଭାରତୀୟ କ୍ରିକେଟ ଦଳ ଅଧିନାୟକ ରୋହିତ ଶର୍ମା କରୋନାରେ ଆକ୍ରାନ୍ତ। ତେଣୁ ଆସନ୍ତା ଜୁଲାଇ ୧ ତାରିଖରୁ ବର୍ମିଂହାମରେ ଅନୁଷ୍ଠିତ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାରଣ କରୋନା ସଂକ୍ରମଣ ଯୋଗୁଁ ସେ ଅତି କମରେ ଛଅ ଦିନ ଏକାନ୍ତ ବାସରେ ରହିବାକୁ ପଡିବ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ମ୍ୟାଚ ଖେଳିବା ସମ୍ଭବ ହୋଇ ପାରିବ ନାହିଁ।ଶନିବାର ଦିନ ରୋହିତ ଶର୍ମାଙ୍କର ର୍ୟାପିଡ ଆଣ୍ଟିଜେନ ପରୀକ୍ଷା ପରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣା ପଡିଥିଲା। ବର୍ତ୍ତମାନ ସେ ଖେଳାଳି ରହୁଥିବା ହୋଟେଲରେ ଏକାନ୍ତବାସରେ ଅଛନ୍ତି ବୋଲି ବିସିସିଆଇ ସମ୍ପାଦକ ଜୟନ୍ତ ଶାହ ସୂଚନା ଦେଇଛନ୍ତି। ତେବେ ବିସିସିଆଇର ମେଡିକାଲ ଟିମ ରୋହିତଙ୍କର ଚିକିତ୍ସା ଜାରି ରଖିଥିବା ବେଳେ ସେ ଟେଷ୍ଟ ମ୍ୟାଚ ଆରମ୍ଭ ବେଳକୁ ସୁସ୍ଥ ହୋଇ ପାରିବେ କି ନାହିଁ ତାହା ପରେ ସ୍ପଷ୍ଟ ହେବ। ତେବେ ରୋହିତ ଖେଳିବା ସମ୍ଭବ ନ ହେଲେ ତାଙ୍କ ସ୍ଥାନରେ ଭେଟେରାନ ପେସ୍ ବୋଲର ଭୁବନେଶ୍ୱର କୁମାର କିମ୍ବା ୱିକେଟ କିପର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଭାରତୀୟ ଦଳର ନେତୃତ୍ୱ ନେବେ। ରୋହିତ ଶର୍ମା ଲିସେଷ୍ଟରଶାୟାର ବିପକ୍ଷ ଅଭ୍ୟାସ ମ୍ୟାଚର ପ୍ରଥମ ଦିନ ବ୍ୟାଟିଂ କରିଥିଲେ। ମାତ୍ର ଅସୁସ୍ଥ ଅନୁଭବ କରିବାରୁ ଦ୍ୱିତୀୟ ଦିନ ଖେଳିବାକୁ ଆସି ନ ଥିଲେ। ସେହିପରି ଭାରତର ଦ୍ୱିତୀୟ ଇନିଂସରେ ମଧ୍ୟ ସେ ବ୍ୟାଟିଂ କରି ପାରି ନ ଥିବା ବେଳେ ଶନିବାର ତାଙ୍କର କରୋନା ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସି ଥିଲା। ତେଣୁ ଶୀଘ୍ର କରୋନାରୁ ଆରୋଗ୍ୟ ହୋଇ ନ ପାରିଲେ ଏହି ଟେଷ୍ଟ ମ୍ୟାଚ ଖେଳି ପାରିବେ ନାହିଁ। ସୂଚନା ଯୋଗ୍ୟ ଯେ ଅନ୍ୟତମ ଓପନର କେଏଲ ରାହୁଲ ଆହତ ସମସ୍ୟା ନେଇ ଇଂଲଣ୍ଡ ଗସ୍ତରୁ ବାଦ ପଡିଥିବା ବେଳେ ଶୁବମନ ଗିଲଙ୍କ ସହିତ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ରୋହିତ ଶର୍ମା ଇନିଂସ ଓପନିଂ କରିବା ପାଇଁ ଯୋଜନା ହୋଇଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ ସମୟରେ ତାଙ୍କର ଏପରି ଅବସ୍ଥା ଭାରତୀୟ ଦଳ ପାଇଁ ଶକ୍ତ ଝଟକା ଲାଗିଛି। ପୁଣି ଥରେ ସୂଚାଇ ଦିଆ ଯାଇ ପାରେ ଯେ କରୋନା ଧୀରେଧୀରେ ହ୍ରାସ ପାଇ ଆସୁଥିବା ଦୃଷ୍ଟିରୁ ଚଳିତ ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ କୌଣସି ବାୟୋ -ବବଲ ବ୍ୟବସ୍ଥା କରା ଯାଇ ନ ଥିଲା। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ଗତ ବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଭାରତ-ଇଂଲଣ୍ଡ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚ ଶେଷ ସୁଦ୍ଧା ଭାରତ ୨-୧ରେ ଆଗୁଆ ଥିଲା। ତେବେ ପଞ୍ଚମ ଟେଷ୍ଟ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଭାରତୀୟ ଦଳର ପୂର୍ବତନ କୋଚ ରବି ଶାସ୍ତ୍ରୀ ଓ ଅନ୍ୟ ଦୁଇଜଣ କର୍ମକର୍ତ୍ତା କରୋନାରେ ଆକ୍ରାନ୍ତ ହେବାରୁ ଭାରତୀୟ ଦଳ ପଞ୍ଚମ ଟେଷ୍ଟ ଖେଳିବାକୁ ମନା କରି ଦେଇଥିଲେ। ଫଳରେ ଏହି ମ୍ୟାଚ ଚଳିତ ବର୍ଷକୁ ସ୍ଥଗିତ ରଖା ଯାଇଥିଲା।

## ଲିସେଷ୍ଟରଶାୟାର ବିପକ୍ଷ ଅଭ୍ୟାସ ମ୍ୟାଚ ଡ୍ର’

# କୋହଲି, ଆୟାର ଓ ଜାଡେଜାଙ୍କ ଦମ୍‌ଦାର୍ ବ୍ୟାଟିଂ





ଲିସେଷ୍ଟରଶାୟାର(ଇଂଲଣ୍ଡ): ଏଠାରେ ଚାଲିଥିବା ଲିସେଷ୍ଟରଶାୟାର କ୍ଲବ ବିପକ୍ଷ ଚାରି ଦିନିଆ ଅଭ୍ୟାସ କ୍ରିକେଟ ମ୍ୟାଚର ଶେଷ ଦିନ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ଭାରତ ୭ ୱିକେଟ ହରାଇ ୩୬୪ ରନ କରିଛି। ବିରାଟ କୋହଲି ବ୍ୟାଟିଂ ଫର୍ମକୁ ଫେରି ୯୮ ବଲରୁ ୫ ଚୌକା ଓ ୨ ଛକା ସହିତ ୬୭ ,ଶ୍ରେୟସ ଆୟାର ୧୧ ଚୌକା ସହିତ ୮୯ ବଲରୁ ୬୨ ଓ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ୧୦ ଚୌକା ବଳରେ ଅପରାଜିତ ୫୬ ରନ କରିଛନ୍ତି। ତେବେ ପ୍ରଥମ ଇନିଂସରେ ଖାତା ଖୋଲି ପାରି ନ ଥିବା ଭାରତୀୟ ଦଳର ଭେଟେରାନ ବ୍ୟାଟର ଦ୍ୱିତୀୟ ଇନିଂସରେ ବିଫଳ ହୋଇ ୫୩ ବଲରୁ କେବଳ ୨୨ ରନ କରି ଆଉଟ ହୋଇଛନ୍ତି। ଏହା ଏକ ଅଭ୍ୟାସ ମ୍ୟାଚ ହୋଇ ଥିବାରୁ ଭାରତୀୟ ଦଳର ୪ ବୋଲର ଲିସେଷ୍ଟରଶାୟାର ପକ୍ଷରୁ ଖେଳୁ ଥିବା ବେଳେ ଏମାନଙ୍କ ମଧ୍ୟରୁ ନବଦୀପ ସାଇନ ୫୫ ରନରେ ୩, କମଳେଶ ନାଗରକୋଟି ୪୮ ରନ ବିନିମୟରେ ୨ ଓ ଆର ସାଇ ୫୫ ରନରେ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଭାରତ ମୋଟ ୩୬୬ ରନରେ ଅଗ୍ରଣୀ ହୋଇ ଥିବା ବେଳେ ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଆସନ୍ତା ଜୁଲାଇ ୧ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗତ ବର୍ଷର ସ୍ଥଗିତ ଟେଷ୍ଟ ସିରିଜର ପଞ୍ଚମ ମ୍ୟାଚ ଅନୁଷ୍ଠିତ ହେବ।

## ନିରଜ ଚୋପ୍ରା ଓ ମିତାଲିଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା








ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ମନ କି ବାତ୍ କାର୍ଯ୍ୟକ୍ରମରେ ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ ଥ୍ରୋର ନିରଜ ଚୋପ୍ରା ଓ ମହିଳା କ୍ରିକେଟର ମିତାଲି ରାଜଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ବର୍ଷ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ଐତିହାସିକ ସ୍ୱଶର୍ଣ୍ଣ ପଦକ ଜିତିଥିବା ନିରଜ ଚୋପ୍ରା ନିଜର ସଫଳତା ଜାରି ରଖି ନିକଟରେ ଫିନଲାଣ୍ଡରେ ଅନୁଷ୍ଠିତ ପାଭୋ ନୁର୍ମି ଗେମ୍ସରେ ରୌପ୍ୟ ପଦକ ଜିତିବା ସହିତ ନିଜେ ପ୍ରତିଷ୍ଠା କରିଥିବା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଚଳିତ ଜୁନ ମାସ ୧୪ ତାରିଖ ଦିନ ଅନୁଷ୍ଠତ୍ ପାଭୋ ନୁର୍ମି ପ୍ରତିଯୋଗିତାରେ ୮୯.୩୦ ମିଟର ଥ୍ରୋ କରି ବଡ ସଫଳତା ହାସଲ କରିଛନ୍ତି। ଏହି ସଫଳତା ସହିତ ଗତ ବର୍ଷ ମର୍ଚ୍ଚ ମାସରେ ପତିଆଲା ଠାରେ ଅନୁଷ୍ଠିତ ଜାତୀୟ ମିଟରେ ୮୮.୦୭ ମିଟର ଥ୍ରୋ କରି ପ୍ରତିଷ୍ଠା କରିଥିବା ରେକର୍ଡ ଅତିକ୍ରମ କରିଥିଲେ। ସେହିପରି ୨୦୨୨ ଜୁନ ୧୮ ତାରିଖ ଦିନ ଫିନଲାଣ୍ଡରେ ଅନୁଷ୍ଠିତ କୋର୍ଟେନ ଗେମ୍ସରେ ୮୬.୬୯ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସୂଚନା ଯୋଗ୍ୟ ଯେ ଗତ ବର୍ଷ ଅଗଷ୍ଟ ୭ ତାରିଖ ଦିନ ଟୋକିଓ ଅଲିମ୍ପିକ୍ସରେ ୮୭.୫୮ ମିଟର ଥ୍ରୋ କରି ନିରଜ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆଥଲେଟିକ୍ସରେ ଏହା ଥିଲଶ ଅଲିମ୍ପିକ୍ସରେ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ। ତେଣୁ ଟୋକିଓ ଅଲିମ୍ପିକ୍ସ ପାରେ ପ୍ରଥମ ଥର ପାଇଁ ଫିନଲଣ୍ଡରେ ଅନୁଷ୍ଠିତ ଦୁଇ ପ୍ରତିଯୋଗିତାର ଜାଭେଲିନ ଥ୍ରୋ ଇଭେଣ୍ଟରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଥିବାରୁ ପ୍ରଧାନମନ୍ତ୍ରୀ ମୋଦି ତାରିଫ କରି କହିଛନ୍ତି ଯେ ନିରଜ ନିଜର ସଫଳତା ବଳରେ ଭାରତକୁ ଗର୍ବିତ କରିଛନ୍ତି। ସେହିପରି ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ମହିଳା କ୍ରିକେଟର ମିତାଲି ରାଜଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତର ଜଣେ ସଫଳ ମହିଳା କ୍ରିକେଟର ହେଉଛନ୍ତି ମିତାଲି। କ୍ରିକେଟରେ ତାଙ୍କର ଅପୂର୍ବ ସଫଳତା ଦେଶର ଆଗାମୀ ଓ ବର୍ତ୍ତମାନ ପିଢ଼ିର କ୍ରୀଡାବିତଙ୍କ ପାଇଁ ବଡ ପ୍ରେରଣାର ଉତ୍ସ ହୋଇ ରହିବ। ସେହିପରି ଯୁବ ପିଢ଼ିର ମହିଳା କ୍ରିକେଟର ମାନେ ତାଙ୍କର ପଦାଙ୍କ ଅନୁସରଣ କରି ପାରିଲେ ଭବିଷ୍ୟତରେ ନିଜକୁ ଜଣେ ବଡ ଖେଳାଳି ଭାବେ ପ୍ରତିଷ୍ଠିତ କରି ପାରିବେ। ସବୁଠାରୁ ଖୁସିର ବିଷୟ ହେଉଛି ଯେ ମିତାଲି ଭାରତ ପାଇଁ ୨୩୨ ଦିନିକିଆ ମ୍ୟାଚ ଖେଳି ୫୦.୬୮ ହାରରେ ୭୮୦୫ ରନ ,୧୨ ଟେଷ୍ଟରେ ୬୯୯ ରନ ଓ ୮୯ ଟି-୨୦ ମ୍ୟାଚ ଖେଳି ୨୩୬୪ ରନ ସଂଗ୍ରହ କରିଛନ୍ତି। ଜଣେ ମହିଳା କ୍ରିକେଟର ଭାବେ ମିତାଲିଙ୍କ ଏହି ସଫଳତା ଭାରତର ଯୁବ ପିଢ଼ି ଖେଳାଳିଙ୍କୁ ବିଶେଷ ଅନୁପ୍ରାଣିତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେହିପରି ନିକଟରେ ହରିୟାଣାରେ ଅନୁଷ୍ଠିତ ଖୋଲୋ ଇଣ୍ଡିଆ ଗେମ୍ସରେ ଦେଶର ବିଭିନ୍ନ ଦୁର୍ଗମ ଅଞ୍ଚଳର ଯୁବ କ୍ରୀଡାବିତଙ୍କ ସଫଳତାକୁ ମଧ୍ୟ ମୋଦି ପ୍ରଶଂସା କରିଛନ୍ତି।

## ରାଜ୍ୟସ୍ତରୀୟ ତାଇକୋଣ୍ଡୋ ରେଫରୀ କର୍ମଶାଳା

କଟକ ଭୁବନେଶ୍ୱର: କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସଠାରେ ୨୫ ଓ ୨୬ ଦୁଇ ଦିନ ଧରି ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ ଏବଂ ଓଡ଼ିଶା ତାଇକୋଣ୍ଡୋ ଟ୍ରେନିଂ ସେଣ୍ଟର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରେଫରୀ କୋର୍ସ ଓ ରିଫ୍ରେସର କୋର୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଅନ୍ତର୍ଜାତୀୟ ତାଇକୋଣ୍ଡୋ ଗ୍ରାଣ୍ଡ ମାଷ୍ଟର କ୍ଲାସ ୱାନ ରେଫରୀ ତଥା ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍ ସମ୍ପାଦକ ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଭାବାନ ବ୍ଲାକ ବେଲ୍ଟ କ୍ରୀଡ଼ାବିତ ଯୋଗ ଦେଇ ତାଇକୋଣ୍ଡୋ ଖେଳର ନୂତନ ନିୟମ ଓ ପ୍ରତିଯୋଗିତାର ପରିଚାଳନାର ନିୟମଗୁଡିକ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ। ଏହି କ୍ରୀଡ଼ାବିତମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାର ବିଚାରକଭାବେ ଅଂଶ ଗ୍ରହଣ କରିପାରିବେ। ଏହି କାର୍ମଶାଳାରେ ଯୋଗ ଦେଇଥିବା ପ୍ରତିଭାବାନ ବ୍ଲାକ ବେଲ୍ଟ କ୍ରୀଡ଼ାବିତମାନେ ହେଲେ ଲିଙ୍ଗରାଜ ପୃଷ୍ଟି, ଚନ୍ଦନ ସାହୁ, ପ୍ରଦୀପ କୁମାର କାଣ୍ଡି, ନିର୍ମଳ ଚନ୍ଦ୍ର ନାୟକ, ରଞ୍ଜିତ ବେହେରା, ସ୍ୱସ୍ତିକ କାନୁନଗୋ, ପ୍ରଫୁଲ୍ଲ ମାସନ୍ତ, ଟଙ୍କଧର ନାୟକ, ମନୋଜ ପାତ୍ର, ମାନସ ରଞ୍ଜନ ବାରିକ, ଦିଗବିଜୟ ବେହେରା, ବିଶ୍ୱରୂପା ପାତ୍ର,ସ୍ମୃତିଲକ୍ଷ୍ମୀ ନାୟକ, ସତ୍ୟବାନ ମହାପାତ୍ର, ସ୍ଥିତିପ୍ରଜ୍ଞା ଗିରି, ପ୍ରଦୀପ ପାତ୍ର, ଅମ୍ବିତ ହଂସଦା, ଜିତେନ୍ଦ୍ର ଓରାମ ଏବଂ କୃଷ୍ଣଚନ୍ଦ୍ର ଓରାମ ।

## ପେଟ୍ରା ଭିଟୋଭାଙ୍କୁ ଇଷ୍ଟବୋର୍ଣ୍ଣ ଟାଇଟଲ



ଲଣ୍ଡନ: ଚଳିତ ବର୍ଷର ସମ୍ମାନ ଜନକ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିଅନଶିପ ଆରମ୍ଭ ହେବା ପୂର୍ବରୁ ଚେକ ପ୍ରଜାତନ୍ତ୍ରର ମହିଳା ତାରକା ପେଟ୍ରା ଭିଟୋଭା ଏଠାରେ ଅନୁଷ୍ଠିତ ଇଷ୍ଟବୋର୍ଣ୍ଣ ଟେନିସ ଚାମ୍ପିଅନଶିପରେ ଟାଇଟଲ ହାସଲ କରି ମନୋବଳ ଦୃଢ଼ କରି ପାରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପେଟ୍ରା ଭିଟୋଭା ଲାଟଭିଆନର ପୂର୍ବତନ ଚାମ୍ପିଅନ ଜେଲେନା ଓସ୍ତାପେଙ୍କୋଙ୍କୁ ୬-୩,୬-୨ରେ ପରାସ୍ତ କରିଛନ୍ତି। ଏହା ତାଙ୍କ ଟେନିସ ଜୀବନର ପଞ୍ଚମ ଗ୍ରାସକୋର୍ଟ ଟାଇଟଲ। ଅନ୍ୟ ପକ୍ଷରେ ଦୁଇଥର ୱିମ୍ବଲଡନ ମହିଳା ସିଙ୍ଗଲ୍ସ ଚାମ୍ପିଅନ ପେଟ୍ରା ଭିଟୋଭା ଏହି ସଫଳତା ଦ୍ୱାରା ଉତ୍ସାହିତ ହୋଇ ଚଳିତ ସପ୍ତାହରେ ଏଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୱିମ୍ବଲଡନ ଗ୍ରାଣ୍ଡସ୍ଲାମରେ ଭଲ ପ୍ରଦର୍ଶନ କରିବା ବିଶ୍ୱାସ ରଖିଛନ୍ତି। ତେବେ ଚଳିତ ସିଜିନରେ ପେଟ୍ରା ଭିଟୋଭାଙ୍କର ଏହା ପ୍ରଥମ ଟାଇଟଲ ହାସଲ ହୋଇ ଥିବାରୁ ସେ ଅତି ଖୁସି ଅନୁଭବ କରୁଛନ୍ତି। ସେହିପରି ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ଟେଲର ଫ୍ରିଜ୍। ଫାଇନାଲରେ ସେ ମ୍ୟାକ୍ସିମେ କ୍ରେସିଙ୍କୁ ୬-୨,୬-୭ ଓ ୭-୬ରେ ପରାସ୍ତ କରି ଚଳିତ ସିଜିନରେ ଦ୍ୱିତୀୟ ଟାଇଟଲ ଅକ୍ତିଆର କରିଛନ୍ତି।

## ଏକ୍ସିଲେଣ୍ଟ କ୍ଲବ ସଦସ୍ୟଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ) : ଚୌଦ୍ୱାରର ୧୧ନଂ ୱାର୍ଡ ୩୦ବର୍ଷରୁ ଉର୍ଦ୍ଧ୍ୱ ଏକ୍ସିଲେଂଟ କ୍ଲବ ସଦସ୍ୟମାନଙ୍କ ମଧ୍ୟରେ ଆଜି ସ୍ଥାନୀୟ ଗୋପବନ୍ଧୁ ପଡିଆରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ଏହି କ୍ଲବର ସମସ୍ତ ସଦସ୍ୟ ବହୁ ଦୂରଦୂରାନ୍ତରେ ରହୁଥିବାବେଳେ କିଛି ବର୍ଷ ହେବ ବନ୍ଦ ପଡିଥିବା କ୍ଲବର କ୍ରିକେଟ ଖେଳକୁ ପୁନଃହବାର ଆରମ୍ଭ କରିବାପାଇଁ ଆଜିର ମ୍ୟାଚ ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ବୋଲି କ୍ଲବର ସଭାପତି ଟୁକୁ ପ୍ରଧାନ ପ୍ରକାଶ କରିଥିଲେ। ଏହି କ୍ଲବର କିଛି ସଦସ୍ୟ ସେନା କର୍ମଚାରୀଭାବେ କାର୍ଯ୍ୟ କରୁଥିବାବେଳେ ଆଜିର ମ୍ୟାଚ ଖେଳିବା ପାଇଁ ସେମାନେ ଛୁଟିରେ ଆସି କ୍ଲବର ଯୁବ ପିଢିଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି। ୩୦ବର୍ଷ ଚୌଦ୍ୱାରରେ ପ୍ରଥମ ଥର ପାଇଁ ଏହି କ୍ଲବ ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି ରାଜ୍ୟ ପାଇଁ ଖ୍ୟାତି ଅର୍ଜନ କରିଥିବା ସୁନାମ ଧନ୍ୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ବିପ୍ଳବ ସାମନ୍ତରାୟ ଭଳି ଆନ୍ତଃଜାତୀୟ ଖେଳାଳି କ୍ଲବ ଟୁର୍ଣ୍ଣାମେଂଟରେ ସାମିଲ ହୋଇ ନିଜର ଭାଗ୍ୟ ପରିକ୍ଷା କରିବା ସହ ସାରା ଦେଶ ପାଇଁ ଖ୍ୟାତି ଅର୍ଜନ କରିଆସିଛନ୍ତି। ଆଜି ଏହି ବନ୍ଧୁତାପୂର୍ଣ୍ଣ ମ୍ୟାଚରେ କ୍ଲବର ସିନିୟର ବନାମ ଜୁନିୟରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିନିୟର ଦଳ ନିର୍ଦ୍ଧାରୀତ ୧୫ଓଭର ମ୍ୟାଚ ଖେଳି ୮ୱିକେଟ ବିନିମୟରେ ୧୨୫ରନ୍ କରିଥିବାବେଳେ ଜୁନିୟର ଦଳ ମାତ୍ର ୩ୱିକେଟ୍ ବିନିମୟରେ ୧୨.୩ଓଭରରେ ଲକ୍ଷ ଧାର୍ଯ୍ୟକରି ବିଜୟ ହୋଇଥିଲେ। କ୍ଲବର ସଦସ୍ୟମାନଙ୍କ ମଧ୍ୟରୁ ସିନିୟର ଦଳକୁ ଭଞ୍ଜ କିଶୋର ସାହୁ ନେତୃତ୍ୱ ନେଇଥିବାବେଳେ ଅଶ୍ୱିନି ଜେନା ଜୁନିୟର ଦଳର ନେତୃତ୍ୱ ବହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଗେଶ୍ୱର ମଲ୍ଲ, ଅଶୋକ ପ୍ରଧାନ, ମନମଥ୍ ରାଉତ, ବାବୁନି ଶଣ୍ଢ, ସୁନିଲ ପଟ୍ଟନାୟକ, ଅଭୟ ସ୍ୱାଇଁ, ତରୁଣ ପ୍ରଧାନ, ପ୍ରସନ୍ନ ଦାସ, ପ୍ରଦୀପ ସାମନ୍ତରାୟ, ବିଶ୍ୱ ରଞ୍ଜନ କର, ସଞ୍ଜୟ ରାଉତ, ଭାନୁଶଙ୍କର ମିଶ୍ର, ଦିବ୍ୟ ରଞ୍ଜନ ବଳ, ଶୁଭ୍ରାଂଶୁ ସାହୁ, ଜାଫର ଅଲ୍ଲି ସାହା, ମାନସ ବେହେରା ଓ ତାପସ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଘରେ ଦୀପ ଜାଳିବା ଦ୍ୱାରା କେବଳ ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ ବରଂ ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଯାଏ। ଯଦି ଆପଣ ନିୟମିତ ପୂଜା କରିବାକୁ ସକ୍ଷମ ନୁହଁନ୍ତି, ତେବେ ପିତୃ ଦୋଷ, ବାସ୍ତୁ ଦୋଷ ଏବଂ ଗ୍ରହମାନଙ୍କର ଅଶୁଭ ପ୍ରଭାବକୁ କମ୍ କରିବା ପାଇଁ ପ୍ରତିଦିନ ଏକ ଦୀପ ଜାଳନ୍ତୁ। ଘରେ ଘିଅ କିମ୍ବା ତେଲର ଦୀପ ଜାଳିବା ଦ୍ୱାରା ଧାର୍ମିକ ଲାଭ ମିଳିଥାଏ। ଆସନ୍ତୁ ଜାଣିବା ଘରର କେଉଁ ସ୍ଥାନରେ ଦୀପ ଜାଳିବାର କ'ଣ ଲାଭ ହୋଇଥାଏ। କୁହାଯାଏ ଓସ୍ତ ଗଛରେ ପିତୃପୁରୁଷମାନେ ରୁହନ୍ତି। ତେଣୁ ପ୍ରତ୍ୟେକ ଦିନ ଓସ୍ତ ଗଛ ମୂଳରେ ଜଳ ଢାଳିବା ସହିତ ଘିଅର ଦୀପ ଜାଳିବା ଉଚିତ। ଏହା କରିବା ଦ୍ୱାରା ପିତୃପୁରୁଷମାନେ ଖୁସି ହୁଅନ୍ତି। ପିତୃପୁରୁଷଙ୍କ ଆଶୀର୍ବାଦ ପାଇବାକୁ, ଘରର ଦକ୍ଷିଣ ଦିଗରେ ଏକ ଦୀପ ଜାଳନ୍ତୁ। ଯେଉଁମାନେ ରୋଷେଇ ଘର ଚୁଲିର ଉଭୟ ପାର୍ଶ୍ୱରେ ଦୀପ ଜାଳନ୍ତି, ସେମାନଙ୍କର ଖାଦ୍ୟର ଅଭାବ ନଥାଏ। ଏହିପରି ଲୋକଙ୍କ ଘରେ ଅନ୍ନର ଭଣ୍ଡାର ରହିଥାଏ। ଶୁକ୍ରବାର ଦିନ ସନ୍ଧ୍ୟାରେ ଘରର ଐଶାନ୍ୟ କୋଣରେ ଘିଅର ଦୀପ ଜାଳିବା ଦ୍ୱାରା ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଦୀପରେ ଲାଲ୍ ରଙ୍ଗର ସୂତା ସହିତ କିଛି କେଶର ମିଶାଇ ଜାଳନ୍ତୁ। ଯଦି ଆପଣ ଦାରିଦ୍ର୍ୟରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତେବେ ଦକ୍ଷିଣ ଦିଗରେ ଏକ ତେଲ ଦୀପ ଜାଳନ୍ତୁ।

## ବଲିଉଡ୍‌ରେ କିଙ୍ଗ୍ ଖାନ୍‌ଙ୍କ ୩୦ ବର୍ଷ


ଶାହରୁଖ ଖାନ ଫିଲ୍ମ ଇଣ୍ଡଷ୍ଟ୍ରିରେ ତାଙ୍କର ୩୦ ବର୍ଷ ପୂରା କରିଛନ୍ତି। ଶାହରୁଖ ରାଜ କଓ୍ୱାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦିଓ୍ୱାନା' ଫିଲ୍ମରୁ କ୍ୟାରିୟର ଆରମ୍ଭ କରିଥିଲେ। ଏହି ଚଳଚ୍ଚିତ୍ରରେ ଦିବ୍ୟା ଭାରତୀ ଏବଂ ଋଷି କପୁର ତାଙ୍କ ସହ ମୁଖ୍ୟ ଭୂମିକାରେ ଥିଲେ। ଏହି ବିଶେଷ ଅବସରରେ କିଙ୍ଗ ଖାନ ତାଙ୍କ ପ୍ରଶଂସକଙ୍କୁ ତାଙ୍କର ଆଗାମୀ ଫିଲ୍ମ 'ପଠାନ୍'ର ମୋସନ ପୋଷ୍ଟରରେ ସେୟାର କରିଛନ୍ତି। ପୋଷ୍ଟରରେ ତାଙ୍କର ଗୋଟିଏ ହାତରେ ବନ୍ଧୁକ ଥିବାର ଦେଖିବାକୁ ମିଳିଛି। ଶାହରୁଖଙ୍କ ଏହି ଶକ୍ତିଶାଳୀ ଏବଂ ନୂଆ ଲୁକ୍‌କୁ ପ୍ରଶଂସକମାନେ ବହୁତ ପସନ୍ଦ କରୁଛନ୍ତି। ନିକଟରେ ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ମୋସନ ପୋଷ୍ଟର ସେୟାର କରି କ୍ୟାପସନ୍‌ରେ ଲେଖିଛନ୍ତି- '୩୦ ବର୍ଷ ଏବଂ ତୁମର ପ୍ରେମ ଏବଂ ହସ ଅସୀମ ବୋଲି ଗଣନା କରୁନାହିଁ । ପଠାନ୍ ସହିତ ଏହି ଯାତ୍ରା ଜାରି ରହିଛି। ୨୫ ଜାନୁୟାରୀ ୨୦୨୩ ରେ 'ଓ୍ୱାଇଆରଏଫ୍ ୫୦' ସହିତ 'ପଠାନ୍'କୁ ସେଲିବ୍ରେଟ୍ କରିବୁ । ଏହି ଚଳଚ୍ଚିତ୍ରଟି ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ରିଲିଜ୍ ହେବ। ପ୍ରଶଂସକମାନେ ଶାହରୁଖଙ୍କ ପୋଷ୍ଟକରେ ବିଭିନ୍ନ ପ୍ରକାରର କମେଣ୍ଟ କରୁଛନ୍ତି। ଅନ୍ୟପଟେ 'ପଠାନ'ର ଏହି ମୋସନ୍ ପୋଷ୍ଟରକୁ ଏପର୍ଯ୍ୟନ୍ତ ପ୍ରାୟ ୫ଲକ୍ଷ ଲାଇକ୍ ମିଳିଛି। ଶାହରୁଖ ଖାନ ପୁଣିଥରେ ଦୀପିକା ପାଦୁକୋନଙ୍କ ସହ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ଚଳଚ୍ଚିତ୍ର 'ପଠାନ'ରେ କାମ କରୁଛନ୍ତି। ଏହା ପୂର୍ବରୁ ଉଭୟ ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି। ଏହା ବ୍ୟତୀତ ଜନ୍ ଆବ୍ରାହାମଙ୍କୁ ମଧ୍ୟ ଏହି ପିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।





ସୂର୍ଯ୍ୟ ଏଠାରେ ଜମାବି ହୁଅନ୍ତି ନାହିଁ ଅସ୍ତ। ରାତି ମାତ୍ର ୪୦ ମିନିଟ୍ ହୋଇଥାଏ। ବାକି ସମୟରେ ହୋଇଥାଏ ଦିନ। ବିଶ୍ୱାସ ନହେଲେ ମଧ୍ୟ କଥାଟି ସତ । ବିଶ୍ୱର ଏଭଳି ବି ସ୍ଥାନ ରହିଛି। ଯେଉଁଠି ମାତ୍ର ୪୦ ମିନିଟ ପାଇଁ ହୋଇଥାଏ ରାତି। ଦିନସାରା ଲୋକ ଥକାପଣ ହଟାଇବା ପାଇଁ ରାତିର ଅପେକ୍ଷାରେ ରହିଥାନ୍ତି। ସୃଷ୍ଟିର ନିୟମ ଅନୁସାରେ ରାତିରେ ସମସ୍ତେ ବିଶ୍ରାମ ନେଇଥାନ୍ତି। କିନ୍ତୁ ଯେଉଁଠି ମାତ୍ର ୪୦ ମିନିଟ ପାଇଁ ରାତି ହୋଇଥାଏ ସେଠାକାର ଲୋକେ କିଭଳି ଚଳୁଥିବେ ତାହା ଆପଣ ଭାବି ପାରୁଥିବେ। ତେବେ ନରଓ୍ୱେର ହେମରଫେଷ୍ଟ ସହରରେ ମାତ୍ର ୪୦ ମିନିଟ ପାଇଁ ହୋଇଥାଏ ରାତି। ରାତି ୧୨ଟା ୪୩ରେ ସୂର୍ଯ୍ୟ ଅସ୍ତ ହେଉଥିବାବେଳେ ମାତ୍ର ୪୦ ମିନିଟରେ ପରେ ପୁଣିଥରେ ଉଦୟ ହୋଇଥାନ୍ତି। ବର୍ଷରେ ମେ'ରୁ ଜୁଲାଇ ପର୍ଯ୍ୟନ୍ତ ୭୬ଦିନ ସୂର୍ଯ୍ୟ ଅସ୍ତ ହୋଇନଥାନ୍ତି । ଯେଉଁଠି ନରଓ୍ୱେକୁ 'ଲ୍ୟାଣ୍ଡ ଅଫ୍ ମିଡ୍ ନାଇଟ୍ ସନ୍' ବୋଲି ମଧ୍ୟ କୁହାଯାଏ । ଦେଶର ପୂର୍ବରେ ସ୍ୱିଡେନ ଏବଂ ଉତ୍ତରରେ କିଛି ସ୍ଥାନ ଫିନଲ୍ୟାଣ୍ଡ ଏବଂ ଋଷିଆ ସୀମା ସହ ରହିଛି । ତେବେ ଏଠାକାର ପ୍ରାକୃତିକ ପରିବେଶ କିଛି ନିଆରା ରହିଥାଏ। ତେବେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠାରେ ରାତିରେ ମଧ୍ୟ ସୂର୍ଯ୍ୟ ଉଦୟ ହୋଇଥାନ୍ତି। ସ୍ୱିଡେନରେ ମଧ୍ୟ ମଧ୍ୟରାତ୍ରରେ ଦିନର ମଜା ନେଇପାରିବେ। ଏଠାରେ ମଧ୍ୟ ଅଧରାତିରେ ସୂର୍ଯ୍ୟଉଦୟ ହୋଇଥାନ୍ତି। ମେ ଆରମ୍ଭରୁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଅଧରାତିରେ

## ନରଓ୍ୱେର ହେମରଫେଷ୍ଟ ସହରରେ ୪୦ ମିନିଟ୍ ପାଇଁ ହୋଇଥାଏ ରାତି



ସୂର୍ଯ୍ୟ ଅସ୍ତ ହୋଇଥାନ୍ତି। ୟୁରୋପର ଆଇସଲ୍ୟାଣ୍ଡରେ ମଧ୍ୟ ମଧ୍ୟରାତ୍ରରେ ସୂର୍ଯ୍ୟ କିରଣ ମଜା ନେଇପାରିବେ। ୧୦ ମେ'ଠାରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ସୂର୍ଯ୍ୟଅସ୍ତ ହୋଇନଥାଏ। ଝରଣା, ପ୍ରାକୃତିକ ପରିବେଶରେ ଭରା ଏଠାକାର ସ୍ଥାନ ବେଶ ମନୋରମ ହୋଇଥାଏ। ସେପଟେ କାନାଡ଼ାର ମଧ୍ୟ କିଛି ଅଞ୍ଚଳରେ ଖରାଦିନେ ୫୦ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଅସ୍ତ ହୋଇନଥାନ୍ତି।

## ରହସ୍ୟମୟ କଣ୍ଢେଇ ଦ୍ୱୀପ




ମେକ୍ସିକୋ ସହରର ଦକ୍ଷିଣ ଭାଗରେ ଜୋଚିମିଲ୍‌କୋ କେନାଲ କଡ଼ରେ ରହିଥିବା କଣ୍ଢେଇ ଦ୍ୱୀପ (ସ୍ପେନୀୟ ଭାଷାରେ 'ଲା ଇସଲା ଡି ଲାସ ମୁନେକାସ') ସମ୍ପ୍ରତି ବିଶ୍ୱବ୍ୟାପୀ ପର୍ଯ୍ୟଟକମାନଙ୍କର ଅନ୍ୟତମ ଆକର୍ଷଣସ୍ଥଳୀ ପାଲଟିଛି। ସେଠାରେ ଦ୍ୱୀପ ସାରା ସମସ୍ତ କୋଠାବାଡ଼ି, ଖୁଣ୍ଟ ଓ ଗଛଡାଳ ଆଦି ବିଭିନ୍ନ ଭଙ୍ଗୀ ଏବଂ ଆକାରର କଣ୍ଢେଇମାନ ଝୁଲୁଥିବା ଦେଖାଯାଏ। ଏପରିକି ଦୀର୍ଘଦିନ ଧରି ଝୁଲି ରହିଥିବା ଏହି କଣ୍ଢେଇଗୁଡ଼ିକର ଚାରିପାଖେ ବୁଢ଼ିଆଣି ଜାଲ ମାଡ଼ି ଏକ ରହସ୍ୟମୟ ପରିବେଶର ଭ୍ରମ ସୃଷ୍ଟି କରିଥାଏ। ଏହି କଣ୍ଢେଇଗୁଡ଼ିକୁ ଉକ୍ତ ଦ୍ୱୀପର ପୂର୍ବତନ ମାଲିକ ଜୁଲିଆନ ସାଣ୍ଟାନା ଏପରି ସ୍ଥାନିତ କରିଥିବା ଜଣାଯାଏ। ୨୦୦୧ ମସିହାରୁ ବାରେରାଙ୍କର ଦେହାନ୍ତ ହୋଇ ଯାଇଥିବା ବେଳେ ସେ କଣ୍ଢେଇମାନଙ୍କୁ ଏମିତି ଝୁଲାଇବା ପଛରେ ଏକ ରୋଚକ କାରଣ ମଧ୍ୟ ରହିଛି। ବିଗତ ପଚାଶ ଦଶକରେ ଉକ୍ତ ଦ୍ୱୀପରେ ଜଣେ ବାଳିକାର ନିକଟ କେନାଲ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିଲା। ତେବେ ତାହାକୁ ବଞ୍ଚାଇ ପାରିନଥିବା ଦୁଃଖରେ ଏବଂ ତାହାରି ସ୍ମୃତିରେ ବାରେରା ଏପରି ବାଳିକା କଣ୍ଢେଇମାନଙ୍କୁ ଦ୍ୱୀପ ସାରା ଝୁଲାଇ ରଖିବାକୁ ନିଷ୍ପତ୍ତି ନେଇଥିଲେ। ସେ ଯେତେବେଳେ ଦ୍ୱୀପ ବାହାରକୁ ଯାଆନ୍ତି ନୂଆ ନୂଆ କଣ୍ଢେଇ ଆ।ଣି ଗଛ ଡାଳରେ ଟାଣି ଦେଇଥାନ୍ତି। ବର୍ଷା, ପବନ ଓ ଧୂଳିମାଡ଼ରେ କଣ୍ଢେଇଗୁଡ଼ିକ କ୍ରମେ କିଂଭୂତକିମାକାର ହେବା ଆରମ୍ଭ କରିଥିଲେ।

କାହାର ପାଦ ନାହିଁ ତ କାହାର ଡେଣା ନାହିଁ, କାହାର ଆଖି କୋରଡ଼ ଭିତରେ କାହାର ପାଟି ଗୁମ୍ଫା ପରି, ଏପରି କଣ୍ଢେଇଗୁଡ଼ିକ ଅତ୍ୟନ୍ତ ବିକୃତ ଓ ବୀଭତ୍ସ ମଧ୍ୟ ଦେଖାଯାଉଛନ୍ତି। ତେବେ ସେଗୁଡ଼ିକ ଅସ୍ୱାଭାବିକ ଅବସ୍ଥାରେ ଅଦ୍ୟାବଧି ଝୁଲି ରହି ଏକ ନିଆରା ରହସ୍ୟମୟ ଅନୁଭବ ଆଣିଥାଏ।



## ଭୁଲ୍ ସୁଧାରିଛି, ଓଜନ କମାଇଛି



ଓଜନ ବୃଦ୍ଧି ପାଇବା ଆଜିକାଲିକା ସମୟ ପାଇଁ ଏକ ଅତି ସାଧାରଣ କଥା ପାଲଟି ଯାଇଛି। ବ୍ୟସ୍ତବହୁଳ ଜୀବନରେ ଆମେ ନିଜ ସ୍ୱାସ୍ଥ୍ୟକୁ ଅବହେଳା କରୁଛୁ। ଯେଉଁ କାରଣରୁ ଓଜନ ହ୍ରାସ ପାଇବାକୁ ଆଦୌ ସମୟ ହୋଇନଥାଏ। କିନ୍ତୁ ଏପରି ଜଣେ ଯୁବତୀ ଅଛନ୍ତି ଯାହାଙ୍କ ଓଜନ ୧୩୩ କିଲୋ ଥିଲା। ସେ ଏବେ ୩୭ କିଲୋ ଓଜନ ହ୍ରାସ କରି ଏକ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ଯୁବତୀଙ୍କ ନାମ ବିଧି ପେ। ବୃତ୍ତିରେ ସେ ଜଣେ ଫଟୋଗ୍ରାଫର। ତାଙ୍କୁ ୨୬ ବର୍ଷ ବୟସ। ପୂର୍ବରୁ ତାଙ୍କ ଓଜନ ୧୩୩ କିଲୋ ଥିବା ବେଳେ ସେ ଓଜନ ହ୍ରାସ କରି ଏବେ ୯୬ କିଲୋର ହୋଇ ଯାଇଛନ୍ତି। ସେ ଆହୁରି ୩୦ କିଲୋ ଓଜନ କମାଇବାର ଆଶା ରଖିଛନ୍ତି। ବିଧି ଆଜ୍‌ତକ୍ ସହ କଥା ହୋଇ କହିଛନ୍ତି କି ଭୁଲ୍‌ଭାଲ୍ ଖାଦ୍ୟ ପାଇଁ ହିଁ ତାଙ୍କ ଓଜନ ଏପରି ବୃଦ୍ଧି ପାଇଛି। ସେ ଭୁଲ୍‌କୁ ସେ ଏବେ ସୁଧାରିବାର ନିଷ୍ପତ୍ତି ନେଇଛନ୍ତି। ସେ ୨୦୨୦ ମସିହାରୁ ତାଙ୍କର ଫିଟ୍‌ନେସ୍ ଯାତ୍ରା ଆରମ୍ଭ କରିଛନ୍ତି। ସେ ନିଜକୁ ଫିଟ୍ କରିବା ପାଇଁ ତାଙ୍କ କୋଚ୍ ବିଜୟ ଟାମ୍ବିଙ୍କ ସହ ମିଶି ଡାଏଟ୍-ଓ୍ୱାର୍କଆଉଟ୍ ଚାର୍ଟ ପ୍ରସ୍ତୁତ କରିଥିଲେ, ଯାହାକି ତାଙ୍କୁ ଫଳ ପ୍ରଦାନ କରିଛି। ବିଧି ବ୍ୟାୟାମ ଆରମ୍ଭ କରିବା ପୂର୍ବରୁ ୧୦୦ ଗ୍ରାମ୍‌ର କଦଳୀ ଓ ବ୍ଲାକ୍ କଫି ନେଇଥାନ୍ତି। ସକାଳ ଜଳଖିଆରେ ୨ଟା ଅଣ୍ଡା, ୨ଟା ପାଉଁରୁଟି, ୧୫ ଗ୍ରାମ୍ ବଟର ଓ ୧ କପ୍ ଚା ପିଇଥାନ୍ତି। ସେହିପରି ମଧ୍ୟାହ୍ନରେ ୧୦୦ ଗ୍ରାମ୍ ଚିକେନ, ୧୦୦ ଗ୍ରାମ୍ ଆଳୁ ସିଝା ଓ ୧୦୦ ଗ୍ରାମ୍ କ୍ଷୀର ଗ୍ରହଣ କରିଥାନ୍ତି ଓ ଶେଷରେ ରାତ୍ର ଭୋଜନରେ ୧୦୦ ଗ୍ରାମ୍ ଭାତ, ଅଧା ଗିନା ଡାଲି, ତରକାରୀ ଓ ପନିର ଖାଇଥାନ୍ତି।

## ଗ୍ରହରେ ପାଣି ବଦଳରେ ହୁଏ ପଥର ବର୍ଷା

ବର୍ତ୍ତମାନ ସମୟରେ ବିଜ୍ଞାନ ଏତେ ବିକାଶ କରିଛି ଯେ, କଠିନରୁ କଠିନ କାମ ମଧ୍ୟ ସହଜ ହୋଇଯିବ। ବିଜ୍ଞାନର ବିକାଶ କାରଣରୁ ବୈଜ୍ଞାନିକଙ୍କୁ ସୌରମଣ୍ଡଳର ଦୂରରେ ଥିବା ଗ୍ରହକୁ ଖୋଜିବାରେ ମଧ୍ୟ ସହଜ କରିନେଇଛି। ଉନ୍ନତ ଟେକ୍ନୋଲୋଜି ଓ ମହାକାଶରେ ହବଲ ଭଳି ଟେଲିସ୍କୋପର ସାହାଯ୍ୟରେ ବୈଜ୍ଞାନିକମାନେ ଏଭଳି ଅଦ୍ଭୁତ ଗ୍ରହ ଖୋଜିଛନ୍ତି, ଯାହା ବିଷୟରେ ଖୋଜି ବାହାର କରିବା କଷ୍ଟକର ଥିଲା। ବୈଜ୍ଞାନିକମାନେ କିଛି ଦିନ ପୂର୍ବରୁ ଏଭଳି ଅଦ୍ଭୁତ ଗ୍ରହକୁ ଖୋଜି ବାହାର କରିବା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବେ। ଏହା ଭିତରୁ ଗୋଟିଏ ଏଭଳି ଗ୍ରହ ରହିଛି ଯେଉଁଠି ପଥର ତରଳିବା ପରେ ବର୍ଷା ହୋଇଥାଏ, ସେଭଳି ଆଉ ଏକ ଗ୍ରହରେ ଟାଇଟାନିୟମ୍ ଭଳି ଧାତୁ ମଧ୍ୟ ବାମ୍ପ ପାଲଟି ଯାଇଥାଏ। ବୈଜ୍ଞାନିକମାନେ ଯେଉଁ ରହସ୍ୟମୟୀ ଦୁନିଆରେ ଦୁଇଟି ଗ୍ରହକୁ ଖୋଜିଛନ୍ତି, ସେହି ଦୁଇଟିର ଆକାର ଗୁରୁ ଗ୍ରହର ସମାନ ଥିଲା। ଏହି ଦୁଇଟି ଆମର ମିଲ୍‌କି ଓ୍ୱେ ଗାଲାକ୍ସିରେ ନିଜର ତାରାର ପାଖରେ ରହିଛି। ଏହି ଦୁଇଟି ଗ୍ରହ ତାରାର ଏତେ ପାଖରେ ରହିଛି ଯେ, ଅଧିକ ତାପମାତ୍ରା କାରଣରୁ ଗରମ୍ ହୋଇଯାଇଥାଏ। ଏହି ଗ୍ରହ ଉପରେ ବାଷ୍ପିକୃତ ପଥର ବର୍ଷା ହେବା ଓ ଦ୍ୱିତୀୟଟିରେ ଟାଇଟାନିୟମ୍ ଭଳି ଶକ୍ତିଶାଳୀ ଧାତୁ ମଧ୍ୟ ବାମ୍ପ ହେବାର କାରଣରୁ ଅଧିକ ତାପମାତ୍ରା ରହିଥାଏ। ବୈଜ୍ଞାନିକମାନେ ଦୁଇଟି ଷ୍ଟଡିରେ ଏହି ଦୁଇଟି ରହସ୍ୟମୟୀ ଗ୍ରହ ବିଷୟରେ ବିସ୍ତାର ଭାବରେ କହିଛନ୍ତି। ଏବେ ଏଥିରେ ବୈଜ୍ଞାନିକମାନେ ଆମର ଆକାଶଗଙ୍ଗାରେ ବ୍ୟାପିଥିବା ବିବିଦ୍ଧତା, ଜଟିଳତା ଓ ଅଦ୍ଭୁତ ରହସ୍ୟ ବିଷୟରେ ଜାଣି ପାରିବେ। ବାହ୍ୟଗ୍ରହରୁ ବ୍ରହ୍ମାଣ୍ଡରେ ଗ୍ରହର ତନ୍ତ୍ରରେ ବିକଶିତ ହେବାର ବିବିଧତା ବିଷୟରେ ସୂଚନା ମିଳୁଛି।



ନେଚର ଜର୍ଣ୍ଣାଲରେ ପ୍ରକାଶିତ ଷ୍ଟଡି ଅନୁସାରେ, ବୈଜ୍ଞାନିକମାନେ ହବଲ ସ୍ପେସ୍ ଟେଲିସ୍କୋପ୍ ମାଧ୍ୟମରେ ପୃଥିବୀରୁ ୧୩୦୦ ପ୍ରକାଶ ବର୍ଷ ଦୂରରେ ଥିବା ଡବ୍ଲୁଏଏସ୍‌ପି-୧୭୮ବି କୁ ଦେଖିଛନ୍ତି। ଏହାକୁ ଯେଉଁଠି ଦେଖାଯାଏ ସେଠାରେ ବାୟୁମଣ୍ଡଳରେ ସିଲିକନ୍ ମୋନୋଅକ୍ସାଇଡ୍ ଗ୍ୟାସ୍ କରିଥାଏ। ରିସର୍ଚ୍ଚରମାନେ କହିଛନ୍ତି ଯେ, ଏହି ଗ୍ରହରେ ଦିନରେ ବାଦଲ ନଥାଏ, କିନ୍ତୁ ରାତିରେ ଦୁଇ ହଜାର ମାଇଲ୍ ପ୍ରତି ଘଣ୍ଟା ବେଗରେ ପବନ ଚାଲିଥାଏ। ଏହି ରିସର୍ଚ୍ଚରେ କୁହାଯାଇଛି ଯେ, ଗ୍ରହଟି ନିଜର ତାରର ଖୁବ୍ ନିକଟରେ ରହିଛି। ଗ୍ରହର ଦ୍ୱିତୀୟ ପଟେ ଓ ସିଲିକନ୍ ମନୋଅକ୍ସାଇଡ୍ ଏତେ ପରିମାଣରେ ଥଣ୍ଡା ହୋଇଯାଇଥାଏ ଯେ, ତା କାରଣରୁ ବାଦଲରୁ ପାଣି ବଦଳରେ ପଥର ବର୍ଷା ହୁଏ। ସକାଳେ ଓ ସନ୍ଧ୍ୟାରେ ଗ୍ରହଟି ଏତେ ଅଧିକ ଗରମ ହୋଇଯାଏ ଯେ, ପଥରକୁ ମଧ୍ୟ ବାମ୍ପରେ ପରିଣିତ କରିଦେଇଥାଏ। ବୈଜ୍ଞାନିକମାନେ କହିଛନ୍ତି, ପ୍ରଥମ ଥର ସିଲିକନ୍ ମନୋଅକ୍ସାଇଡକୁ ଏଭଳି ରୂପରେ ଦେଖାଯାଉଛି।

## ବହୁଭାଷୀ ଫିଲ୍ମରେ ଉର୍ବଶୀ

ସିନେ ଦୁନିଆରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ଅଭିନେତ୍ରୀ ଉର୍ବଶୀ ରୌତେଲା। ନିକଟରେ ଶେଷ ହୋଇଥିବା କାନ୍ ଫିଲ୍ମ ମହୋତ୍ସବରେ ସେ ରେଡ୍ କାର୍ପେଟ୍‌କୁ ଓହ୍ଲାଇଥିଲେ। ନିଜର ଦମ୍‌ଦାର ଲୁକ୍ ଜରିଆରେ ଦର୍ଶକଙ୍କୁ ସେ ମତୁଆଲା କରିଥିଲେ। ଏବେ ପୁଣି ଥରେ ନିଜର ଚମତ୍କାର ଲୁକ୍ ଜରିଆରେ ଫ୍ୟାନ୍‌ଙ୍କ ହୃଦୟ ଜିତିଛନ୍ତି । ପ୍ରଥମ ତାମିଲ ଫିଲ୍ମ 'ଦ ଲିଜେଣ୍ଡ'ର ଟ୍ରେଲର ଲଞ୍ଚ୍ ସମୟରେ ଉର୍ବଶୀ କାଞ୍ଜିବରମ୍ ଶାଢ଼ିରେ ମଞ୍ଚକୁ ଓହ୍ଲାଇଥିଲେ। ପାରମ୍ପରିକ ପୋଷାକ ସହିତ ଗହଣା ତାଙ୍କ ଲୁକ୍‌କୁ ବହୁଗୁଣିତ କରୁଥିଲା। ଭାରତୀୟ ହେଉ ବା ପାଶ୍ଚାତ୍ୟ, ସେ ସର୍ବଦା ନିଜ ବ୍ୟକ୍ତିତ୍ୱର ପରିପ୍ରକାଶ କରିଛନ୍ତି । ଟ୍ରେଲର ଲଞ୍ଚ୍‌ରେ ୫୦ ହଜାର ଲୋକଙ୍କ ସମ୍ମୁଖରେ ଉର୍ବଶୀ ପ୍ରଦର୍ଶନ କରିଥିଲେ। 'ଦ ଲିଜେଣ୍ଡ' ଅନ୍ୟତମ ବହୁଭାଷୀ ଫିଲ୍ମ, ଯାହା ୨୦୦ କୋଟି ବଜେଟ୍‌ରେ ପ୍ରସ୍ତୁତ ହୋଇଛି। ଏହି ଫିଲ୍ମ ଜରିଆରେ ବହୁଭାଷୀ ଫିଲ୍ମରେ ଅଭିନୟ କରିବାର ସ୍ୱପ୍ନ ପୂରଣ ହୋଇଛି ବୋଲି ଟ୍ରେଲର ଲଞ୍ଚ୍ ସମୟରେ ଉର୍ବଶୀ କହିଛନ୍ତି। ଫିଲ୍ମରେ ପ୍ରେମ, ହାସ୍ୟରସ, ଆକ୍ସନ୍ ସମେତ ଅନେକ ଟ୍ୱିଷ୍ଟ ରହିଛି। ଏଥିରେ ଉର୍ବଶୀ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ଭୂମିକା ନିର୍ବାହ କରିଛନ୍ତି। ଶିକ୍ଷା ପଦ୍ଧତି ବିଷୟରେ ଏକ ବାର୍ତ୍ତା ମଧ୍ୟ ଏହି ଫିଲ୍ମ ଲୋକଙ୍କୁ ଦେଉଛି ବୋଲି ସେ କହିଛନ୍ତି। ଟ୍ରେଲର ଲଞ୍ଚ୍ ଅବସରରେ ଉର୍ବଶୀ ତାମିଲନାଡୁର ପାରମ୍ପରିକ ପୋଷାକ କାଞ୍ଜିବରମ୍ ଶାଢ଼ିକୁ ଚୟନ କରିଥିଲେ, ଯାହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତିନିଧିତ୍ୱ କରେ। ବିଶ୍ୱସ୍ତରରେ ଅନେକ କୃତିତ୍ୱ ହାସଲ କରି ଉର୍ବଶୀ ସର୍ବଦା ଲାଇମ୍‌ଲାଇଟ୍‌ରେ ରହିଛନ୍ତି । ନିକଟରେ ସ୍ମାଇଲ୍ ଟ୍ରେନ୍ ଫାଉଣ୍ଡେସନ୍ ପାଇଁ ସେ ପ୍ରଥମ ବିଶ୍ୱସ୍ତରୀୟ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ ହୋଇଛନ୍ତି।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**

Chief Editor: Pradosh Pattanaik